# ଧରିତ୍ରୀ
# DHARITRI


ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୦/୨୦୧୯ (୧୬ ପୃଷ୍ଠା) Bhubaneswar, Sunday, February 10/ 2019 (ଛୁଟିଦିନ ସହ) ★★★★

୪୫ଶ ଭାଗ ୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






ପଡୋଶୀ ଦେଶର ବିରୋଧ ଯୋଗୁ ସମ୍ବେଦନଶୀଳ ସୀମାନ୍ତ ରାଜ୍ୟରେ ବିଦେଶୀ ପୁଞ୍ଜିନିବେଶ ହୋଇପାରୁନାହିଁ।
–ପେମା ଖଣ୍ଡୁ, ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଇଡିରେ ତୃତୀୟଥର ହାଜର ହେଲେ ଭଦ୍ରା



ନୂଆଦିଲ୍ଲୀ,୯।୨(ପି.ଟି.): ମନି ଲଣ୍ଡରିଂ ମାମଲାରେ ତଦନ୍ତରେ ସହଯୋଗ କରିବାକୁ ଯାଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ଶନିବାର ସ୍ଥାନୀୟ ଜାମନଗର ହାଉସଠାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ବିଦେଶରେ ବେଆଇନ ସମ୍ପତ୍ତି କାରବାରରେ ତାଙ୍କର ସମ୍ପୃକ୍ତି ନେଇ ଇଡି ଫେବୃୟାରୀ ୬ରେ ସାଢ଼େ ୫ ଘଣ୍ଟା ଓ ୭ରେ ପାଖାପାଖି ୯ ଘଣ୍ଟା ଧରି ତାଙ୍କୁ ଜେରା କରିଥିବା ବେଳେ ଭଦ୍ରା ତୃତୀୟ ଥର ଇଡି ତଦନ୍ତର ସମ୍ମୁଖୀନ ହୋଇଛନ୍ତି। ଲଣ୍ଡନରେ ଏକାଧିକ କୋଠା ସହ ତାଙ୍କ ମାଲିକାନାରେ ଥିବା ଲଣ୍ଡନର ୧୨, ବ୍ରିୟାନ୍‌ଷ୍ଟନ ସ୍କୋୟାରସ୍ଥିତ ୧.୯ ବିଲିୟନ ଜମି କ୍ରୟରେ ଅର୍ଥ ଠକେଇ ଅଭିଯୋଗ ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଦଲିଲ ସେ ତଦନ୍ତକାରୀ ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି। ଅର୍ଥ ଠକେଇ ନିରୋଧୀ ଆଇନ ଧାରା ୫୦ ଅନ୍ତର୍ଗତ ଭଦ୍ରାଙ୍କ ବୟାନ ରେକର୍ଡ କରାଯାଉଥିବା ତଦନ୍ତକାରୀ ଅଫିସର କହିଛନ୍ତି।

### ମଦ ମୃତ୍ୟୁସଂଖ୍ୟା ୮୨

ହରିଦ୍ୱାର/ଶାହାରନପୁର,୯।୨(ପି.ଟି.): ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁସଂଖ୍ୟା ୮୨ରେ ପହଞ୍ଚିଛି। ଅପମିଶ୍ରିତ ମଦ ପିଇ ଗୁରୁତର ଅସୁସ୍ଥ ଏକାଧିକ ସ୍ଥାନୀୟ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବାବେଳେ ମିରଟରୁ ୧୮, ଶାହାରନପୁରରୁ ୩୬, ରୁଡ଼କି ଏବଂ କାଶୀନଗର ଅଞ୍ଚଳରୁ ଯଥାକ୍ରମେ ୨୦ ଓ ୮ଜଣଙ୍କ ମୃତ୍ୟୁ ଘଟିଛି। ସାହାରନପୁରରୁ ୩୦ ବିଷାକ୍ତ ଦେଶୀ ମଦ ପାଉଚ୍ କିଣାଯାଇଥିବା ପୋଲିସ କହିଛି।

# ମୋଦିଙ୍କ ଗସ୍ତକୁ ବିରୋଧ

## ଅରୁଣାଚଳକୁ ନେଇ ଆପତ୍ତି ଉଠାଇଲା ଚାଇନା

ବେଜିଂ/ନୂଆଦିଲ୍ଲୀ,୯।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅରୁଣାଚଳପ୍ରଦେଶ ଗସ୍ତକୁ ଚାଇନା ଜୋରଦାର ବିରୋଧ କରିଛି। ସମ୍ବେଦନଶୀଳ ସୀମାନ୍ତ ରାଜ୍ୟକୁ ଏହା କଦାପି ସ୍ୱୀକୃତି ଦେଇନାହିଁ। ସୀମାନ୍ତ ପ୍ରସଙ୍ଗକୁ ଜଟିଳ କଲା ଭଳି ଯେକୌଣସି କାର୍ଯ୍ୟରୁ ଭାରତୀୟ ନେତୃତ୍ୱ ଦୂରେଇ ରହିବା ଉଚିତ ବୋଲି ଚାଇନା କହିଛି। ଅନ୍ୟ ପକ୍ଷରେ ଭାରତ ଏହାର କଡ଼ା ଜବାବ ରଖିଛି। ଚାଇନାର ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି



ବହିର୍ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି, ଅରୁଣାଚଳ ପ୍ରଦେଶ ଭାରତର ଅବିଭାଜ୍ୟ ଓ ଅବିଚ୍ଛେଦ୍ୟ ଅଙ୍ଗ। ଏ ସମ୍ପର୍କରେ ଚାଇନାକୁ ଏକାଧିକ ବାର ଜଣାଇ ଦିଆଯାଇଛି। ଭାରତର ଅନ୍ୟ ଭାଗ ଭଳି ଅରୁଣାଚଳପ୍ରଦେଶକୁ ନେତାମାନେ ବାରମ୍ବାର ଗସ୍ତ କରୁଛନ୍ତି ବୋଲି ବହିର୍ବ୍ୟାପାର ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି।

ପ୍ରଧାନମନ୍ତ୍ରୀ ଶନିବାର ଅରୁଣାଚଳପ୍ରଦେଶ ଗସ୍ତରେ ଯାଇ ୪୦୦୦ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଇଟାନଗରସ୍ଥିତ ଆଇଜି ପାର୍କଠାରେ ଅନୁଷ୍ଠିତ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ସୀମାନ୍ତ ରାଜ୍ୟକୁ ଦେଶର ଅନ୍ୟ ଭାଗ ସହ ସଂଯୋଗ ଲାଗି ଜାତୀୟ ରାଜପଥ, ରେଳପଥ ଏବଂ ବିମାନ ସଂଯୋଗ ତଥା ବିଦ୍ୟୁତ ସ୍ଥିତିର ବିକାଶ ଉପରେ ତାଙ୍କ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛି। ପୂର୍ବ ସରକାରରେ ଏହି ସୀମାନ୍ତ ରାଜ୍ୟକୁ ଅବହେଳା କରାଯାଇଥିବା ସେ କହିଥିଲେ। ଅରୁଣାଚଳ ଏବଂ ସମଗ୍ର ଉତ୍ତରପୂର୍ବାଞ୍ଚଳର ବିକାଶ ହୋଇପାରିଲେ ଭାରତ ବିକଶିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ମୋଦିଙ୍କ ଗସ୍ତ ଉପରେ ପ୍ରଶ୍ନ ଉଠାଇ ଚାଇନା ବହିର୍ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ହୁଆ ଚୁନିଙ୍ଗ୍ କହିଥିଲେ, ଭାରତ-ଚାଇନା ସୀମା ପ୍ରଶ୍ନକୁ ନେଇ ବେଜିଂର ଆଭିମୁଖ୍ୟ ସ୍ଥିର ଏବଂ ସ୍ପଷ୍ଟ। ତଥାକଥିତ ଅରୁଣାଚଳପ୍ରଦେଶକୁ ଚାଇନା ସରକାର କଦାପି ସ୍ୱୀକୃତି ଦେଇନାହାନ୍ତି। ଚାଇନା-ଭାରତ ସୀମାର ଏହି ପୂର୍ବ ଭାଗକୁ କୌଣସି ଭାରତୀୟ ନେତାଙ୍କ ଗସ୍ତର ବେଜିଂ ଦୃଢ଼ ବିରୋଧ କରିଆସୁଛି। ଉଭୟ ଦେଶର ସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଚାଇନାର ସ୍ୱାର୍ଥ ତଥା ଉଦ୍‌ବେଗକୁ ସମ୍ମାନ ଦେଇ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଆଗେଇ ନେବାକୁ ହେଲେ ସୀମାନ୍ତକୁ ନେଇ ବିବାଦ ସୃଷ୍ଟି ହେବା ଭଳି କୌଣସି କାର୍ଯ୍ୟରୁ ନୂଆଦିଲ୍ଲୀ ଦୂରେଇ ରହୁ ବୋଲି ଚୁନିଙ୍ଗ୍ କହିଛନ୍ତି। ସୂଚନାଯୋଗ୍ୟ, ଅରୁଣାଚଳ ପ୍ରଦେଶକୁ ଚାଇନା ଦକ୍ଷିଣ ତିବ୍ବତର ଅଂଶବିଶେଷ ଦାବି କରିଆସୁଛି। ଦୁଇ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ୨୧ଥର ଆଲୋଚନା ହୋଇସାରିଲାଣି। ଦୁଇ ଦେଶ ମଧ୍ୟରେ ୩୪୮୮ କିଲୋମିଟର ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖା ରହିଛି। ଅରୁଣାଚଳପ୍ରଦେଶକୁ ଭାରତୀୟ ନେତାଙ୍କ ଗସ୍ତକୁ ଚାଇନା କ୍ରମାଗତ ଭାବେ ବିରୋଧ କରିଆସୁଛି।



ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ବିରୋଧ କରି କଳା ବେଲୁନ ଉଡାଉଛନ୍ତି ।

## ଆସାମରେ ଉଲଗ୍ନ ପ୍ରତିବାଦ

ଗୁଆହାଟୀ,୯।୨(ପି.ଟି.): ପ୍ରଧାନମନ୍ତ୍ରୀଙ୍କ ଆସାମ ଗସ୍ତର ଦ୍ୱିତୀୟ ଦିନରେ ଶନିବାର ବିବାଦୀୟ ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ବିରୋଧ କରି ଉଲଗ୍ନ ପ୍ରତିବାଦ କରାଯିବା ସହ କଳାପତାକା ପ୍ରଦର୍ଶନ, କୁଶ ପୁତ୍ତଳିକା ଦାହ ଏବଂ ବନ୍ଦ ପାଳନ କରାଯାଇଥିଲା। ଜନତା ଭବନ ସମ୍ମୁଖରେ ଉଲଗ୍ନ ହୋଇ ପ୍ରତିବାଦ କରୁଥିବା କୃଷି ମୁକ୍ତି ସଂଗ୍ରାମ ସମିତି (କେଏମ୍‌ଏସ୍‌ଏସ୍)ର ୬ ଜଣ କର୍ମୀଙ୍କୁ ପୋଲିସ ଗିରଫ କରିଛି। ସେହିପରି ତାଇ ଅହୋମ ଯୁବ ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯାଇ ରାଜ୍ୟରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ତିନ୍‌ସୁକିଆ, ଦିବ୍ରୁଗଡ଼, ଶିବସାଗର, ଲକ୍ଷ୍ମୀପୁର ଏବଂ ଜୋରହାଟ ଜିଲାରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଜିଲାଗୁଡ଼ିକରେ ଦୋକାନବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବିଲ୍‌କୁ ବିରୋଧ କରୁଥିବା କେଏମ୍‌ଏସ୍‌ଏସ୍ ସମେତ ୭୦ଟି ସଂଗଠନ ଏହି ବନ୍ଦକୁ ସମର୍ଥନ ଜଣାଇଥିଲେ। ଆମିନ୍‌ଗାଓଁ-ହଜୋ ରାସ୍ତାରେ ଅଲ୍ ଆସାମ ଛାତ୍ର ପରିଷଦ (ଏଏଏସ୍‌ୟୁ) ସଦସ୍ୟମାନେ ଏକାଠି ହୋଇଥିବାବେଳେ ସେମାନଙ୍କୁ ଘଉଡ଼ାଇବା ଲାଗି ପୋଲିସ ମୃଦୁ ଲାଠିଚାଳନା କରିଥିବା ଅଭିଯୋଗ ହୋଇଛି। ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ବିଭିନ୍ନ ସ୍ଥାନରେ କଳା ବେଲୁନ ଉଡାଇଥିଲେ। ରାଜଭବନରୁ ପ୍ରଧାନମନ୍ତ୍ରୀ ବିମାନ ବନ୍ଦର ଯିବା ରାସ୍ତାରେ ଦୁଇଥର କଳାପତାକା ପ୍ରଦର୍ଶନ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ ରାଜଭବନ ଯିବା ରାସ୍ତାରେ ମୋଦିଙ୍କୁ କଳାପତାକା ଦେଖାଯାଇଥିଲା। ଚାଙ୍ଗସାରୀଠାରେ ଏକ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ନେଇ ଭୁଲ୍ ତଥ୍ୟ ପ୍ରଚାର କରାଯାଉଛି। ଏହି ବିଲ୍ ଯୋଗୁ ଆସାମ ଏବଂ ଉତ୍ତରପୂର୍ବାଞ୍ଚଳର କେହି କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ସେ ଆଶ୍ୱସ୍ତି ପ୍ରଦାନ କରିଥିଲେ। ଏହି ରାଜ୍ୟଗୁଡ଼ିକର ଭାଷା, ସଂସ୍କୃତି, ସମ୍ବଳ ଏବଂ ଲୋକମାନଙ୍କ ଆଶା ଆକାଂକ୍ଷାର ସୁରକ୍ଷା ଲାଗି ଏନ୍‌ଡିଏ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଥିଲେ।

■ ରାଜ୍ୟ କଂଗ୍ରେସ ନେତାଙ୍କୁ ରାହୁଲଙ୍କ ପରାମର୍ଶ

## କେନ୍ଦ୍ରର ଜନବିରୋଧୀ ନୀତିକୁ ପଦାରେ ପକାଅ

ନୂଆଦିଲ୍ଲୀ,୯।୨(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଜନବିରୋଧୀ ନୀତିକୁ ପଦାରେ ପକାଇବା ପାଇଁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶନିବାର ଦଳର ରାଜ୍ୟ ସଭାପତିମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତି ରାଜ୍ୟରେ ଦଳର ନିର୍ବାଚନୀ ପ୍ରସ୍ତୁତି ଏବଂ ରଣକୌଶଳର ସୀମକ୍ଷା ପାଇଁ ରାହୁଲ ଶନିବାର ପ୍ରଦେଶ କଂଗ୍ରେସ ସଭାପତି ଏବଂ ବରିଷ୍ଠ ନେତାମାନଙ୍କ ବୈଠକ ଡାକିଥିଲେ। ଆଗାମୀ ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା ବୋଲି ରାହୁଲ ଟୁଇଟ୍ କରିଛନ୍ତି। ମୋଦି ସରକାରଙ୍କ କୃଷକବିରୋଧୀ, ଯୁବବିରୋଧୀ, ମହିଳା ବିରୋଧୀ ନୀତିକୁ ଲୋକଙ୍କ ସମ୍ମୁଖକୁ ଆଣିବା ଲାଗି କଂଗ୍ରେସ ଅଧ୍ୟକ୍ଷ ପରାମର୍ଶ ଦେଇଥିବା ଦଳ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ବିଶେଷ କରି ବେରୋଜଗାରି, କୃଷକଙ୍କ ସମସ୍ୟା, ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଦୁର୍ବଳ କରିବା ଏବଂ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ କରିବା ଆଦି ପ୍ରସଙ୍ଗକୁ ସୋସିଆଲ ମିଡ଼ିଆ ଏବଂ ଗଣଆନ୍ଦୋଳନ ମାଧ୍ୟମରେ ପଦାକୁ ଆଣିବା ଉପରେ ରାହୁଲ ଜୋର ଦେଇଥିଲେ। ନିର୍ବାଚନ ପ୍ରସ୍ତୁତି ନେଇ ଦଳର ସାଧାରଣ ସମ୍ପାଦକମାନଙ୍କୁ ଭେଟିବାର ଦୁଇ ଦିନ ପରେ ରାହୁଲ ରାଜ୍ୟ ନେତାମାନଙ୍କୁ ଭେଟିଛନ୍ତି। ଗରିବଙ୍କ ପାଇଁ ସର୍ବନିମ୍ନ ଆୟ ଗ୍ୟାରେଣ୍ଟି ଯୋଜନା ଭଳି ଲୋକାଭିମୁଖୀ ନୀତି ଉପରେ ଗୁରୁତ୍ୱ ଦେବାକୁ ରାହୁଲ ପରାମର୍ଶ ଦେଇଛନ୍ତି। ରାଜ୍ୟକୈନ୍ଦ୍ରିକ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଦଳର ଇସ୍ତାହାର କମିଟିକୁ ସୁପାରିସ କରିବା ଲାଗି ସେ କହିଥିଲେ। ଖୁବ୍‌ଶୀଘ୍ର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ବସି ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଅଭିନେତା ମହେଶ ଆନନ୍ଦଙ୍କ ପରଲୋକ

ମୁମ୍ବାଇ,୯।୨



ବଲିଉଡ୍‌ର ଚର୍ଚ୍ଚିତ ଚେହେରା ମହେଶ ଆନନ୍ଦ(୫୭) ଆଉ ନାହାନ୍ତି। ଶନିବାର ଭର୍ସୋଭାସ୍ଥିତ ବାସଭବନରୁ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସ୍ଥାନୀୟ କୋପର ହସ୍ପିଟାଲ୍‌ରେ ଶବ ବ୍ୟବଚ୍ଛେଦ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଆନନ୍ଦ ୮୦ ଓ ୯୦ ଦଶକର ଜଣେ ଖ୍ୟାତନାମା ଖଳନାୟକ ଭାବେ ବେଶ୍ ଚହଳ ସୃଷ୍ଟି କରିଥିଲେ। କୁଲି ନଂ ୱାନ, ବିଜେତା, ଶେହନ୍‌ସା, କୁରୁକ୍ଷେତ୍ର ଆଦି ସୁପରହିଟ୍ ଚଳଚ୍ଚିତ୍ର ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଗୋବିନ୍ଦାଙ୍କ 'ରଙ୍ଗିଲା ରାଜା' ଶୁଟିଂ ସେଟ୍‌ରେ ଆନନ୍ଦଙ୍କୁ ଶେଷଥର ଦେଖିବାକୁ ମିଳିଥିଲା।

# ସଂରକ୍ଷଣ ଦାବିରେ ଗୁଜ୍ଜରଙ୍କ ଆନ୍ଦୋଳନ

ଜୟପୁର,୯।୨(ପି.ଟି.)



ସରକାରୀ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ଗୁଜ୍ଜର ସମୁଦାୟଙ୍କୁ ୫ ପ୍ରତିଶତ ସଂରକ୍ଷଣ ଦାବିରେ ଆନ୍ଦୋଳନ ଜାରି ରହିଛି। ଶନିବାର ଦ୍ୱିତୀୟ ଦିନରେ ଗୁଜ୍ଜର ସମୁଦାୟ ନେତା କିରୋଡ଼ି ସିଂ ବୈଁଷଲା ଏବଂ ତାଙ୍କର ଶତାଧିକ ସମର୍ଥକ ରାଜସ୍ଥାନର ସୱାଇ ମାଧୋପୁର ଜିଲା ରେଳ ଧାରଣାରେ ବିକ୍ଷୋଭ କରିଛନ୍ତି। ଫଳରେ ୩ଟି ଟ୍ରେନ ବାତିଲ୍ କରାଯାଇଛି। ବିକ୍ଷୋଭକାରୀମାନେ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ଗୁଜ୍ଜର, ରାଇକା-ରେବାରି, ଗାଦିଆ ଲୁହାର ଏବଂ ଗାଦରିଆ ସମୁଦାୟଙ୍କୁ ସଂରକ୍ଷଣଭୁକ୍ତ କରିବାକୁ ଦାବି ଜଣାଇଛନ୍ତି। ରେଳ ରୋକୋ ଆନ୍ଦୋଳନ ଯୋଗୁ କୋଟା ଡିଭିଜନ ଅଧୀନ ସୱାଇ ମାଧୋପୁର-ବାୟାନା ଦେଇ ରେଳ ଚଳାଚଳ ବ୍ୟାହତ ହୋଇଥିଲା। ଫଳରେ ହଜରତ୍ ନିଜାମୁଦ୍ଦିନ-ଅହମ୍ମଦାବାଦ୍, ହଜରତ୍ ନିଜାମୁଦ୍ଦିନ-ଉଦୟପୁର ଏବଂ ଉଦୟପୁର-ହଜରତ୍ ନିଜାମୁଦ୍ଦିନ ଟ୍ରେନ ଯାତ୍ରାକୁ ବାତିଲ୍ କରାଯାଇଥିଲା ବେଳେ ଫିରୋଜପୁର-ମୁମ୍ବାଇ ଟ୍ରେନର ଦିଗ ପରିବର୍ତ୍ତନ କରିବାକୁ ବାଧ ହୋଇଥିଲୁ ବୋଲି ନର୍ଥ ୱେଷ୍ଟର୍ନ ରେଲୱେ (ଏନ୍‌ଡବ୍ଲ୍ୟୁଆର୍) ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ଅଭୟ ଶର୍ମା କହିଛନ୍ତି। ଏହି ରେଳ ରୋକୋ ବିକ୍ଷୋଭ ନେଇ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସଂସଦରେ ସଂରକ୍ଷଣ ବିଲ୍ ଅନୁମୋଦନ ହେବା ଜରୁରୀ। ତେଣୁ ଆନ୍ଦୋଳନ ନ କରି ବିକ୍ଷୋଭକାରୀମାନେ ସେମାନଙ୍କ ଦାବି ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବାକୁ ଗେହଲଟ୍ ଜଣାଇଛନ୍ତି।

**ରେଳ ଧାରଣାରେ ବିକ୍ଷୋଭ ୩ ଟ୍ରେନ ବାତିଲ୍**

## ଫୁର୍‌ସତ

# ରାହୁଲଙ୍କ ବାୟୋପିକ୍ 'ମାଇଁ ନେମ୍ ଇଜ୍ ରାଗା'

ମୁମ୍ବାଇ




କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଜୀବନୀକୁ ଆଧାର କରି ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ଏହାର ଟାଇଟଲ୍ ରଖାଯାଇଛି 'ମାଇଁ ନେମ୍ ଇଜ୍ ରାଗା'। ରାହୁଲ ଗାନ୍ଧୀଙ୍କୁ ଉଚ୍ଚପ୍ରଶଂସା କିମ୍ବା ତାଙ୍କର ଗୁଣ ଗାନ କରିବା ଉକ୍ତ ଫିଲ୍ମର ଉଦ୍ଦେଶ୍ୟ ନୁହେଁ। ବରଂ ତାଙ୍କୁ ଉପହାସ କରି ଯେଉଁଭଳି ଆକ୍ରମଣ କରାଯାଉଛି ଏବଂ ସେ ସେଥିରୁ ମୁକୁଳି ମାନବୋଚିତ ଜୀବନଯାପନ କରୁଛନ୍ତି, ତାହାକୁ ଆଧାର କରି ଉକ୍ତ ଫିଲ୍ମର କାହାଣୀ ସୃଷ୍ଟି କରାଯାଇଛି ବୋଲି ନିର୍ଦ୍ଦେଶକ ରୂପେଶ ପଲ୍ ଏକ ବିବୃତିରେ କହିଛନ୍ତି।

ପରାଜୟ ଓ ବିଫଳତାକୁ ନିର୍ଭୀକ ଭାବେ ସମ୍ମୁଖୀନ ହେଉଥିବା କୌଣସି ବି ବ୍ୟକ୍ତି ନିଜ କାହାଣୀକୁ ବର୍ଣ୍ଣନା କରିପାରିବ। ଏହାକୁ ବାୟୋପିକ୍ କୁହାଯାଇ ପାରିବ ନାହିଁ। ବରଂ ଏହା ଜଣେ ବ୍ୟକ୍ତିଙ୍କ ଜୀବନୀ କାହାଣୀ ଯିଏ ବିପଦପୂର୍ଣ୍ଣ ଜୀବନରେ ବିଜୟୀ ହୋଇ କର୍ମପଥରେ ଆଗୁସାର ହେବାର ପ୍ରୟାସ ରଖିଛି ବୋଲି ନିର୍ଦ୍ଦେଶକ କହିଥିଲେ। ଉକ୍ତ ଫିଲ୍ମ ଏପ୍ରିଲରେ ନିର୍ବାଚନ ସମୟରେ ରିଲିଜ ହେବା ଆଶା ରହିଛି।

### ଇତିହାସର ଆଇନାରେ

### ଫେବୃୟାରୀ ୧୦ର ପ୍ରମୁଖ ଘଟଣା

୧୯୪୭ ଫେବୃୟାରୀ ୧୦ରେ ପ୍ୟାରିସ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏଥିପାଇଁ ଏକ ରାଜିନାମାରେ ସ୍ୱାକ୍ଷର କରିଥିଲେ ଇଟାଲି, ରୋମାନିଆ, ହଙ୍ଗେରି, ବୁଲ୍‌ଗେରିଆ, ଫିନ୍‌ଲ୍ୟାଣ୍ଡ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ମିତ୍ରଶକ୍ତି। ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ ବିଜୟୀ ରାଷ୍ଟ୍ର ବିଶେଷକରି ବ୍ରିଟେନ୍, ସୋଭିଏଟ୍ ୟୁନିୟନ୍, ଆମେରିକା ଏବଂ ଫ୍ରାନ୍ସ ଶାନ୍ତିଚୁକ୍ତି ସ୍ୱାକ୍ଷର ପାଇଁ ଇଟାଲି, ରୋମାନିଆ, ହଙ୍ଗେରି, ବୁଲ୍‌ଗେରିଆ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

୨୦୧୩ ଫେବୃୟାରୀ ୧୦ରେ ଆଲ୍ଲାହାବାଦ୍‌ରେ କୁମ୍ଭମେଳା ଉତ୍ସବ ଚାଲିଥିବା ବେଳେ ଦଳାଚକଟା ଯୋଗୁ ୩୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ୩୯ଜଣ ଆହତ ହୋଇଥିଲେ। ଆଲ୍ଲାହାବାଦ୍ ବର୍ତ୍ତମାନ ସରକାରୀ ଭାବେ ପ୍ରୟାଗରାଜ ଭାବେ ପରିଚିତ। ଆଲ୍ଲାହାବାଦ୍ ଜିଲାର ଏହା ଏକ ପ୍ରଶାସନିକ କାର୍ଯ୍ୟାଳୟ। ଏହା ଉତ୍ତରପ୍ରଦେଶର ଏକ ଜନବହୁଳ ଜିଲା।




# ୬ବର୍ଷର ବାଳିକା ହେଲେ ଅବୈତନିକ ପୋଲିସ ଅଫିସର



ଫ୍ରିପୋର୍ଟ(ଆମେରିକା): ହ୍ୟୁଷ୍ଟନ୍ ଅଞ୍ଚଳର ୬ବର୍ଷର ଜଣେ ବାଳିକାଙ୍କ ସ୍ୱପ୍ନ ସତ୍ୟରେ ପରିଣତ ହୋଇଛି। ଦିନକ ପାଇଁ ହେଲେ ବି ସେ ଅବୈତନିକ ପୋଲିସ ଅଫିସର ଭାବେ ଶପଥଗ୍ରହଣ କରିଥିଲେ। ଟେକ୍ସାସ୍ଥିତ ଫ୍ରିପୋର୍ଟ ପୋଲିସ ମୁଖ୍ୟ ଏ ସମ୍ପର୍କିତ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ବିବରଣୀ ଟୁଇଟ୍ କରିଛନ୍ତି। ଫ୍ରିପୋର୍ଟ ସହର ହ୍ୟୁଷ୍ଟନ୍‌ର ଦକ୍ଷିଣକୁ ୫୦ ମାଇଲ ଦୂରରେ ଅବସ୍ଥିତ। ଆବିଗେଲ୍ ନାମ୍ନୀ ୬ବର୍ଷର ଏହି ବାଳିକା ପୋଲିସ ବିଭାଗରେ ଚାକିରି କରିବା ପାଇଁ ପ୍ରବଳ ଆଗ୍ରହୀ ଥିଲେ। ଏ ସମ୍ପର୍କରେ ପୋଲିସ ମୁଖ୍ୟ ରେ ଗରାଇଭ୍ ଜାଣିବାକୁ ପାଇଥିଲେ। ଆବିଗେଲ୍ ୱିଲ୍ମସ ଟ୍ୟୁମରରେ ପୀଡିତ। ଏହା ଶୈଶବାବସ୍ଥାର ଏକ କ୍ୟାନ୍ସର ଯାହା କିଡ୍‌ନୀରେ ଆରମ୍ଭ ହୋଇଥାଏ।

ଆବିଗେଲ୍ ପୋଲିସ ୟୁନିଫର୍ମ ପରିଧାନ କରିବା ସହିତ ଏକ ଷ୍ଟେପ୍-ଲ୍ୟାଡରରେ ଛିଡାହୋଇ ଡାହାଣ ହାତ ଉତ୍ତୋଳନ କରିବା ବେଳେ ପୋଲିସ ମୁଖ୍ୟଙ୍କ ଠାରୁ ଶପଥଗ୍ରହଣ କରୁଛନ୍ତି। ଉକ୍ତ ଉତ୍ସବ ସ୍ଥଳରେ ୟୁନିଫର୍ମ ଧାରଣ କରିଥିବା ପୋଲିସ ଅଫିସରମାନେ ଉପସ୍ଥିତ ଥିଲେ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୦/୨୦୧୯ | Bhubaneswar, Sunday, February 10/ 2019 | ପୃଷ୍ଠା-୧




କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଭାରତ-ଇରାନ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଭାରତ ୧-୦ ଗୋଲରେ ବିଜୟୀ ହୋଇଛି। (ରିପୋର୍ଟ: ଖେଳ ପୃଷ୍ଠା)

## ଟିଏମ୍‌ସି ବିଧାୟକଙ୍କୁ ହତ୍ୟା

**କ୍ରିଷ୍ଣନଗର,୯।୨(ପି.ଟି.)**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ସତ୍ୟଜିତ ବିଶ୍ୱାସଙ୍କୁ ଶନିବାର ସନ୍ଧ୍ୟାରେ ଗୁଳିକରି ହତ୍ୟା କରାଯାଇଛି। କ୍ରିଷ୍ଣଗଞ୍ଜ ବିଧାୟକ ବିଶ୍ୱାସ ନଦିଆ ଜିଲାର ହଂସଖାଲି ଥାନା ଅନ୍ତର୍ଗତ ଫୁଲବାରିଠାରେ ସରସ୍ୱତୀ ପୂଜା କାର୍ଯ୍ୟକ୍ରମ ଉଦ୍‌ଘାଟନ ଲାଗି ଯାଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ତାଙ୍କୁ ଶକ୍ତିନଗର ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ବିଶ୍ୱାସ(୩୭) ନିକଟରେ ବିବାହ କରିଥିଲେ। ଆକ୍ରମଣକାରୀ ଘଟଣାସ୍ଥଳରେ ରିଭଲଭର ଛାଡି ଫେରାର ହୋଇଯାଇଛନ୍ତି। ଦଳ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ବିଶ୍ୱାସଙ୍କ ହତ୍ୟାର କାରଣ ବୋଲି ଭାଜପା କହୁଥିବାବେଳେ ଗୈରିକ ଦଳକୁ ଦାୟୀ କରିଛି ଟିଏମ୍‌ସି।


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ



**ଆଜିର ସମ୍ପାଦକୀୟ**

ସୁଧ ଓ ଗୋବଧ


**ଆଜିର ମନ୍ତବ୍ୟ**

"ମହା ଅପମିଶ୍ରଣର ନେତାମାନେ ମୋତେ ଗାଳିଦେବାକୁ ଅଲିମ୍ପିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


ପ୍ରଶାସନିକ ସ୍ତରରେ ଅଦଳବଦଳ ପୃଷ୍ଠା-୩







# ପଞ୍ଚାୟତ, ପୌରସଂସ୍ଥାରେ ବ୍ୟାପକ ଅର୍ଥ ହେରଫେର

**ଲୋକାଲ ଫଣ୍ଡ ଅଡିଟ୍ ରିପୋର୍ଟ**

- ଲୁଟି ଖାଇଲେ ବାର୍ଦ୍ଧକ୍ୟ ଭତ୍ତା, ହୋଲ୍ଡିଂ ଟିକସ
- ୧୩,୨୯୫ କୋଟିର ୟୁସି ଦେଇନାହାନ୍ତି ପଞ୍ଚାୟତ ସମିତି
- ବଜେଟ ହେଉନି କି ରେକର୍ଡ ପରିଚାଳନା କରାଯାଉନି
- ୧.୯ କୋଟି ଟଙ୍କାର ବେଆଇନ ଭତ୍ତା ନେଇଗଲେ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀ

**ଭୁବନେଶ୍ୱର,୯।୨(ବ୍ୟୁରୋ)**

ପଞ୍ଚାୟତ ଓ ପୌରସଂସ୍ଥାକୁ ଦୁର୍ନୀତି ଜାବୁଡି ଧରିଛି। ମୁଖ୍ୟମନ୍ତ୍ରୀଙ୍କ କଡ଼ା ତାଗିଦ ସତ୍ତ୍ୱେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକ ଅନିୟମିତତାରେ ବୁଡିରହିଛନ୍ତି । ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଜନପ୍ରତିନିଧି ଓ ସରକାରୀ ଅଧିକାରୀମାନେ ବିଭିନ୍ନ ଉପାୟରେ ସରକାରୀ ଅର୍ଥକୁ ହଡପ କରିବାରେ ଲାଗିଛନ୍ତି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଅନୁଦାନର ରେକର୍ଡ ପତ୍ର ରହୁ ନାହିଁ କିମ୍ବା ବିନିଯୋଗ ପ୍ରମାଣପତ୍ର(ୟୁସି)ର ହିସାବ ମିଳୁ ନାହିଁ । ଏପରି କି ବୃଦ୍ଧାବୃଦ୍ଧମାନଙ୍କୁ ଯୋଗାଇ ଦିଆଯାଉଥିବା ଭତ୍ତା, ହୋଲ୍ଡିଂ ଟିକସକୁ ମଧ୍ୟ ଚଞ୍ଚକତା କରି ହଡପ କରାଯାଉଛି। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସମ୍ପାଦକ, ସରପଞ୍ଚ, ପଞ୍ଚାୟତ ସମିତି ପ୍ରତିନଧିମାନେ ମିଳିମିଶି ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଆତ୍ମସାତ୍ କରୁଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଲୋକାଲ ଫଣ୍ଡ ଅଡିଟ୍‌ର ଯାଞ୍ଚ ରିପୋର୍ଟ ୨୦୧୭-୧୮ରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି।

୨୦୧୬-୧୭ରେ ୩୧୩ଟି ପଞ୍ଚାୟତ ସମିତି ବିନିଯୋଗ ହୋଇଥିବା ୧୩୨୯୫.୪୧ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦିଆଯାଇ ନ ଥିବାବେଳେ ୮୯ଟି ପଞ୍ଚାୟତ ସମିତିରେ ଆଦାୟ ହୋଇଥିବା ୮୧.୦୬ ଲକ୍ଷ ଟଙ୍କା ହେରଫେର ହୋଇଥିବା ଅଡିଟ୍ ବେଳେ ଜଣାପଡିଛି। ଏହାଛଡା ୭୧ଟି ପଞ୍ଚାୟତ ସମିତିରେ ୨୯.୦୯ ଲକ୍ଷ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ହେରଫେର ହୋଇଛି। ଏଥିସହ ୨୦ଟି ପଞ୍ଚାୟତ ସମିତିରେ ବାର୍ଦ୍ଧକ୍ୟ ଭତ୍ତା , ଭିନ୍ନକ୍ଷମ ଭତ୍ତା, ମଧୁବାବୁ ପେନସନ ଯୋଜନାର ୪୨.୬୦ ଲକ୍ଷ ଟଙ୍କାକୁ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀମାନେ ହଡପ କରିଛନ୍ତି। ସେହିପରି ୭୧ଟି ପଞ୍ଚାୟତ ସମିତିର ୫୦୬ଟି ବ୍ୟାଙ୍କ ଆକାଉଣ୍ଟରେ ☞ପୃଷ୍ଠା-୨


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com


NATIONAL EGG CO-ORDINATION COMMITTEE | 09.02.2019 | Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 80 | 132 | 142 |
| BLS | 81 | 133 | 143 |
| ANG | 79 | 131 | 141 |

*Conditions Apply

**Eggs Retail Price- 51/-Dozen**
Issued in the Interest of Consumers




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ହର୍ଷିତା
ପରିବାରବର୍ଗ


ଜ୍ୟୋତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରତିଶ୍ରୁତିରେ ପୋତିଲା ଭାଜପା

- କ୍ଷମତାକୁ ଆସିଲେ ସ୍ଥାୟୀ ପଟ୍ଟା, ପକ୍କାଘର, ନିଯୁକ୍ତି : ଧର୍ମେନ୍ଦ୍ର
- ପ୍ରତିଶ୍ରୁତି ପତ୍ର ଲୋକାର୍ପଣ
- ୩ ମାସରେ ସବୁ ଗାଁରେ ପହଞ୍ଚିବ ଅଭିଯାନ
- ରାଜ୍ୟ ସରକାରଙ୍କୁ କଡା ସମାଲୋଚନା

**ଭୁବନେଶ୍ୱର,୯।୨(ବ୍ୟୁରୋ)**

ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଭୂମିହୀନଙ୍କୁ ଜମି ପଟ୍ଟା, ପକ୍କାଘର ଏବଂ ବେକାରଙ୍କୁ ନିଯୁକ୍ତି ମିଳିବ। ବର୍ତ୍ତମାନ ରାଜ୍ୟର ୨୦ ଲକ୍ଷ ଲୋକଙ୍କର ଜମି ପଟ୍ଟା ନାହିଁ। ୩୦ ଲକ୍ଷ ଲୋକଙ୍କ ମୁଣ୍ଡ ଉପରେ ଛାତ ନାହିଁ। ରାଜ୍ୟର ସବୁ ଅଞ୍ଚଳରେ ବେକାରି ସମସ୍ୟା ବଢ଼ିବାରେ ଲାଗିଛି। ତେଣୁ ଏହି ମୌଳିକ ଦାବିକୁ ଭାଜପା କ୍ଷମତାକୁ ଆସିଲେ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ରାଜଧାନୀ ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ପଡିଆରେ ଆୟୋଜିତ ଭାଜପାର ପ୍ରତିଶ୍ରୁତି ସମାବେଶରେ ଏହି କଥା କୁହାଯାଇଛି। ଦଳ ପକ୍ଷରୁ ଏନେଇ ପ୍ରତିଶ୍ରୁତି ପତ୍ରର ଲୋକାର୍ପଣ ମଧ୍ୟ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସମାବେଶର ଶୁଭାରମ୍ଭ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ୨୦୨୨ ସୁଦ୍ଧା ସମସ୍ତେ ସ୍ଥାୟୀ ପଟ୍ଟା ସହ ପକ୍କା ଘର ପାଇ ସାରିଥିବେ। ପ୍ରତିଟି ଓଡ଼ିଆ ଯୁବତୀଯୁବକଙ୍କୁ ରୋଜଗାର ମିଳିବ। ଜାରି କରାଯାଇଥିବା ପ୍ରତିଶ୍ରୁତି ଆବେଦନ ଫର୍ମକୁ ଦଳ ପ୍ରତି ବୁଥରେ ପହଞ୍ଚାଇବ। ବେରୋଜଗାର ଯୁବବର୍ଗ, ପଟ୍ଟା ଆଉ ପକ୍କା ଘର ପାଇବାରୁ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀ ଏହାକୁ ପୂରଣ କରି ଦଳ ନିକଟକୁ ପଠାଇ ପାରିବେ। ଭାଜପା ଶାସନକୁ ଆସିଲେ ପ୍ରତି ଘରକୁ ପାଣି, ବିଜୁଳି, ପାଇଖାନା ଓ ଗ୍ୟାସ୍ ପ୍ରଦାନ କରାଯିବ। ଲୋକାର୍ପଣ କରାଯାଇଥିବା ଫର୍ମ ୩ ମାସରେ ଗାଁ ଗଣ୍ଡାରେ ପହଞ୍ଚିବ। ବିଜେଡିର ଦୀର୍ଘଦିନର କୁଶାସନ ବିରୋଧରେ ଜନସାଧାରଣ ମତଦାନ କରିବେ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ପାନୀୟ ଜଳ ବିଭାଗର ତଥ୍ୟ ଅନୁଯାୟୀ ରାଜ୍ୟରେ ୧ କୋଟି ୧୦ ଲକ୍ଷ ପରିବାର। ହେଲେ ପ୍ରତି ଘରକୁ ପିଇବା ପାଣି ମିଳିପାରି ନାହିଁ। ୨୮ ଡିସେମ୍ବର ୨୦୧୮ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ୨୭ ଲକ୍ଷ ୪୮ ହଜାର ପରିବାର ମୁଣ୍ଡ ଉପରେ ଛାତ ନାହିଁ। ଓଡ଼ିଆ ଲୋକଙ୍କୁ ଠକୁଥିବା ମିଛୁଆ ରାଧୁଆ ସରକାର ହେଲା ବିଜେଡି। ରାଜ୍ୟର ବହୁ ବ୍ୟକ୍ତି ବାହାର ରାଜ୍ୟକୁ କାମ ପାଇଁ ଯାଉଛନ୍ତି। ୧୯ ବର୍ଷର ସରକାର ରୋଜଗାର ଦେଇପାରିନାହାନ୍ତି। ତେଣୁ ହିସାବ ମାଗିବାରୁ ତରବରିଆ ଭାବେ ରାଜ୍ୟ ସରକାର ବିଧାନସଭା ବନ୍ଦ କରିଥିବା କହି ଧର୍ମେନ୍ଦ୍ର ସମାଲୋଚନା କରିଛନ୍ତି। ସଭାରେ ଉପସ୍ଥିତ ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ସରକାର ଘୋଷଣା ସର୍ବସ୍ୱ ସରକାର। ଓଡ଼ିଆ ଜାତିକୁ ନବୀନବାବୁ ଆଉ ବୋକା ବନାଇ ଶାସନ କରିପାରିବେ ନାହିଁ। ନେତ୍ରୀ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ, ଭାଜପା ହିଁ ଦେଉଥିବା ପ୍ରତିଶ୍ରୁତିକୁ ପାଳନ କରିଥାଏ। ଓଡ଼ିଶାରେ ଭାଜପା ଶାସନକୁ ଆସିଲେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ହେବ। ଭାଜପା ଯୁବ ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ବିଗତ ୧୦ ବର୍ଷ ଭିତରେ ରାଜ୍ୟର ନିୟୋଜନ କାର୍ଯ୍ୟାଳୟଗୁଡ଼ିକରେ ପ୍ରାୟ ୨୨,୫୭,୦୦୦ ଯୁବତୀଯୁବକ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ହେଲେ ତନ୍ମଧ୍ୟରୁ ମାତ୍ର ୨୬,୪୫୦ ଜଣଙ୍କୁ ରୋଜଗାର ମିଳିଛି। ରାଜ୍ୟର ନିଯୁକ୍ତି ହାର ମାତ୍ର ୧%। ତେଣୁ ରାଜ୍ୟ ସରକାରଙ୍କୁ ପ୍ରତ୍ୟାଖ୍ୟାନ କରିବାର ସମୟ ଆସିଛି।

ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ରାଜ୍ୟ ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ଗୋଲକ ମହାପାତ୍ର ଓ ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମିୟ ଦାଶ, ଜଗନ୍ନାଥ ପ୍ରଧାନ, ସ୍ଥାନୀୟ ସଙ୍ଗଠନ ଜିଲା ସଭାପତି ହରେକୃଷ୍ଣ ଖୁଣ୍ଟିଆ, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ଯୁବତୀଙ୍କୁ ପ୍ରତିଶ୍ରୁତି ପତ୍ର ପ୍ରଦାନ କରୁଛନ୍ତି।

# ଆଜି ରଥକାଠ ଅନୁକୂଳ ପୂଜା


ଅନୁକୂଳ ହେବାକୁ ଥିବା ଚଳିତବର୍ଷର ରଥ କାଠ।

**ପୁରୀ ଅଫିସ,୯।୨**

ଆସନ୍ତା ଜୁଲାଇ ୪ ତାରିଖରେ ରଥଯାତ୍ରା। ତିନିରଥ ନିର୍ମାଣ ଲାଗି ପ୍ରଥମ ପର୍ଯ୍ୟାୟ ରଥକାଠ ଆସି ପହଞ୍ଚିସାରିଛି। ପରମ୍ପରା ଅନୁଯାୟୀ, ପବିତ୍ର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ କରାଯିବ। ତେଣୁ ରବିବାର ୩ ଖଣ୍ଡ ୧୨ ଫୁଟିଆ ଧଉରା କାଠ ପୂଜା କରାଯିବ। ଏଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଏହି କାଠ ରଖାଯାଇଛି। ସନ୍ଧ୍ୟା ସାଢେ ୭ଟାରେ ପୂଜା ପାଇଁ ଶୁଭଲଗ୍ନ ଧାର୍ଯ୍ୟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ପୂଜା କରାଯିବ। ରାଜଗୁରୁଙ୍କ ସମେତ ଶ୍ରୋତ୍ରିୟ ବ୍ରାହ୍ମଣମାନେ ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ରଥକାଠ ପୂଜା କରିବେ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତ ବର୍ଷ ଆସିଥିବା କାଠ ମଧ୍ୟରୁ ୧୯୫ ଖଣ୍ଡ ବଳକା ରହିଛି। ତେଣୁ ଚଳିତବର୍ଷ ୬୭୦ ଖଣ୍ଡ କାଠ ଆସିବ। ଏଥିରୁ କଟକ ଖପୁରିଆସ୍ଥିତ ସ'ମିଲ୍‌କୁ ୩୦୪ ଖଣ୍ଡ ଏବଂ ୩୬୬ ଖଣ୍ଡ କାଠ ରଥ ଖଳାକୁ ଆସିବାକୁ ସ୍ଥିର ହୋଇଛି। ଗତ ୪ ତାରିଖରେ ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ୨ଟି ଟ୍ରକ୍ ଯୋଗେ ୫୭ ଖଣ୍ଡ ଅସନ ଓ ଧଉରା କାଠ ଆସିଛି। ପରମ୍ପରା ଅନୁଯାୟୀ, ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯାଇଥାଏ। ସେହିପରି ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି।

# ଚଳିତ ମାସ ଶେଷସୁଦ୍ଧା କଂଗ୍ରେସ ପ୍ରାର୍ଥୀ ତାଲିକା

**ରାହୁଲଙ୍କ ସହ ନରସିଂହ, ନିରଞ୍ଜନଙ୍କ ଆଲୋଚନା**

**ଭୁବନେଶ୍ୱର,୯।୨(ବ୍ୟୁରୋ)**

ଚଳିତ ମାସ ଶେଷ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବ। ଏନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଦଳର ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଜ୍ୟର ବୁଥସ୍ତରୀୟ କମିଟି ଗଠନ ସହ ପ୍ରଚାରକୁ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାଙ୍ଗଠନିକ କାର୍ଯ୍ୟ ସହ ଜାତୀୟସ୍ତରୀୟ ନେତାଙ୍କ ନିୟମିତ ବ୍ୟବଧାନରେ ଓଡ଼ିଶା ଗସ୍ତ ମଧ୍ୟ ଜାରି ରହିବ। ରାହୁଲଙ୍କ ଶନିବାର ଆଲୋଚନା ପରେ ପିସିସି ସଭାପତି ନିରଞ୍ଜନ ଏହି ସୂଚନା ଦେଇଛନ୍ତି।

ରାଜ୍ୟରେ ଏକ ସଙ୍ଗରେ ବିଧାନସଭା ଏବଂ ଲୋକସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ କଂଗ୍ରେସ ବିଧାନସଭା ଅପେକ୍ଷା ଲୋକସଭାକୁ ଟିକେ ଅଧିକ ଗୁରୁତ୍ୱ ଦେବାକୁ ଏଆଇସିସି ପକ୍ଷରୁ ଚାପ ରହିଛି। ତେଣୁ ପିସିସି ସଭାପତି ଏବଂ ପ୍ରଭାରୀଙ୍କ ନେତୃତ୍ୱରେ କଂଗ୍ରେସ ୨୧ ଲୋକ ସଭାରୁ କେତେ ସଂଖ୍ୟକ ଆସନ ବିଜୟୀ ହୋଇ ପାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ନୂଆଦିଲ୍ଲୀଠାରେ ହୋଇଥିବା ଏହି ବୈଠକରେ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଥିଲା। ପ୍ରଦେଶ କଂଗ୍ରେସ ନିର୍ବାଚନ ପୂର୍ବରୁ ଅନେକ ପ୍ରତିଶ୍ରୁତି ଦେଇଛି। ଏମିତି ସଭାପତି ନିରଞ୍ଜନ ଟୁଇଟ୍ କରି ଏକାଧିକ ପ୍ରସଙ୍ଗରେ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସର ଗ୍ୟାରେଣ୍ଟି, ହସିବ ଓଡ଼ିଶା ମାଟି। ଧାନର ଏମ୍ଏସ୍‌ପି କୁଇଣ୍ଟାଲ ପିଛା ୨୬୦୦ ଟଙ୍କା ଏବଂ ବୋନସ, ପ୍ରତି ଘରକୁ ପିଇବା ପାଣି ସୁବିଧା ଏବଂ ପ୍ରତି ପରିବାରରୁ ଜଣଙ୍କୁ ଚାକିରି ଦିଆଯିବ। କଂଗ୍ରେସ ପକ୍ଷରୁ ରାଜ୍ୟ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ଇସ୍ତାହାର ନେଇ ମତ ସଂଗ୍ରହ କରାଯାଉଛି। ନିର୍ବାଚନ ଘୋଷଣାର ଅଳ୍ପଦିନ ପରେ ଇସ୍ତାହାର ପୂର୍ଣ୍ଣାଙ୍ଗ ରୂପ ପ୍ରକାଶ ପାଇବ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ। ୨୦୧୪ ସାଧାରଣ ନିର୍ବାଚନରେ ଖଣି ଲୁଟେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଅନ୍ୟାନ ପଛୁଆ ବର୍ଗ(ଓବିସି) ବର୍ଗଙ୍କୁ ମଣ୍ଡଳ କମିଶନ ସୁପାରିସ ଅନୁଯାୟୀ ସୁବିଧା ପ୍ରଦାନ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଏଥର ଇସ୍ତାହାରରେ ତାହା ପ୍ରକାଶ ପାଇବ ନା ନାହିଁ, ସେ ଉପରେ ରାଜନୈତିକ ମହଲର ନଜର ରହିଛି।

# ଭାଜପା ପ୍ରତିଶ୍ରୁତି ପାଣିର ଗାର: ସମୀର

**ଭୁବନେଶ୍ୱର,୯।୨(ବ୍ୟୁରୋ)**

ଭାଜପା ପକ୍ଷରୁ ଶନିବାର ଜାରି କରାଯାଇଥିବା ପ୍ରତିଶ୍ରୁତି ପତ୍ରକୁ ନେଇ ବିଜେଡି ସମାଲୋଚନା କରିଛି। ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଭାଜପା ଦେଇଥିବା ପ୍ରତିଶ୍ରୁତି କେଉଁ ରାଜ୍ୟରେ ପାଳନ ହୋଇଛି, ତାହା ପ୍ରଥମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ପଷ୍ଟ କରନ୍ତୁ। କଳାଧନ ଫେରାଇ ଆଣିବା, ପ୍ରତି ଭାରତୀୟଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ଦେଢ଼ଗୁଣା କରିବା ଏବଂ ପ୍ରତିବର୍ଷ ୨ କୋଟି ଯୁବତୀଯୁବକଙ୍କୁ ରୋଜଗାର ଦେବା ପ୍ରତିଶ୍ରୁତିର ଫଳ କ'ଣ ହୋଇଛି। ତେଣୁ ରାଜ୍ୟବାସୀଙ୍କୁ ସେମାନେ ଭୁଆଁ ବୁଲାନ୍ତୁ ନାହିଁ। ୧୯ ବର୍ଷ ଧରି ବିଜେଡି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାବାସୀଙ୍କ ସ୍ନେହ ଜାରି ରହିବ। କର୍ମୀଙ୍କ ମନ ବୁଝାଇବା ପାଇଁ ଭାଜପା ନେତୃବୃନ୍ଦ ଏପରି ପ୍ରତିଶ୍ରୁତି ଦେଇଥାଇ ପାରନ୍ତି ବୋଲି କହି ସମୀର କଟାକ୍ଷ କରିଛନ୍ତି।

## କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଡିସେମ୍ବର ସମୟ ମଧ୍ୟରେ ଦେଶ ମଧ୍ୟରୁ ଚାଇନାକୁ ୧୨.୭ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ ହୋଇଛି।

– ବାଣିଜ୍ୟ ମନ୍ତ୍ରଣାଳୟ

**ପ୍ରଥମ ପୃଷ୍ଠାରୁ...**

# ପଞ୍ଚାୟତ...

ଜମା ହୋଇଥିବା ୪୯.୦୭ କୋଟି ଟଙ୍କାର ମଧ୍ୟ କୌଣସି ହିସାବ ନାହିଁ। ସରକାରୀ ଆଦେଶ ଉଲ୍ଲଂଘନ କରି ୧୦୬ଟି ପଞ୍ଚାୟତ ସମିତି ୧୪୫.୫୦ କୋଟି ଟଙ୍କାର କୌଣସି ରେକର୍ଡ ରଖିନାହାନ୍ତି। କେବଳ ପଞ୍ଚାୟତ ସମିତି ନୁହେଁ ପଞ୍ଚାୟତଗୁଡ଼ିକରେ ମଧ୍ୟ ଅନିୟମିତତା ସୀମା ସରହଦ ଡେଇଁଯାଇଛି। ଅଡିଟ ରିପୋର୍ଟରୁ ଜଣାପଡ଼ିଛି ଯେ ୪୮୧୫ଟି ପଞ୍ଚାୟତରେ କର୍ତ୍ତୃପକ୍ଷଙ୍କ ଉପଯୁକ୍ତ ତଦାରଖ ଅଭାବରୁ ୧୭୪୪.୭୪ କୋଟି ଟଙ୍କାର ଅନୁଦାନ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଉକ୍ତ ପଞ୍ଚାୟତଗୁଡ଼ିକ ଅର୍ଥ ଖର୍ଚ୍ଚ କରିଥିଲେ ସୁଦ୍ଧା ୧୮୩୫.୬୦ କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଦେଇନାହାନ୍ତି। ଏପରି କି ୪୫୦୭ ପଞ୍ଚାୟତ ସେଗୁଡ଼ିକର ସେମାନଙ୍କର ବାର୍ଷିକ ବଜେଟ ମଧ୍ୟ ପ୍ରସ୍ତୁତ କରାଯାଇନାହିଁ। ୭୦ଟି ପଞ୍ଚାୟତରେ ୧୬.୫୫ ଲକ୍ଷ ଟଙ୍କା ଜମାଖାତାରେ ଦର୍ଶା ନ ଯାଇ ସିଧାସଳଖ ହଡପ କରାଯାଇଥିବା ଅଡିଟ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନରେ ଚଞ୍ଚକତାକରି ଭତ୍ତା ବଣ୍ଟନ କରା ନ ଯାଇ ୮୫୪ଟି ପଞ୍ଚାୟତରେ ୧.୦୫ କୋଟି ଟଙ୍କା ଲୁଟ୍ କରାଯାଇଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ୭୦ଟି ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆସିଥିବା ବଳକା ୫୮.୩୩ ଲକ୍ଷ ଟଙ୍କାକୁ ପଞ୍ଚାୟତ କର୍ମଚାରୀମାନେ ବଣ୍ଟନ ନ କରି ମିଳିମିଶି ଆତ୍ମସାତ କରିଛନ୍ତି। କେବଳ ସେତିକି ନୁହେଁ ୨୦୯ ପଞ୍ଚାୟତରେ ପୂର୍ବତନ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ସମ୍ପାଦକ, ସରପଞ୍ଚମାନେ ସେମାନଙ୍କର ଅବସର ଓ କାର୍ଯ୍ୟକାଳ ଶେଷ ପରେ ମଧ୍ୟ ୧.୪୯ କୋଟି ଟଙ୍କା ଜମା ନ ଦେଇ ହଡପ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଭିନ୍ନ ସୂତ୍ରରୁ ଆଦାୟ ହୋଇଥିବା ୪୨୩ଟି ପଞ୍ଚାୟତର ୭୧.୬୬ ଲକ୍ଷ ଟଙ୍କାକୁ ମଧ୍ୟ ଲୁଟ କରାଯାଇଛି। କେବଳ ପଞ୍ଚାୟତ ନୁହେଁ ପୌର ସଂସ୍ଥାଗୁଡ଼ିକ ମଧ୍ୟ ଦୁର୍ନୀତିରେ ଉବୁଟୁବୁ ହେଉଛନ୍ତି। ୧୦୬ଟି ପୌର ସଂସ୍ଥା ୨୦୧୭ ମାର୍ଚ୍ଚ ୩୧ ସୁଦ୍ଧା ୩୩୫୭. ୩୮ କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଦାଖଲ କରିନାହାନ୍ତି। ୫୧ ପୌର ସଂସ୍ଥା ଟିକସ ଆଦାୟ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନ ନେବାରୁ ୧୪.୦୭ କୋଟି ଟଙ୍କାର ରାଜସ୍ୱ ହାନି ହୋଇଛି। ୧୨ଟି ପୌର ସଂସ୍ଥାର ବାସଗୃହରେ ବେଆଇନ ଭାବେ ରହୁଥିବା ବ୍ୟକ୍ତିଙ୍କଠାରୁ ଭଡା ଆଦାୟ ନ ହେବାରୁ ୨୬.୮୩ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। କେବଳ ଅନିୟମିତତା ନୁହେଁ ସହରାଞ୍ଚଳରେ କୋଟି କୋଟି ଟଙ୍କାର ଯାନବାହନ ମଧ୍ୟ ବ୍ୟବହୃତ ନ ହୋଇ ଖତ ଖାଉଛି। ୭ଟି ପୌର ସଂସ୍ଥାରେ ୧୫.୩୬ କୋଟି ଟଙ୍କାର ୧୫୯ଟି ଯାନ ଖତଖାଉଛି। ରାଜ୍ୟରେ ଥିବା ୧୩ଟି ଉନ୍ନୟନ କର୍ତ୍ତୃପକ୍ଷରେ ପ୍ରଶାସନିକ ଉଦାସୀନତା ଯୋଗୁ ୪୨.୭୭ କୋଟି ଟଙ୍କା ଆଦାୟ ନ ହୋଇ ଦୀର୍ଘବର୍ଷ ହେବ ପଡିରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସରକାରୀ ଆଇନ କାନୁନକୁ ଦଳି ମକଚି ସେମାନଙ୍କ କର୍ମଚାରୀମାନଙ୍କୁ ବିଭିନ୍ନ ଭତ୍ତା ବାବଦରେ ୧.୯ କୋଟି ଟଙ୍କା ଗଣି ଦେଇଛନ୍ତି। କେବଳ ପଞ୍ଚାୟତିରାଜ ଅନୁଷ୍ଠାନ ନୁହେଁ, ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ, ବିଶ୍ୱବିଦ୍ୟାଳୟ ଏବଂ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜରେ ମଧ୍ୟ ଆର୍ଥିକ ହେରଫେର ହୋଇଥିବା ଲୋକାଲ ଫଣ୍ଡ ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟର ୧୦ଟି ବିଶ୍ୱବିଦ୍ୟାଳୟର ୧୧ ବର୍ଷର ହିସାବ ସମୀକ୍ଷା ହୋଇଥିଲା। ଅଡିଟ୍‌ରୁ ଜଣାପଡିଛି ଯେ ଦୀର୍ଘବର୍ଷ ଧରି ବିଭିନ୍ନ ବିଶ୍ୱବିଦ୍ୟାଳୟରେ୧୩୪.୦୫କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଥିବା ଅଡିଟ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଦୁର୍ଘଟଣା ରୋକିବା ପାଇଁ ୬ ଗୋଲ୍ଡେନ ନିୟମ

## ଟୁଇଟ୍ କରି ଜଣାଇଲେ ଡିଜିପି

କଟକ ଅଫିସ, ୯।୨– ୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ରବିବାର ଶେଷ ହେଉଛି। ଲୋକମାନଙ୍କୁ ଟ୍ରାଫିକ୍ ନିୟମ, ଗାଡି ଚାଳନା ଉପରେ ସଚେତନ କରିବା ପାଇଁ ଓଡ଼ିଶାର ସମସ୍ତ ପୋଲିସ ଜିଲା ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦୁର୍ଘଟଣା ରୋକିବାକୁ ପୋଲିସ ଏବଂ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଯେତେ ପ୍ରୟାସ କରାଯାଉଥିଲେ ମଧ୍ୟ ଦୁର୍ଘଟଣା କମିବା ବଦଳରେ ବଢିବାରେ ଲାଗିଛି। ଏହି ଅବସରରେ ଶନିବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସଡ଼କ ସୁରକ୍ଷା ସମ୍ପର୍କିତ ୬ଟି ଗୋଲ୍ଡେନ ନିୟମ ବିଷୟରେ ଟୁଇଟ୍ କରି ଜଣାଇଛନ୍ତି। ଏହି ନିୟମଗୁଡ଼ିକ ହେଲା ରାସ୍ତାରେ ନିର୍ଦ୍ଧାରିତ ହୋଇଥିବା ବେଗରେ ଗାଡି ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ଚାରି ଚକିଆ ଯାନ ଚଳାଉଥିଲେ ସିଟ୍ ବେଲ୍ଟ ପିନ୍ଧି ଗାଡି ଚଳାଇବା, ବାଇକ୍ ଚଳାଉ ଥିବାବେଳେ ହେଲମେଟ୍ ପିନ୍ଧିବା, ରାସ୍ତାରେ ଷ୍ଟପ୍ ଅବା ବନ୍ଦ ଲେଖାଯାଇଥିଲେ ଗାଡ଼ିର ଗତି କମାଇବା ସହ ସେଠାରେ ରଖିଦେବା, ନିଶାରେ ଗାଡ଼ି ନ ଚଳାଇବାକୁ ସେ କହିଛନ୍ତି। ବିଶେଷକରି ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ ଡିଜିପି ଗୋଲ୍ଡେନ ନିୟମ ବିଷୟରେ କହିଥିବା ସାମାଜିକ କର୍ମୀଙ୍କ ମଧ୍ୟରେ ଆଲୋଚନା ହେଉଛି।

# କାଳିଆ ଯୋଜନା: ୨ୟ ପର୍ଯ୍ୟାୟରେ ୧୩ଲକ୍ଷ ଚାଷୀଙ୍କୁ ମିଳିବ ସହାୟତା

ଭୁବନେଶ୍ୱର,୯।୨(ବ୍ୟୁରୋ)–କାଳିଆ ଯୋଜନାରେ ୧୨.୪୫ ଲକ୍ଷ ଚାଷୀଙ୍କୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ (ଡିବିଟି) ଜରିଆରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାନୁୟାରୀ ୨୪ରେ ପୁରୀଠାରେ ଆୟୋଜିତ କୃଷକ ସମାବେଶରେ ଏହାକୁ ଶୁଭାରମ୍ଭ କରିଥିଲେ। ଏହାଛଡା ଆଉ ୧୩ ଲକ୍ଷ ଚାଷୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସହାୟତା ରାଶି ଖୁବଶୀଘ୍ର ଯୋଗାଇ ଦିଆଯିବ ବୋଲି ଶନିବାର ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା କହିଛନ୍ତି। କେବେ ଏବଂ କେଉଁଠାରେ ସହାୟତା ପ୍ରଦାନ କରାଯିବ ସେ ନେଇ ଖୁବଶୀଘ୍ର ଜଣାଇ ଦିଆଯିବ। ୫ ଲକ୍ଷ ଚାଷୀଙ୍କୁ ଏହି ଯୋଜନାରେ ଜୀବିକା ସୁରକ୍ଷା ସହାୟତା ବାବଦରେ ପ୍ରଥମ ପର୍ଯ୍ୟାୟରେ ୫ ହଜାର ଟଙ୍କା ଯୋଗାଇ ଦିଆଯିବ। କାଳିଆ ଯୋଜନାକୁ ନେଇ ଚାଷୀଙ୍କ ମଧ୍ୟରେ ଅହେତୁକ ଉତ୍ସାହ ଦେଖା ଦେଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୩ | ୧୬.୨ |
| ଚାନ୍ଦବାଲି | ୩୦.୨ | ୧୯.୦ |
| କଟକ | ୨୯.୮ | ୧୭.୦ |
| ପାରାଦ୍ୱୀପ | ୨୮.୯ | ୧୯.୩ |
| ଭୁବନେଶ୍ୱର | ୩୨.୬ | ୧୯.୪ |
| ଗୋପାଳପୁର | ୩୧.୩ | ୧୯.୧ |
| ପୁରୀ | ୨୭.୬ | ୧୮.୮ |
| ଅନୁଗୋଳ | ୩୦.୭ | ୧୫.୦ |
| ବାରିପଦା | ୨୯.୪ | ୧୮.୪ |
| ଝାରସୁଗୁଡ଼ା | ୨୬.୪ | ୧୫.୮ |
| କେନ୍ଦୁଝର | ୨୮.୭ | ୧୬.୭ |
| ସମ୍ବଲପୁର | ୨୬.୯ | ୧୬.୦ |
| ସୁନ୍ଦରଗଡ଼ | --- | ୧୨.୦ |
| ହୀରାକୁଦ | ୨୬.୬ | ୧୬.୯ |
| ତାଳଚେର | --- | ୧୨.୭ |
| ଭବାନୀପାଟଣା | ୩୦.୦ | ୧୬.୦ |
| ବଲାଙ୍ଗୀର | ୨୯.୦ | ୧୬.୫ |
| କୋରାପୁଟ | ୩୦.୦ | ୧୪.୦ |
| ଫୁଲବାଣୀ | --- | ୧୦.୩ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | --- | --- |
| ସୋନପୁର | ୩୦.୨ | ୧୫.୨ |
| ଦାରିଙ୍ଗିବାଡ଼ି | ୨୭.୫ | ୧୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଦ୍ୱାଦଶସ୍ଥ ଚନ୍ଦ୍ର ରେବତୀ ନକ୍ଷତ୍ରସ୍ଥ ଯୋଗୁ ବନ୍ଧୁମାନଙ୍କ ସହ ଯାତ୍ରା କରି ଖୁସି ମନେଇବେ। ପାରସ୍ପରିକ ଆଲୋଚନା କ୍ରମରେ ଘରର କେତେକ ରହିଯାଇଥିବା କାମକୁ କରିବା ସକାଶେ ଚିନ୍ତା କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତାଦି ପ୍ରତିଯୋଗିତାରେ ସଫଳତା ଯୋଗୁ ନିନ୍ଦିତ ହେବେ।

**ବୃଷ**
ଉଚ୍ଚପଦସ୍ଥ ବ୍ୟକ୍ତିମାନଙ୍କ ସାହାଯ୍ୟ ସରକାରୀ ସ୍ତରରୁ,ଜମାଟଙ୍କାରୁ କିମ୍ବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇ ଖୁସି ହେବେ। ପାରିବାରିକ ସ୍ତରରେ ଗୁରୁବର୍ଗଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପ୍ରଶାସନିକ ସ୍ତରରେ ଅଥବା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ**
ନୂତନ କର୍ମାରମ୍ଭରେ କିମ୍ବା ଆନୁଷ୍ଠାନିକ କାମରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବ୍ୟାହତ କରିବ। ବ୍ୟବସାୟୀମାନେ ସମସ୍ୟା ଓ ପ୍ରତିବନ୍ଧକକୁ ଯଥାସାଧ୍ୟ ପ୍ରତିହତ କରିପାରିବେ। ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା କିମ୍ବା ଯାତ୍ରା ତରବରିଆ ଭାବେ କରନ୍ତୁ ନାହିଁ।

**କର୍କଟ**
ରାହୁ ଅଧିଷ୍ଠିତ ରାଶ୍ୟାଧିପତି ଚନ୍ଦ୍ର ଭାଗ୍ୟଭାବରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଦ୍ୱାରା କାମ ହାସଲ କରାଇବ। କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସଙ୍ଗକୁ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଉଚ୍ଚବର୍ଗଙ୍କ ପୃଷ୍ଠପୋଷକତାରୁ କାର୍ଯ୍ୟସିଦ୍ଧି କିମ୍ବା ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ସିଂହ**
ବୃହସ୍ପତି ଧନାଧିପତି ନକ୍ଷତ୍ରସ୍ଥ ହେତୁ ପାରିବାରିକ କ୍ଷେତ୍ରରେ ରହିଥିବା ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହେବେ। ନିକଟ ସମ୍ପର୍କୀୟମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରିବାକୁ ପଡ଼ିବ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
ଆଜିର ସଭାସମିତିରେ ଚତୁର୍ଥସ୍ଥ ଶନି ଓ ଶୁକ୍ରଜନିତ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିବା ଯୋଗୁ ମାନସିକ ସ୍ତରରେ ଆଶା ମନକୁ ବିଚଳିତ କରିବ। ପରୋକ୍ଷ ଶତ୍ରୁତା ହେତୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହ ସଜ୍ଜାରେ ମନୋନିବେଶ କରିବେ।

**ତୁଳା**
ତୃତୀୟସ୍ଥ ଶନି ଯୋଗୁ ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରି ଋଣମୁକ୍ତ ହୋଇପାରନ୍ତି। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ କୌଣସି ସମସ୍ୟା ଆସିପାରେ। ଆପୋସ ଆଲୋଚନା ଦ୍ୱାରା ବନ୍ଧୁଙ୍କ ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ଆଜିର ଯାତ୍ରାରେ ସଫଳତା ଅବଶ୍ୟ ମିଳିବ, କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନରେ ଲାଭବାନ ହେବେ। ଈର୍ଷା ପରାୟଣ ନିଜର ପାଖ ଲୋକମାନେ ଅପପ୍ରଚାର କରି ପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ଆଜିର କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ଚନ୍ଦ୍ରଙ୍କ ସ୍ଥିତିଜନିତ ବିଗିଡି ଯାଇପାରେ। ଠିକ୍ କେତେକ କ୍ଷେତ୍ରରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବାର ସୂଚନା ରହିଛି। ଆଜିର ଦିନଚର୍ଯ୍ୟାରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**
ରାଶିରେ ରବି ଓ କେତୁ ପ୍ରଭାବରୁ ଆପଣ ମାନସିକ ସନ୍ତୁଳନ ହରାଇପାରନ୍ତି। ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପରିସ୍ଥିତିବଶତଃ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ମତାନ୍ତରଜନିତ କେତେକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ଚିନ୍ତିତ ରହିବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ବ୍ୟବସାୟ, ବନ୍ଧୁସମ୍ପର୍କ, ଆଲୋଚନା, କ୍ରୟବିକ୍ରୟ କ୍ଷେତ୍ରରେ ସନ୍ତୋଷଜନକ ଫଳପାଇବେ।

**ମୀନ**
ଅନ୍ୟମାନଙ୍କୁ ଆପଣାର କରିବା ସକାଶେ ବିଭିନ୍ନ ଉପାୟ ଅବଲମ୍ବନ କରି କୃତକାର୍ଯ୍ୟ ହୋଇପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

ଆଜି ମାଘ ଶୁକ୍ଳପକ୍ଷର ଶ୍ରୀପଞ୍ଚମୀ ରବିବାର, ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ଜନ୍ମଦିବସ ଓ ପୂଜା, ଶ୍ରୀମନ୍ଦିରରେ ଜନ୍ମୋତ୍ସବ,ରଥ କାଠ ଅନୁକୂଳ ଓ ପୂଜା, ଫେବୃୟାରୀ ୧୦ ତାରିଖ, ବିଶ୍ୱ ବିବାହ ଦିବସ, ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ, ରବିବାର, ରାଶି ନକ୍ଷତ୍ର, ରେବତୀ/ମୀନ, ମେଷ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ, ସକାଳ ଘ୭।୫୦ମି. ଗତେ ଘ୯।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୩ମି. ଗତେ ଘ୧୦।୩୬ମି. ମଧ୍ୟେ ଘ୧।୨୨ମି. ଗତେ, ଘ୨।୪୫ମି. ମଧ୍ୟେ ମାହେନ୍ଦ୍ରବେଳା।

## ସଂକ୍ଷେପରେ

### ଝାରସୁଗୁଡ଼ାରୁ ୩ ମହାନଗରକୁ ଉଡ଼ିବ ବିମାନ

ଝାରସୁଗୁଡ଼ା ଅଫିସ,୯।୨: ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦରରୁ ଦେଶର ୩ ମହାନଗରକୁ ଉଡ଼ିବ ବିମାନ। ଏପ୍ରିଲ ପହିଲାରୁ ରାଜଧାନୀ ଦିଲ୍ଲୀ ସମେତ ହାଇଦ୍ରାବାଦ ଏବଂ କୋଲକାତାକୁ ସ୍ପାଇସ୍ ଜେଟ୍ ବିମାନ ସେବା ଆରମ୍ଭ କରିବା ନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିବା ଭିଏସ୍ଏସ୍ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ ଚୌହାନ କହିଛନ୍ତି। ସ୍ପାଇସ୍ ଜେଟ୍ ଅଧିକାରୀ ଓ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଇଥିବା ଆଲୋଚନାରୁ ଏହି ନିଷ୍କର୍ଷ ବାହାରିଛି। ଏଥିପାଇଁ ବିମାନ କମ୍ପାନୀର ଏକ ୮ ଜଣିଆ ପ୍ରତିନିଧି ଦଳ ଶନିବାର ଭିଏସ୍ଏସ୍ ବିମାନବନ୍ଦର ପରିଦର୍ଶନରେ ଆସିଛନ୍ତି। ଏହି ଟିମ୍‌ରେ ସ୍ପାଇସ୍ ଜେଟ୍‌ର ରିଜିଓନାଲ ମ୍ୟାନେଜର ବ୍ରିଜେନ୍ଦ୍ର ସିଂ (କୋଲକାତା) ଏବଂ କ୍ୟାପ୍ଟେନ ଏ.ଏସ୍. ସିଂଙ୍କ ସମେତ ନୂଆଦିଲ୍ଲୀର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ଶନିବାର ବିମାନବନ୍ଦର ଅଧିକାରୀଙ୍କ ସହ ଦୁଇଟି ବୈଠକ ପରେ ଅନ୍ୟ ସେବା ଓ ସୁବିଧା ଯାଞ୍ଚ ପାଇଁ ଟିମ୍ ସଦସ୍ୟମାନେ ଟର୍ମିନାଲରେ ପହଞ୍ଚିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ ଆଜି

**ଫୁଲବାଣୀ ଅଫିସ, ୯।୨:** ଦିନିକିଆ କନ୍ଧମାଳ ଗସ୍ତରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସୁଛନ୍ତି । ସେ ଭୁବନେଶ୍ୱରରୁ ଅପରାହ୍ଣ ୨ଟା ୨୫ ମିନିଟ୍‌ରେ ବାହାରି ୩ଟାରେ ଫୁଲବାଣୀ ଗୁଦାରୀ ଏୟାରଷ୍ଟ୍ରିପରେ ଅବତରଣ କରିବେ । ସେଠାରୁ ଗାଡିରେ କନ୍ଧମାଳ ଷ୍ଟାଡିୟମ ଯାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ। ଏହାପରେ ବିଜୁ ଯୁବ ବାହିନୀର ଆଞ୍ଚଳିକ ସମାବେଶରେ ଉଦ୍‌ବୋଧନ ଦେବେ। ଏଥିରେ ଗଞ୍ଜାମ, ବୌଦ୍ଧ, ନୟାଗଡ ଓ ଗଜପତି ଆଦି ଜିଲାର ଯୁବ ବାହିନୀ ସଦସ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାରରୁ ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ସ୍ଥାନୀୟ କରୋନେସନ ପଡିଆରେ ଚାଲିଥିବା ପୁସ୍ତକ ମେଳାକୁ ପ୍ରଶାସନ ବଳପୂର୍ବକ ଶନିବାର ବନ୍ଦ କରିଦେବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ପାର୍କିଂ ହେବା ଆଳ ଦେଖାଇ ପ୍ରଶାସନ ଏପରି କରିଛି। ପୁସ୍ତକ ମେଳା ରବିବାର ଶେଷ ହୋଇଥାନ୍ତା । ପଡିଆରେ ଲାଗି ଥିବା ଷ୍ଟଲଗୁଡିକୁ ଉଠାଇ ଦିଆଯିବାରୁ ବ୍ୟବସାୟୀ ଏବଂ ଆୟୋଜକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଯଦି ଥିଲା, ତାହାଲେ ପ୍ରଶାସନ ୧୦ ତାରିଖ ପର୍ଯ୍ୟନ୍ତ କାହିଁକି ଅନୁମତି ଦେଇଥିଲା ବୋଲି ବ୍ୟବସାୟୀମାନେ କହିବା ସହ ବ୍ୟବସାୟରେ କ୍ଷତି ହୋଇଥିବା ମଧ୍ୟ ପ୍ରକାଶ କରିଛନ୍ତି। ଅପରପକ୍ଷେ ବିଜୁ ଯୁବ ବାହିନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ବଲିଉଡ ଗାୟକ ସୋନୁ ନିଗମ ଏବଂ ସାଥୀଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ହେବାର ସୂଚନା ଦିଆଯାଇଛି ।




■ ପ୍ରଶାସନିକ ସ୍ତରରେ ଅଦଳବଦଳ

# ଅନିଲ ସାମଲ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର

- ■ ଯାମିନୀ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମସଚିବ
- ■ ଗୁହା ପୁନମ ଜଗତ୍‌ସିଂହପୁର ଜିଲାପାଳ
- ■ ସମର୍ଥ ବିଏମ୍‌ସି କମିଶନର

ଭୁବନେଶ୍ୱର,୯।୨(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପ୍ରଶାସନିକ ସ୍ତରରେ ମଧ୍ୟମଧରଣର ଅଦଳବଦଳ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ଅନୁମୋଦନ କ୍ରମେ ଶନିବାର ସାଧାରଣ ପ୍ରଶାସନ ବିଭାଗ(ଜିଏ)ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୦୩ ବ୍ୟାଚ୍‌ର ତଥା ଅନୁଗୋଳ ଜିଲାପାଳ ଥିବା ଅନିଲ କୁମାର ସାମଲଙ୍କୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ସଚିବ ଥିବା ମନୋଜ କୁମାର ମହାନ୍ତି(ଦ୍ୱିତୀୟ)ଙ୍କୁ ଅନୁଗୋଳର ନୂତନ ଜିଲାପାଳ ଭାବେ ନିଯୁକ୍ତି ମିଳିଛି। ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡ଼ଙ୍ଗୀ(୨୦୦୮)ଙ୍କୁ ସଚିବାଳୟକୁ ବଦଳି କରାଯାଇଛି। ସେ ଏଣିକି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଯୁଗ୍ମସଚିବ ଭାବେ କାର୍ଯ୍ୟ କରିବେ। ତାଙ୍କ ସ୍ଥାନରେ ଜଗତ୍‌ସିଂହପୁର ଜିଲାପାଳ ଭାବେ ଗୁହା ପୁନମ୍ ତାପସ କୁମାର(୨୦୦୮)ଙ୍କୁ ଅବସ୍ଥାପିତ କରାଯାଇଛି। ଗୁହା ପୁନମ୍ ବର୍ତ୍ତମାନ ଯାଏ ରାୟଗଡାର ଜିଲାପାଳ ଦାୟିତ୍ୱ ତୁଲାଇ ଆସୁଥିଲେ। ପୂର୍ତ୍ତ, ଇସ୍ପାତ ଏବଂ ଖଣିମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରମୋଦ କୁମାର ବେହେରାଙ୍କୁ ରାୟଗଡା ଜିଲାପାଳ କରାଯାଇଛି। ଝାରସୁଗୁଡା ଜିଲାପାଳ ବିଭୂତିଭୂଷଣ ପଟ୍ଟନାୟକ(୨୦୦୬)ଙ୍କୁ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି।

ବରିଷ୍ଠ ଓଏଏସ୍ ଅଧିକାରୀ ତଥା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଥିବା ବିଭୂତିଭୂଷଣ ଦାସଙ୍କୁ ଝାରସୁଗୁଡା ଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ସମ୍ବଲପୁର ଜିଲାପାଳ ଭାବେ କାର୍ଯ୍ୟରତ ସମର୍ଥ ବର୍ମା(୨୦୧୧)ଙ୍କୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ବିଏମ୍‌ସି କମିଶନର ଥିବା ଶୁଭମ୍ ସାକ୍ସେନା(୨୦୧୩)ଙ୍କୁ ସମ୍ବଲପୁର ଜିଲାପାଳ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ଇସ୍ତଫା ଦେଲେ ଭିମ୍‌ସାର୍ ନିର୍ଦ୍ଦେଶକ

- ■ ସରକାରଙ୍କ ଅବହେଳାକୁ କଲେ ଦାୟୀ
- ■ ତେଜିଲା ଜନ ଅସନ୍ତୋଷ
- ■ ରାଜନୀତି କରିବା ନେଇ ଚର୍ଚ୍ଚା
- ■ କହିଲେ ନିଷ୍ପତ୍ତି ନେଇନି

ସମ୍ବଲପୁର/ଚିପିଲିମା,୯।୨(ବ୍ୟୁରୋ/ଡି.ଏନ୍.ଏ.)

ବାଧ୍ୟତାମୂଳକ ଛୁଟିରେ ଥିବା ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ରିସର୍ଚ୍ଚ(ଭିମ୍‌ସାର୍)ର ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଶନିବାର ଏ ନେଇ ସେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ନିକଟକୁ ଶୁକ୍ରବାର ରାତିରେ ଇ-ମେଲ୍ ଯୋଗେ ଓ ଶନିବାର ସ୍ପିଡ୍‌ପୋଷ୍ଟ ଯୋଗେ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା କହିଛନ୍ତି। ହେଲେ ତାଙ୍କ ଇସ୍ତଫାକୁ ଗ୍ରହଣ କରାଯାଇ ନ ଥିବା ସେ ଦର୍ଶାଇଛନ୍ତି।


ଅଶ୍ୱିନୀ ପୂଜାହାରୀ।

ପୂଜାହାରୀଙ୍କ କହିବା ଅନୁଯାୟୀ, ଭିମ୍‌ସାର୍‌ରେ ସେ ନିର୍ଦ୍ଦେଶକ ଭାବେ ଯୋଗଦେବା ପୂର୍ବରୁ ଡାକ୍ତରମାନେ ଠିକ୍ ସମୟରେ ଡାକ୍ତରଖାନାକୁ ଆସୁ ନ ଥିଲେ। କ୍ଲିନିକ୍‌ରେ ରୋଗୀ ସେବା କରୁଥିଲେ। ଏଥିରେ ରୋକ୍ ଲଗାଇବା ପାଇଁ ସେ କଡ଼ା ପଦକ୍ଷେପ ଗ୍ରହଣ କରିଥିଲେ। ଏହାସହ ମେଡିକାଲ ପରିସରରେ ଦଲାଲରାଜକୁ ବନ୍ଦ କରି ଦିଆଯାଇଥିଲା। ତେଣୁ କେତେଜଣ ବ୍ୟକ୍ତିଙ୍କ ସ୍ୱାର୍ଥରେ ଆଞ୍ଚ ଆସିଥିଲା। ତେଣୁ ଜୁନିୟର ଡାକ୍ତର ସଂଘ ତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ଅଭିଯୋଗ ଆଣିଥିଲା। ଏହି ଅଭିଯୋଗଗୁଡ଼ିକର ତଦନ୍ତ ଜାରି ରହିଛି। ଏପରି କି ଅଭିଯୋଗ ଉପରେ ପକ୍ଷ ରଖିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ ନୋଟିସ ଜାରି କରିଥିଲା। ସମସ୍ତ ଅଭିଯୋଗ ଉପରେ ସେ ମତ ରଖିଥିଲେ। ହେଲେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ବରଂ ତାଙ୍କୁ ପ୍ରାୟ ଦେଢ଼ମାସ ହେଲା ବାଧ୍ୟତାମୂଳକ ଛୁଟିରେ ପଠାଇ ଦିଆଗଲା। ଏହା ତାଙ୍କ ଆତ୍ମସମ୍ମାନରେ ଆଞ୍ଚ ଆଣିଥିଲା। ତେଣୁ ବାଧ୍ୟହୋଇ ସେ ଇସ୍ତଫା ଦେଇଥିବା କହିଛନ୍ତି।

ଇସ୍ତଫା ଦେବା ପରେ ପୂଜାହାରୀ ରାଜନୀତିରେ ଯୋଗଦେବା ନେଇ ଚର୍ଚ୍ଚା ଜୋର ଧରିଛି। ଖବରଦାତାମାନଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ପୂଜାହାରୀ କହିଥିଲେ, ଏ ନେଇ କୌଣସି ନିଷ୍ପତ୍ତି ନେଇନାହିଁ। ସମୟ ଆସିଲେ ଚିନ୍ତା କରିବି । ଅନ୍ୟପକ୍ଷେ ପୂଜାହାରୀଙ୍କ ଇସ୍ତଫା ଖବର ପ୍ରଚାରିତ ହେବା ପରେ ଜନଅସନ୍ତୋଷ ତେଜିବାରେ ଲାଗିଛି। ରାଜନୈତିକ ପଶାପାଲିରେ ପୂଜାହାରୀଙ୍କୁ ବଳି ପକାଯାଇଥିବା ଆଲୋଚନା ହେଉଛି। ଲୋକେ ଠିକଣା ସମୟରେ ଏହାର ଜବାବ ଦେବେ ବୋଲି ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଭିମ୍‌ସାର୍ ନିର୍ଦ୍ଦେଶକ ଭାବେ ଯୋଗଦେବା ପରେ ନିଜର କଡ଼ା ଅନୁଶାସନ ପାଇଁ ପୂଜାହାରୀ ସର୍ବଦା ଚର୍ଚ୍ଚାରେ ରହି ଆସିଥିଲେ। ଷ୍ଟିଙ୍ଗ୍ ଅପରେଶନ କରି ପ୍ରାଇଭେଟ୍ ପ୍ରାକ୍ଟିସ୍ କରୁଥିବା କେତେଜଣ ଡାକ୍ତରଙ୍କୁ ଧରିବା ପରେ ତାଙ୍କ ପ୍ରତି ଜନସମର୍ଥନ ଯଥେଷ୍ଟ ବଢ଼ିଥିଲେ ମଧ୍ୟ କର୍ମଚାରୀ ମହଲରେ ବିରୋଧର ସମ୍ମୁଖୀନ ହୋଇଥିଲେ। ଡାକ୍ତର ଓ କର୍ମଚାରୀଙ୍କୁ ସେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ଉଠିଥିଲା। ଲୁଣ ଚିକିତ୍ସାକୁ ନେଇ ସେ ଅଧିକ ବିବାଦୀୟ ହୋଇପଡିଥିଲେ । ତାଙ୍କୁ ପଦବୀରୁ ବହିଷ୍କାର ଦାବିରେ ଜୁନିୟର ଡାକ୍ତର ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ବାଧ୍ୟତାମୂଳକ ଛୁଟିରେ ଯିବାକୁ କୁହାଯାଇଥିଲା। ଇତିମଧ୍ୟରେ ପ୍ରାୟ ଦେଢ଼ମାସ ବିତିଯାଇଥିଲେ ମଧ୍ୟ ବିବାଦର ସମାଧାନ ହୋଇପାରି ନାହିଁ।

■ ମୟୂରଭଞ୍ଜରେ ପୁଣି ଲଜ୍ଜା

# ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଉଦଳା, ୯।୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲାରେ ଥିବା ସେବାଶ୍ରମଗୁଡ଼ିକରେ ଜଣକ ପରେ ଜଣେ ଛାତ୍ରୀ ଗର୍ଭବତୀ ହେବା ଘଟଣା ଜନମାନସକୁ ବିଚଳିତ କରିଛି। ଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏପରି ପରିସ୍ଥିତି ଉପୁଜୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଉଦଳା ବ୍ଲକ ଖଲାଡି ପଞ୍ଚାୟତରେ ଥିବା ଏକ ଆଶ୍ରମ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ଶନିବାର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହି ଖବର ଜିଲା ପ୍ରଶାସନ ପାଖରେ ପହଞ୍ଚିବା ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମହାପାତ୍ରଙ୍କୁ ବଦଳି କରାଯାଇଛି। ଏହାସହ ଆଶ୍ରମ ହଷ୍ଟେଲ ଦାୟିତ୍ୱରେ ଥିବା ମାଟ୍ରନ ସୁବର୍ଣ୍ଣ ମଢ଼େଇଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।

**ପ୍ରଧାନଶିକ୍ଷକଙ୍କୁ ବଦଳି, ମାଟ୍ରନ ବହିଷ୍କୃତ**

ଉକ୍ତ ଛାତ୍ରୀଙ୍କ ଘର କପ୍ତିପଦା ଥାନା ଅଞ୍ଚଳରେ। ସେ ଗର୍ଭବତୀ ହୋଇଥିବା ଜାଣିବା ପରେ ଆଶ୍ରମ ସ୍କୁଲ କର୍ତ୍ତୃପକ୍ଷ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ସହ ଉକ୍ତ ଛାତ୍ରୀଙ୍କୁ ବାରିପଦା ପିଆରଏମ୍ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି। ଉଦଳା ଥାନା ପୋଲିସ ଘଟଣାର ଖୋଳତାଡ଼ ଆରମ୍ଭ କରିଛି। ହେଲେ କାହାରିକୁ ଗିରଫ କରାଯାଇନାହିଁ। ଉଦଳା ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର ଏବଂ ଆଇଆଇସି ସନାତନ ସାହୁ ତଦନ୍ତ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଛାତ୍ରୀ ଜଣକ ଦୁର୍ଗାପୂଜା ସମୟରେ ନିଜ ଗ୍ରାମକୁ ଯାଇଥିବାବେଳେ ଅସଦାଚରଣର ଶିକାର ହୋଇଥିଲେ । ମାତ୍ର ୪ ମାସ ପରେ ନାବାଳିକା ଜଣକ ଅନ୍ତଃସତ୍ତ୍ୱା ହୋଇଥିବା ଜାଣି ପାରି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୧୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। କିଛିଦିନ ତଳେ ମୋରଡ଼ା ଥାନା ଅଧୀନ ଏକ ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏବେ ଉଦଳା ଥାନା ଅଞ୍ଚଳରେ ଅନୁରୂପ ଘଟଣା ଅଭିଭାବକମାନଙ୍କୁ ଚିନ୍ତାରେ ପକାଇଛି।

### ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର

ବାରିପଦା ଅଫିସ, ୯।୨

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୧୪ ବର୍ଷର ଜଣେ ନାବାଳକ ବଳାତ୍କାର କରିଥିବା ଜଣାପଡିଛି। ଶନିବାର ସନ୍ଧ୍ୟା ସୁଦ୍ଧା ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିଲେ ସୁଦ୍ଧା ପୋଲିସ ନିଜ ଆଡୁ ତଦନ୍ତ କରୁଛି। ଅପରପକ୍ଷେ ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ପ୍ରଥମେ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ଚନ୍ଦନ କୁମାର ଘଡେଇ ସୂଚନା ଦେଇଛନ୍ତି।

ଉକ୍ତ ନାବାଳିକା ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିବାବେଳେ ନାବାଳକ ଜଣକ ତାଙ୍କୁ ନିଛାଟିଆ ସ୍ଥାନକୁ ଡାକିନେଇ ବଳାତ୍କାର କରିଥିଲେ। ତେବେ ଦୀର୍ଘ ସମୟ ଧରି ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ପରିବାର ଲୋକେ ଉକ୍ତ ନାବାଳିକାଙ୍କୁ ମୁମୂର୍ଷ ଅବସ୍ଥାରେ ସେଠାରେ ପଡିଥିବା ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାଙ୍ଗିରିପୋଷି ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରୁ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଅବସ୍ଥା ଏବେ ଗୁରୁତର ରହିଛି।

### କଲେଜ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୯।୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳରେ ଶନିବାର ଜଣେ କଲେଜ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସେ ହେଲେ ବେଲପାହାଡ଼ ଫାଟକଠାରେ ରହୁଥିବା ସରୋଜ କୁମାର ରାୟଙ୍କ ଝିଅ ସୁଚିତ୍ରା ରାୟ (୧୬)। କୁର୍‌କୁରେ ଖାଉଥିବା ବେଳେ ତାହା ତଣ୍ଟିରେ ଲାଗିଯିବାରୁ ସୁଚିତ୍ରାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ବେଲପାହାଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି।

ପୋଲିସ ସୂଚନା ମୁତାବକ, ସୁଚିତ୍ରା ବ୍ରଜରାଜନଗର କଲେଜରେ +୨ ପଢୁଥିଲେ। ଶନିବାର କଲେଜରୁ ଫେରି ଘରେ ସେ ମୋବାଇଲ ଦେଖିବା ସହ କୁର୍‌କୁରେ ଖାଉଥିଲେ। କିଛି ସମୟ ପରେ ସୁଚିତ୍ରା ଅଚେତ ଅବସ୍ଥାରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ତୁରନ୍ତ ତାଙ୍କୁ ଟିଆର୍ଏଲ୍ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବେଲପାହାଡ଼ ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି।










ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ସୁଧ ଓ ଗୋବଧ



ଆକାର ପଟେଲ

ଏଯାବତ୍ ପାକିସ୍ତାନ ତିନୋଟି ସମ୍ବିଧାନ ପାଇଛି। ଏ ତିନୋଟି ଭିତରେ ଗୋଟିଏ ଜିନିଷ ହେଉଛି ସାଧାରଣ ଏବଂ ତାହା ହେଉଛି ସୁଧ ଓ ଆଧୁନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ନାପସନ୍ଦ କରିବା। ତେବେ ଏହାର ଇତିହାସ ନିର୍ଦ୍ଦିଷ୍ଟଭାବେ ଇସ୍‌ଲାମୀୟ ନୁହେଁ। ବାଇବେଲର ପୁରାତନ ନିୟମରେ ମଧ୍ୟ ଅଛି ଯେ ଋଣ ଉପରେ ସୁଧ ନେବା ଉଚିତ ନୁହେଁ। ମୁଦ୍ରା ବିନିମୟକାରୀ ଓ ଋଣଦାତାମାନଙ୍କ ଉପରେ ରାଗି ଯିଶୁ ଏକଦା ସେମାନଙ୍କୁ ଜେରୁଜେଲମ୍ ମନ୍ଦିରରୁ ବାହାର କରିଦେଇଥିଲେ।

ପାକିସ୍ତାନର ୧୯୫୬ ସମ୍ବିଧାନର ଧାରା ୨୮ କହେ, ଯେତେ ଶୀଘ୍ର ସମ୍ଭବ ରିବା (ସୁଧ) ବ୍ୟବସ୍ଥାର ମୂଳପୋଛ କରିଦିଆଯିବା ଉଚିତ। ପରେ ସେ ଦେଶରେ ସମ୍ବିଧାନର ଯେତେଗୋଟି ସଂସ୍କରଣ ହୋଇଛି, ସବୁଥିରେ ଏଇ କଥାଟିକୁ ରଖାଯାଇଛି। ରାଷ୍ଟ୍ରପତି ଆୟୁବ ଖାନ୍‌ଙ୍କ ସମୟରେ ୧୯୬୦ ଦଶକରେ, ପ୍ରଧାନମନ୍ତ୍ରୀ ଜୁଲଫିକର ଅଲି ଭୁଟ୍ଟୋଙ୍କ ଅମଳରେ ୧୯୭୦ ଦଶକରେ ଏବଂ ତା'ପରେ ୧୯୮୦ ଦଶକରେ ରାଷ୍ଟ୍ରପତି ଜିଆ ଉଲ୍ ହକ୍ ଓ ୨୦୦୦ ଦଶକରେ ରାଷ୍ଟ୍ରପତି ମୁଶରଫଙ୍କ ଅମଳରେ କରାଯାଇଥିବା ସଂଶୋଧନରେ ଏହି ପ୍ରସଙ୍ଗକୁ ବାଦ୍ ଦିଆଯାଇ ନାହିଁ। ୧୯୯୧ରେ ସୁପ୍ରିମ୍‌କୋର୍ଟର ଶାରିଆ ଆପେଲେଟ୍ ବେଞ୍ଚ୍ ଘୋଷଣା କଲେ ଯେ, ପାକିସ୍ତାନରେ ବ୍ୟାଙ୍କଗୁଡ଼ିକ ଋଣ ଉପରେ ଯେଉଁ ସୁଧ ଆଦାୟ କରୁଛନ୍ତି, ତାହା ବେଆଇନ। ୧୯୯୯ ମସିହାରେ କୋର୍ଟ ନିଷ୍ପତ୍ତି ନେଲେ ଯେ ଏହି ଆଇନକୁ କାର୍ଯ୍ୟକାରୀ କରାଯିବ। ଅବଶ୍ୟ ଆଧୁନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ମୂଳ ହେଉଛି ସୁଧ ଏବଂ ଯଦି ଆଇନ କାର୍ଯ୍ୟକାରୀ ହୋଇଥାନ୍ତା, ତେବେ ପାକିସ୍ତାନର ଅର୍ଥନୀତି ଭୁଶୁଡ଼ିପଡ଼ିଥାନ୍ତା। କିନ୍ତୁ ସୁଧ ନେବା ଯେ ଭୁଲ୍ ଏବଂ ଆଲ୍ଲା ତାହା ପସନ୍ଦ କରନ୍ତି ନାହିଁ, ଏହି ଚିନ୍ତାଧାରା ପାକିସ୍ତାନର ମୁସଲମାନ ସମାଜରେ ବଳବତ୍ତର ରହିଛି। ପାକିସ୍ତାନର ଏକଚ୍ଛତ୍ରବାଦୀ ଶାସକ ମୁଶରଫ କୋର୍ଟକୁ ସୁଧ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରୁ ନିବର୍ତ୍ତାଇ ପାରିଥିଲେ। ତଥାପି ସୁଧବିରୋଧୀ ଚିନ୍ତାଧାରା ସେମିତି ବଳବତ୍ତର ରହିଛି। ୨୦୧୫ ମସିହାରେ ସୁଧ ବିରୋଧରେ ଆଉ ଏକ ବିଲ୍ ଗୃହୀତ ହୋଇଥିଲା। ଯେହେତୁ ସମ୍ବିଧାନରେ ଏହା ରହିଛି, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସମୟରେ କାହାରି ନା କାହାରି ଦ୍ୱାରା ଉଦ୍ୟମ ହେଉଥିବ।

ଭାରତର ସମ୍ବିଧାନ ହେଉଛି ଦକ୍ଷିଣ ଏସିଆରେ ଏକମାତ୍ର ଅଣ-ଗରିଷ୍ଠତାମୂଳକ ସମ୍ବିଧାନ, ଯାହା କୌଣସି ନିର୍ଦ୍ଦିଷ୍ଟ ଧର୍ମମତ ଓ ତା'ର ଅନୁଗାମୀମାନଙ୍କ ଅଧିକାରକୁ ଗୁରୁତ୍ୱ ଦିଏ ନାହିଁ। ଆମ ସମ୍ବିଧାନର ଧାରା ୪୮ରେ ଅଛି ଯେ, ଆମ ସରକାର ଆଧୁନିକ ଓ ବୈଜ୍ଞାନିକ ପଦ୍ଧତିରେ କୃଷି ଓ ପଶୁପାଳନକୁ ସଂଗଠିତ କରିବେ ଏବଂ ବିଭିନ୍ନ ପ୍ରଜାତିର ସୁରକ୍ଷା ଓ ଉନ୍ନତି କରିବା ସହ ଗାଈ ଓ ବାଛୁରିଙ୍କ ହତ୍ୟା ତଥା ଅନ୍ୟ ଦୁଧିଆଳୀ ଓ କ୍ଷୀର ଦେଉ ନ ଥିବା ଗୋମହିଷାଦି ପଶୁଙ୍କ ହତ୍ୟାକୁ ବନ୍ଦ କରିବେ। ଏଠାରେ ଦୁଇଟି ଜିନିଷ ଉଲ୍ଲେଖନୀୟ: ତାହା ହେଉଛି ଏକ ବୈଜ୍ଞାନିକ ଓ ଅର୍ଥନୈତିକ ପ୍ରଚେଷ୍ଟା ଯାହା ସହ ଧର୍ମର କୌଣସି ସମ୍ପର୍କ ନାହିଁ। ଦ୍ୱିତୀୟରେ ଦୁଧିଆଳୀ ପ୍ରାଣୀଙ୍କ ଭିତରେ ଉଭୟ ଗାଈ ଓ ମଇଁଷି ଅଛନ୍ତି ଏବଂ କ୍ଷୀର ଦେଉ ନ ଥିବା ପ୍ରାଣୀ କହିଲେ ହଳ କରୁଥିବା ଓ ଶଗଡ଼ ଟାଣୁଥିବା ଗୋରୁ ଓ ମଇଁଷିଙ୍କୁ ବୁଝାଏ। ସମ୍ବିଧାନରେ ଯାହା ଲେଖାଯାଇଛି, ତାହାର ଭାଷା ବୈଜ୍ଞାନିକ ଓ ଅର୍ଥନୈତିକ ହେଲେ ମଧ୍ୟ ସେଥିରେ କିଛି ଧାର୍ମିକ ବିଷୟ ରହିଛି। ପାକିସ୍ତାନ ଯେପରି ଧାରା ୨୮କୁ କାର୍ଯ୍ୟକାରୀ କରିପାରୁନାହିଁ, ଭାରତ ସେହିପରି ଧାରା ୪୮ର ଫାନ୍ଦରେ ପଡ଼ିଛି।

ଫେବୃୟାରୀ ୫ରେ ଏକ ଖବର ପ୍ରକାଶ ପାଇଲା ଯେ, ଗୋହତ୍ୟା ଅଭିଯୋଗରେ ମଧ୍ୟପ୍ରଦେଶରେ ତିନିଜଣ ମୁସଲମାନଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଛି। ଅପରାଧ ନ କରି ମଧ୍ୟ ଏନ୍‌ଏସ୍‌ଏରେ କୌଣସି ବ୍ୟକ୍ତିଙ୍କୁ ପ୍ରତିକାରାତ୍ମକ ଭାବେ ଜେଲରେ ଅଟକ ରଖାଯାଇପାରେ, ଯାହାଦ୍ୱାରା ସେ ଭବିଷ୍ୟତରେ କିଛି ଅପରାଧ କରିପାରିବ ନାହିଁ। ବିନା ବିଚାରରେ ଏପରି ବ୍ୟକ୍ତିଙ୍କୁ ଏକବର୍ଷ ଯାଏ ଜେଲରେ ରଖାଯାଇପାରେ। ଏହି ଘଟଣାରେ କେତେକ କଂଗ୍ରେସ ନେତା ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ପ୍ରଶ୍ନ କରିଛନ୍ତି ଯେ ତା'ହେଲେ ଭାଜପା ଓ ତାଙ୍କ ଦଳ ଭିତରେ କ'ଣ ଫରକ ରହିଲା। ଏ ବିଷୟରେ ରାହୁଲ ଗାନ୍ଧୀଙ୍କୁ ପଚାରିବାରୁ ସେ ଚତୁରତାର ସହ କଥାକୁ ଏଡ଼େଇଦେଇ କହିଲେ ଯେ କଂଗ୍ରେସ ଶୀଘ୍ର ଆର୍‌ଏସ୍‌ଏସ୍ ଲୋକଙ୍କୁ ପଦପଦବୀରୁ ବାହାର କରିଦେବ।

ଫେବୃୟାରୀ ୮ ତାରିଖରେ ପୁଣି ଏକ ଖବର ପ୍ରକାଶ ପାଇଲା ଯେ, ମଧ୍ୟପ୍ରଦେଶରେ ଦୁଇଜଣ ଲୋକ- ଜଣେ ହିନ୍ଦୁ ଓ ଜଣେ ମୁସଲମାନଙ୍କୁ ବେଆଇନ ଗୋଚାଲାଣ ଅଭିଯୋଗରେ ଏନ୍‌ଏସ୍‌ଏରେ ଗିରଫ କରି ଜେଲରେ ରଖାଯାଇଛି। ଏଥିରୁ ଜଣାପଡୁଛି ଯେ, କଂଗ୍ରେସର ରାଜ୍ୟ ପ୍ରଶାସନ ଉପରେ ପୂରା ନିୟନ୍ତ୍ରଣ ନାହିଁ ଏବଂ ରାହୁଲ ଗାନ୍ଧୀ ଯାହା କହିଲେ ତାହା କାର୍ଯ୍ୟକାରୀ କରିବା କଷ୍ଟକର। ସରକାର ବଦଳିଲେ ପୂରା ରାଜ୍ୟଟା ବଦଳିଯିବ ନାହିଁ। ଆଇନ ଅଛି ଏବଂ ଲୋକଙ୍କ ମାନସିକତା ବି ବଦଳିନାହିଁ, ତେଣୁ ଅଫିସରମାନେ ସେହି ଅନୁଯାୟୀ କାର୍ଯ୍ୟ କରିବେ। ଅସଲ କଥା ହେଲା ମାମୁଲି ଅପରାଧ ପାଇଁ ସେମାନେ ଚରମ ଆଇନଗୁଡ଼ିକୁ ଲାଗୁ କରୁଛନ୍ତି। ୨୦୧୪ ଓ ୨୦୧୫ରେ ଏପରି ଘଟଣା ପାଇଁ ଅନେକ ହିଂସାକାଣ୍ଡ ଘଟିଥିଲା ଏବଂ ସେଥିପାଇଁ ଆମ ଦେଶ ବିଶ୍ୱ ଦରବାରରେ ବଦ୍‌ନାମ ହୋଇଥିଲା। ଏଭଳି ପରିସ୍ଥିତିରୁ ମୁକୁଳିବା ସହଜ ନୁହେଁ। ବିଚାରପତିମାନଙ୍କ ସମେତ ଅଧିକାଂଶ ଭାରତୀୟ ଧାରା ୪୮ର ବୈଜ୍ଞାନିକ ଓ ଅର୍ଥନୈତିକ ଦିଗକୁ ଦେଖନ୍ତି ନାହିଁ, ସମସ୍ତେ ଧାର୍ମିକ ଦିଗଟିକୁ ଦେଖନ୍ତି। ତେଣୁ ଧାର୍ମିକ ଚିନ୍ତାଧାରାବଶତଃ ଦଙ୍ଗା ହେବାର ଆଶଙ୍କା ଉପୁଜେ ଏବଂ ଏନ୍‌ଏସ୍‌ଏ ଲାଗୁ କରିବାର ଆବଶ୍ୟକତା ପଡ଼େ। ଏପରି କି ବୁଢ଼ୀ ଗାଈ ମଧ୍ୟ ଅର୍ଥନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାରପତି ମନେକରନ୍ତି କାରଣ ସେ ଗୋବର ଦେଉଛି। ବୋଧହୁଏ ପାକିସ୍ତାନ ପରି ଆମେ ମଧ୍ୟ ଚରମପନ୍ଥାକୁ ଏହିପରି ଆପଣେଇ ଚାଲିଥିବା।

Email: aakar.patel@gmail.com

## su | do | ku | ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ଶାଗୁଣା ଓ ଭୋକିଲା ମଣିଷ



ପ୍ରକାଶ ତ୍ରିପାଠୀ

ଗତ ଜାନୁୟାରୀ ୧୦ ତାରିଖରେ ଗଣମାଧ୍ୟମଗୁଡ଼ିକରେ ଏକ ଚିନ୍ତା ଉଦ୍ରେକକାରୀ ଖବରଟିଏ ପ୍ରକାଶ ପାଇଥିଲା। ଖବରଟି ଥିଲା- ୮ହଜାର ଲୋକଙ୍କ ଖାଦ୍ୟକୁ ଫୋପାଡି ଦିଆଗଲା। ବନ୍ଦ ପାଳନ ଯୋଗୁ ଆହାର କେନ୍ଦ୍ରକୁ ଲୋକେ ଆସି ନ ପାରିବାରୁ ରନ୍ଧା ଖାଦ୍ୟ ବଳି ପଡିଥିଲା ଓ ଏହାକୁ ଏକ ଟ୍ରାକ୍ଟରରେ ନିଆଯାଇ ନିକଟସ୍ଥ ଏକ ଡମ୍ପିଂୟାର୍ଡରେ ଫୋପାଡି ଦିଆଯାଇଥିଲା। ଘଟଣାଟି ଘଟିଥିଲା ସମ୍ବଲପୁର ସହରର ଏକ ଆହାର କେନ୍ଦ୍ରରେ। ଚିନ୍ତା ଉଦ୍ରେକକାରୀ କଥାଟି ହେଲା ଗୋଟିଏ ପଟେ ଲୋକେ ଦୁଇଓଳି ପେଟପୂରା ଖାଇବାକୁ ପାଉ ନ ଥିଲା ବେଳେ ଅନ୍ୟ ପଟେ ହଜାର ହଜାର ଲୋକ ଖାଇଲା ଭଳି ଖାଦ୍ୟକୁ ଫିଙ୍ଗିଦିଆଯାଉଛି। କେବଳ ଏଭଳି ଘଟଣା ଓଡ଼ିଶାରେ ଘଟୁନାହିଁ, ବିଶ୍ୱସାରା ଏଭଳି ଅପରିଣାମଦର୍ଶୀ କାର୍ଯ୍ୟ ପ୍ରାୟତଃ ଘଟିଥାଏ। ବିଶେଷକରି ସମୃଦ୍ଧିଶାଳୀ ଦେଶଗୁଡ଼ିକରେ ଖାଦ୍ୟ ନଷ୍ଟର ମାତ୍ରା ଅଧିକ। ସେଥିପାଇଁ ଧନୀ ରାଷ୍ଟ୍ରଗୁଡ଼ିକ ଏ ଦିଗରେ ଯତ୍ନବାନ ହେବାକୁ ଅନ୍ତର୍ଜାତୀୟ ସମୁଦାୟରେ ଅଧିକ ଗୁରୁତ୍ୱାରୋପ କରାଯାଇଥାଏ।

ଏକ ସର୍ବେକ୍ଷଣରୁ ଜଣାପଡେ ଯେ ଧନୀ ରାଷ୍ଟ୍ରଗୁଡ଼ିକରେ ମୁଣ୍ଡ ପିଛା ବାର୍ଷିକ ହାରାହାରି ୯୫ରୁ ୧୧୫ କେଜି ଖାଦ୍ୟ ନଷ୍ଟ ହେଉଥିଲା ବେଳେ ଅପେକ୍ଷାକୃତ ଗରିବ ରାଷ୍ଟ୍ରଗୁଡ଼ିକରେ ଏହା ହାରାହାରି ୮ରୁ ୧୧ କେଜି ହୋଇଥାଏ। ଉତ୍ପାଦନ ହେଉଥିବା କୃଷିକ୍ଷେତ୍ରଠାରୁ ଆରମ୍ଭ କରି ଅମଳ ସମୟ, ପରିବହନ, ସଂରକ୍ଷଣ, ବିକ୍ରୟସ୍ଥଳ, ପ୍ରକ୍ରିୟାକରଣ ଓ ସର୍ବୋପରି ରନ୍ଧନସ୍ଥଳଗୁଡ଼ିକରେ ଫିଙ୍ଗାଯାଉଥିବା ଖାଦ୍ୟକୁ ଯଦି ରୋକାଯାଇପାରନ୍ତା, ତେବେ ବିଶ୍ୱରେ ଜଣେ ହେଲେ କେହି ଭୋକରେ ରୁହନ୍ତେ ନାହିଁ। ଏହା ବ୍ୟତୀତ ବାର୍ଷିକ ନଷ୍ଟ ହେଉଥିବା ୧୩୦ କୋଟି ଟନ ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା ଜମି, ଜଳ, ସାର, ଔଷଧ, ଯାନ୍ତ୍ରିକ ଉପକରଣ, ପରିବହନ ଓ ପ୍ରସ୍ତୁତୀକରଣରେ ବ୍ୟୟ ହେଉଥିବା ଅର୍ଥ, ଶକ୍ତିର ମଧ୍ୟ ଅପଚୟକୁ ରୋକାଯାଇପାରନ୍ତା। ରନ୍ଧାଖାଦ୍ୟକୁ ନଷ୍ଟ ହେବାକୁ ନ ଦେବାକୁ ଇତିମଧ୍ୟରେ ଅନେକ ସାମାଜିକ ସଂଗଠନ ଅଣ୍ଟା ଭିଡିଲେଣି। ବିବାହ-ବ୍ରତ ଆଦି ଉତ୍ସବ, ହୋଟେଲ, ହଷ୍ଟେଲ ଓ ବିଭିନ୍ନ କାର୍ଯ୍ୟକ୍ରମରେ ବଳି ପଡୁଥିବା ଖାଦ୍ୟ ସାମଗ୍ରୀକୁ ସୁରକ୍ଷିତ ଭାବେ ସଂଗ୍ରହ କରି ତାକୁ ଗରିବ ବା ଭୋକିଲାଙ୍କୁ ବାଣ୍ଟି ଦେଉଥିବା ଦେଖାଯାଉଛି। ସରକାରୀ ସ୍ତରରେ ଏସବୁର ବ୍ୟବସ୍ଥା ନ ଥିବାରୁ କିଛି ବ୍ୟକ୍ତିବିଶେଷ, ସାମାଜିକ ଅନୁଷ୍ଠାନ ଏଭଳି ଏକ ମହତ୍ କାର୍ଯ୍ୟକୁ ହାତକୁ ନେଉଛନ୍ତି, ଯେପରି ମହୀଶୂରର ଅକ୍ଷୟ ଆହାର ଫାଉଣ୍ଡେଶନ। ଏହାର ପ୍ରତିଷ୍ଠାତା ରାଜେନ୍ଦ୍ର ଥରେ ଏକ ବନ୍ଧୁଙ୍କ ବିବାହ ଭୋଜିକୁ ଯାଇଥିଲେ। ସେଦିନ ଅକସ୍ମାତ୍ ବର୍ଷା ହୋଇଯିବାରୁ ଅନେକ ନିମନ୍ତ୍ରିତ ଅତିଥି ଭୋଜିସ୍ଥଳକୁ ଆସି ପାରି ନ ଥିଲେ। ଫଳରେ ଅନେକ ଲୋକଙ୍କ ଖାଦ୍ୟ ବଳି ପଡିଥିଲା। ଅନ୍ୟ ଉପାୟ ନ ପାଇ ସେହି ବଳିଥିବା ଖାଦ୍ୟକୁ ଭୋଜି ଆୟୋଜକ ଶେଷରେ ଏକ ଡଷ୍ଟବିନ୍‌ରେ ଫିଙ୍ଗି ଦେଇଥିଲେ। ରାଜେନ୍ଦ୍ର ଘରକୁ ଫେରୁଥିଲା ବେଳେ ଦେଖିଲେ ଯେ କିଛି ଛୋଟ ଛୋଟ ପିଲା ସେହି ଡଷ୍ଟବିନ୍‌ରେ ଫିଙ୍ଗାଯାଇଥିବା ଖାଦ୍ୟକୁ ସଂଗ୍ରହ କରି ସେମାନଙ୍କ ଘରକୁ ନେଉଛନ୍ତି। ଏହି ଘଟଣାଟି ତାଙ୍କ ମନକୁ ଆନ୍ଦୋଳିତ କଲା। ଗୋଟିଏ ପଟେ ପ୍ରଚୁର ଖାଦ୍ୟ ଅଛି। ଅଥଚ ଖାଇବାକୁ ଲୋକ ନାହାନ୍ତି ତ ଅନ୍ୟପଟେ ଖାଇବାକୁ ଲୋକ ଅଛନ୍ତି, ମାତ୍ର ଖାଦ୍ୟ ନାହିଁ। ଏହା ପରେ ସେ ତାଙ୍କର ଅକ୍ଷୟ ଆହାର ଫାଉଣ୍ଡେଶନ ଆରମ୍ଭ କଲେ ଯାହାର ସ୍ଲୋଗାନ ଥିଲା right to eat, not to waste. ବିଭିନ୍ନ ସ୍ଥାନରୁ ବଳକା ଖାଦ୍ୟ ସଂଗ୍ରହ କରିବା ଓ ତାକୁ ଭୋକିଲାଙ୍କୁ ପରଷିଦେବା ହୋଇଯାଇଥିଲା ତାଙ୍କ ଜୀବନର ବ୍ରତ। ସେହିପରି ବମ୍ବେର ଡବାବାଲା ଆସୋସିଏଶନ ଏହିଭଳି ଏକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ସହରର ବଳକା ଖାଦ୍ୟକୁ ନଷ୍ଟ ହେବାକୁ ନ ଦେଇ ତା'ର ସୁବିନିଯୋଗ କରୁଛି ଏହି ଆସୋସିଏଶନ ଦ୍ୱାରା ଆରମ୍ଭ କରାଯାଇଥିବା ରୋଟି ବ୍ୟାଙ୍କ କାର୍ଯ୍ୟକ୍ରମ। ବର୍ଷକୁ ପ୍ରାୟ ୨୦ ଲକ୍ଷ ଟଙ୍କାର ବଳକା ଖାଦ୍ୟକୁ ନଷ୍ଟ ହେବାକୁ ନ ଦିଆଯାଇ ଭୋକିଲାଙ୍କ ମୁହଁରେ ପରଷିଦିଆଯାଉଛି। ଯଦି କାହାର ଏକ ଉତ୍ସବରେ ଖାଦ୍ୟ ବଳିଯାଏ, ମାତ୍ର ଗୋଟିଏ ଫୋନ କଲ୍‌ରେ ରୋଟି ବ୍ୟାଙ୍କର ସ୍ୱେଚ୍ଛାସେବୀମାନେ ପହଞ୍ଚିଯାଆନ୍ତି ଓ ସୁରକ୍ଷିତ ଭାବେ ସଂଗ୍ରହ କରିନିଅନ୍ତି ବଳକା ଖାଦ୍ୟ। ସମ୍ପ୍ରତି ଦେଶର ଅନେକ ଛୋଟବଡ଼ ସହରରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଏପରି ଏକ ମହତ୍ କାର୍ଯ୍ୟକୁ ଆପଣେଇବା ସହ ଭୋକିଲାଙ୍କ ମୁହଁରେ ହସ ଫୁଟାଇଲେଣି।

ଭୋକିଲା ମଣିଷ ଓ ଖାଦ୍ୟାଭାବ ସମ୍ପର୍କରେ ଏହି ଆଲେଖ୍ୟ ଲେଖିଲା ବେଳେ ମନେପଡେ ଗତ ନବେ ଦଶକରେ ଏକ ଭୋକିଲା ପିଲାର ଚିତ୍ରକୁ ନେଇ କିପରି ସମଗ୍ର ବିଶ୍ୱ ସ୍ତବ୍ଧ ହେବା ସହ ମାନବିକତାକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୧୯୯୩ ମସିହାରେ ଗୃହଯୁଦ୍ଧ ଓ ଦୁର୍ଭିକ୍ଷକୁ ନେଇ ସୁଦାନ ଚର୍ଚ୍ଚାରେ ଥିଲା। ଏହି ବର୍ଷ ସୁଦାନର ତତ୍କାଳୀନ ସ୍ଥିତି ଉପରେ ବିଶ୍ୱ ସମୁଦାୟର ଦୃଷ୍ଟିଆକର୍ଷଣ କରିବା ପାଇଁ ଜାତିସଂଘ ପକ୍ଷରୁ ଦକ୍ଷିଣ ଆଫ୍ରିକାର ଫଟୋଗ୍ରାଫର କେଭିନ କାର୍ଟରଙ୍କ ସହ କିଛି ସାମ୍ବାଦିକଙ୍କୁ ସେଠାକୁ ପଠାଯାଇଥିଲା। ଦକ୍ଷିଣ ସୁଦାନ ଗସ୍ତ ସମୟରେ ଏକ ମର୍ମଭେଦୀ ଦୃଶ୍ୟକୁ କେଭିନ ନିଜ କ୍ୟାମେରାରେ ବନ୍ଦୀ କରିଥିଲେ। ଗୋଟିଏ କଙ୍କାଳସାର ପିଲାଟିଏ ନିକଟସ୍ଥ ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରକୁ ଚାଲି ନ ପାରି ଗୁରୁଣ୍ଡି ଗୁରୁଣ୍ଡି ଯାଉଥିଲା। ମାତ୍ର ଅନେକ ଦିନ ଧରି ଖାଇବାକୁ ପାଇ ନ ଥିବା ସେହି ପିଲାଟି ଆଉ ଗୁରୁଣ୍ଡି ନ ପାରି ଅଚେତ ପ୍ରାୟ ଭୂଇଁ ଉପରେ ହାମୁଡେଇ ହୋଇ ରହିଥିଲା ଓ ସେହି ପିଲାଟିର ମାତ୍ର କେଇଫୁଟ ଦୂରରେ ତା'ର ମୃତ୍ୟୁକୁ ଅପେକ୍ଷା କରି ବସିଥିଲା ଏକ ଶାଗୁଣା। ପିଲାଟି ଆଣ୍ଠେଇପଡି ରହିଥିବା ଓ ତା' ପଛରେ ଶାଗୁଣାଟିଏ ବସିଥିବା ଫଟୋଟି ଉତ୍ତୋଳନ କରିବା ପରେ ଶାଗୁଣାଟିକୁ ଦୂରକୁ ଘଉଡାଇ ଦେଇଥିଲେ କେଭିନ କାର୍ଟର, ମାତ୍ର ପିଲାଟିକୁ ଉଦ୍ଧାର କରିପାରି ନ ଥିଲେ। ସେ ମୃତପ୍ରାୟ ପିଲାଟିକୁ ସାଥିରେ ନେଇ ଆସିବା ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ସାଥିରେ ଯାଇଥିବା ସହଯୋଗୀମାନେ ତାଙ୍କୁ ସେଥିରୁ ବାରଣ କରିଥିଲେ। ସହଯୋଗୀ ବନ୍ଧୁମାନେ ଆଶଙ୍କାପ୍ରକଟ କରିଥିଲେ ଯେ ଯଦି କେଭିନ ସେ ପିଲାଟିର ପାଖକୁ ଯିବେ, ତେବେ ସେ ପିଲାର ରୋଗ କେଭିନଙ୍କୁ ସଂକ୍ରମିତ ହେବା ସହ ସମସ୍ତ ଟିମ୍ ମେମ୍ବରମାନେ ବି ସେଥିରେ ଆକ୍ରାନ୍ତ ହୋଇଯିବେ। କେଭିନଙ୍କୁ ଧରି ତୁରନ୍ତ ହେଲିକପ୍ଟର ଯୋଗେ ସମସ୍ତେ ସେ ସ୍ଥାନ ପରିତ୍ୟାଗ କରିଥିଲେ ଆଉ କଙ୍କାଳସାର ପିଲାଟି ସେଠାରେ ପଡିରହିଥିଲା ମୃତ୍ୟୁକୁ ଅପେକ୍ଷାକରି। ସେହି ପିଲାଟି ସହ ଶାଗୁଣାର ଫଟୋଟି ନ୍ୟୁୟର୍କ ଟାଇମ୍ସର ମାର୍ଚ୍ଚ ୨୬, ୧୯୯୩ ସଂସ୍କରଣରେ ଯେତେବେଳେ ପ୍ରଥମ କରି ପ୍ରକାଶ ପାଇଲା, ସେତେବେଳେ ବିଶ୍ୱର ପ୍ରତି କୋଣରୁ କେଭିନଙ୍କ ଉପରେ ଶୁଭେଚ୍ଛା ଓ ପ୍ରଶଂସା ଅଜାଡି ହୋଇପଡିଲା। ପରେ ମାର୍ଚ୍ଚ ୩୦ ତାରିଖରେ ନ୍ୟୁୟର୍କ ଟାଇମ୍ସରେ ସୁଦାନର ଗୃହଯୁଦ୍ଧ ଓ ଭୋକିଲା ମଣିଷଙ୍କ ଉପରେ ଏକ ସ୍ୱତନ୍ତ୍ର ସମ୍ପାଦକୀୟ ପ୍ରକାଶ ପାଇଥିଲା, ଯାହାକୁ ପଢି ଶାଗୁଣା ସମ୍ମୁଖରେ ପଡ଼ିଥିବା ସେ ପିଲାଟିର କ'ଣ ହେଲା ବୋଲି ଅନେକ ପାଠକ ପ୍ରଶ୍ନ କରିଥିଲେ। ସେତେବେଳେ କେଭିନଙ୍କ ପାଖରେ ଏହାର କୌଣସି ଉତ୍ତର ନ ଥିଲା। ଏହି ବିରଳ ଫଟୋ ପାଇଁ ୧୯୯୪ରେ କେଭିନଙ୍କୁ ସମ୍ମାନଜନକ ପୁଲିତ୍‌ଜାର ପୁରସ୍କାର ତଥା ଆମେରିକାନ ମାଗାଜିନ ପକ୍ଷରୁ ପିକ୍‌ଚର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ କରାଯାଇଥିଲା ସତ, ମାତ୍ର ଏହାର ଅଳ୍ପ କିଛି ଦିନ ପରେ ଅର୍ଥାତ୍ ଜୁଲାଇ ୨୭, ୧୯୯୪ରେ କେଭିନ କାର୍ଟର ଆତ୍ମହତ୍ୟା କରିଦେଲେ। ଆତ୍ମହତ୍ୟାର କାରଣ ବି ଅତି ମର୍ମଭେଦୀ। କେଭିନଙ୍କ ଫଟୋଟି ବିଶ୍ୱବ୍ୟାପୀ ଗଣମାଧ୍ୟମଗୁଡ଼ିକରେ ପ୍ରକାଶ ପାଇବା ପରେ ଅନେକ ବ୍ୟକ୍ତି ସେହି ଫଟୋକୁ ନେଇ ମତ ଦେଇଥିଲେ ଯେ, କେଭିନଙ୍କ ଫଟୋରେ ଗୋଟିଏ ଶାଗୁଣା ନୁହେଁ, ଦୁଇଟି ଶାଗୁଣା ଥିଲେ। ଗୋଟିଏ ଶାଗୁଣା ପିଲାଟିର ମୃତ୍ୟୁକୁ ଅପେକ୍ଷା କରିଥିଲା ଓ ଅନ୍ୟ ଶାଗୁଣାଟି ପିଲାଟିକୁ ମରିବାକୁ ଛାଡିଦେଇ ଆସିଲା। ଏହା ନିଃସନ୍ଦେହ ଯେ ଦ୍ୱିତୀୟ ଶାଗୁଣା ଭାବେ ଫଟୋଗ୍ରାଫର କେଭିନଙ୍କୁ ଦର୍ଶାଯାଇଥିଲା। ଏହି ଅଭିଯୋଗ, ନିନ୍ଦା ଓ ସମାଲୋଚନାକୁ ସହ୍ୟ କରି ପାରି ନ ଥିଲେ କେଭିନ ଓ ତାଙ୍କ ବିବେକ ବାରମ୍ବାର ଏହି ପ୍ରଶ୍ନ ପଚାରି ତାଙ୍କୁ କ୍ଷତାକ୍ତ କରିବାକୁ ଲାଗିଲା। ନିଜକୁ ଜଣେ ନିଷ୍ପାପ ଶିଶୁର ହତ୍ୟାକାରୀ ଭାବେ ଭାବି ଭାବି ସେ ମାନସିକ ସ୍ତରରେ ରୁଗ୍‌ଣ ହେବାକୁ ଲାଗିଲେ ଓ ଏହି ଦୁଶ୍ଚିନ୍ତାରୁ ନିଜକୁ ମୁକୁଳାଇ ନ ପାରି ଶେଷରେ ଆତ୍ମହତ୍ୟା କଲେ। କେଭିନଙ୍କ ଆତ୍ମହତ୍ୟା ପରେ ଅନେକ ଖବରକାଗଜ ତାଙ୍କୁ ଜଣେ ସଚ୍ଚା ମଣିଷ ଭାବେ ଚିତ୍ରଣ କରିଥିଲେ, ଯିଏ କି ଜଣେ ଭୋକିଲାକୁ ରକ୍ଷା କରି ନ ପାରିବାର ଆତ୍ମଗ୍ଳାନିରେ ଏ ସଂସାରରୁ ବିଦାୟ ନେଇଗଲେ। ଏଠାରେ ମନରେ ପ୍ରଶ୍ନ ଉଠେ, ଆମ ଚାରି କଡରେ ଏତେ ଭୋକିଲା ମଣିଷଙ୍କ ଗହଳି ଲାଗିଥିଲେ ମଧ୍ୟ ଆମକୁ ଏହା କାହିଁକି ଆନ୍ଦୋଳିତ କରୁନାହିଁ। ବିଶ୍ୱର ଅର୍ଦ୍ଧେକ ଧନସମ୍ପତ୍ତି ମାତ୍ର ୬ ଭାଗ ଲୋକଙ୍କ ପାଖରେ ମହଜୁଦ ଅଛି। ଯଦି ଏମାନଙ୍କ ମଧ୍ୟରୁ ୧ ଭାଗ ଲୋକ ଚାହିଁବେ, ପୃଥିବୀରେ ଗୋଟିଏ ବି ମଣିଷ ଗୋଟିଏ ଦିନ ବି ଖାଲିପେଟରେ ରହିବେ ନାହିଁ। କେଭିନଙ୍କ ଭଳି ଆମକୁ ବି କାହିଁକି ଶାଗୁଣା କୁହା ନ ଯିବ। ଯଦି ଆମ ପାଖରେ ବଳକା ଖାଦ୍ୟ ଥାଇ ବି ଆମ ଚାରିକଡରେ ଲୋକେ ଖାଲିପେଟରେ ଶୋଇବେ।

ମୋ-୯୪୩୭୨୩୨୪୬୩,
ଇମେଲ-prakas.tripathy09@gmail.com

# ଦୁଃସାହସିକା ଉଦ୍ୟୋଗୀ

## ବ୍ୟକ୍ତିତ୍ୱ



କିରଣ ମଜୁମଦାର ଶ

'ତୁମକୁ ଏକ ସୁନାର ପାତ୍ର ମିଳିଲେ ତାହାକୁ ନେଇ କ'ଣ କରିବ' ବୋଲି ୬ ବର୍ଷର ଜଣେ ଛାତ୍ରକୁ ଶିକ୍ଷକ ଏକ ପ୍ରବନ୍ଧ ଲେଖିବାକୁ ଦେଇଥିଲେ। ସେତେବେଳେ ଛାତ୍ର ଲେଖିଥିଲେ, 'ଯଦି ସେ ଏଭଳି ଏକ ସୁନାର ପାତ୍ର ପାଆନ୍ତି, ତାହା ହେଲେ ତାହାକୁ ସେ ତାଙ୍କ ପିଉସୀଙ୍କୁ ଦେଇଦେବେ। ତାହାକୁ ନେଇ ପିଉସୀଙ୍କ କମ୍ପାନୀ ଅତି ଦୁଃସାଧ୍ୟ ରୋଗ ପାଇଁ ଉତ୍ତମ ଔଷଧ ପ୍ରସ୍ତୁତ କରିପାରିବ'। ଆମେରିକାର କାଲିଫର୍ନିଆସ୍ଥିତ ବର୍କଲେଠାରେ ଗବେଷଣା କରୁଥିବା ଜଣେ ପିଏଚ୍‌ଡି ଛାତ୍ରଙ୍କ ଏହା ଥିଲା ସେତେବେଳର ଚିନ୍ତାଧାରା। ତେବେ ଯେଉଁ ପିଉସୀଙ୍କ ବିଷୟରେ ପ୍ରବନ୍ଧରେ ଉଲ୍ଲେଖ କରିଥିଲେ ସେ ହେଉଛନ୍ତି, ଔଷଧ ନିର୍ମାଣକାରୀ କମ୍ପାନୀ 'ବାୟୋକନ୍' ମୁଖ୍ୟ କିରଣ ମଜୁମଦାର ଶ। ୱାଶିଂଟନ ଡିସିସ୍ଥିତ ମର୍ଯ୍ୟାଦାଜନକ ଆମେରିକା ନ୍ୟାଶନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଏନ୍‌ଏଇ)ର ସଦସ୍ୟା ହେବା ଭଳି ସମ୍ମାନ ମିଳିଥିବାରୁ କିରଣଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଏଇରେ ବିଶ୍ୱର ଶ୍ରେଷ୍ଠ ଇଞ୍ଜିନିୟରମାନେ ଏହି ସଦସ୍ୟକୁ ନିର୍ବାଚିତ କରିଥାଆନ୍ତି। ଚଳିତବର୍ଷ ୨୦୦୦ ପ୍ରତିଭାଙ୍କ ମଧ୍ୟରୁ ୧୮ ଜଣ ବିଦେଶୀ ଫେଲୋଙ୍କୁ ନିର୍ବାଚିତ କରାଯାଇଛି, ଯେଉଁଥିରେ କିରଣ ପ୍ରଥମ ଭାରତୀୟ ମହିଳା ଭାବେ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। ବିଲ୍ ଗେଟ୍ସଙ୍କ ଭଳି ବ୍ୟକ୍ତି ଥିବା ଏଭଳି ଖ୍ୟାତିସମ୍ପନ୍ନ କ୍ଲବରେ ସଦସ୍ୟା ହେବା ନିଶ୍ଚିତ ଭାବେ ଏକ ଗର୍ବର ବିଷୟ ବୋଲି ଏହି ଭାରତୀୟ ମହିଳା ଉଦ୍ୟୋଗପତି କହିଛନ୍ତି।

କର୍ଣ୍ଣାଟକର ବାଙ୍ଗାଲୋରଠାରେ କିରଣଙ୍କ ପିଲାଦିନ କଟିଛି। ତାଙ୍କ ପିତା ୟୁନାଇଟେଡ୍ ବ୍ରିଓରିଜ୍‌ରେ ମଦ ପ୍ରସ୍ତୁତି ପର୍ଯ୍ୟବେକ୍ଷକ ବା ବ୍ରିୱ୍ମାଷ୍ଟର ଥିଲେ। ବିଶପ୍ କଟନ ଗାର୍ଲସ ସ୍କୁଲରେ ପଢ଼ା ଶେଷ କରିବା ପରେ କିରଣ ବାଙ୍ଗାଲୋରସ୍ଥିତ ସେଣ୍ଟ୍ରାଲ କଲେଜକୁ ଯାଇଥିଲେ ଓ ସେ ପ୍ରାଣୀ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ସେ ଆଦ୍ୟ ଜୀବନ ବିଷୟରେ ଉଲ୍ଲେଖ କରିବା ବେଳେ ସ୍ମୃତି ରୋମନ୍ଥନ କରିଥାଆନ୍ତି। ପିତା ଜଣେ ସଚ୍ଚୋଟ ବ୍ୟକ୍ତି ହୋଇଥିବାରୁ ଜୀବନରେ ସତ୍‌ପଥରେ ଯିବାକୁ କହିଥିଲେ। କିରଣ ଡାକ୍ତରୀ ପଢ଼ିବାକୁ ଇଚ୍ଛା କରିଥିଲେ। କିନ୍ତୁ ଭେଲୋରସ୍ଥିତ ସେଣ୍ଟ ଜନ୍ସ ମେଡିକାଲ କଲେଜ ଏବଂ ଦାଭାଙ୍ଗିରିର ଜେଏମ୍‌ଏମ୍ ମେଡିକାଲ କଲେଜରେ ମେରିଟ୍‌ରେ ସିଟ୍ ପାଇ ନ ଥିଲେ। ସେଥିପାଇଁ ସେ ପିତାଙ୍କ ପାଖରେ ଅଳି କରିଥିଲେ ୧୦ ହଜାର ଟଙ୍କା ଦେଲେ ଡାଭାଙ୍ଗିରିରେ ଡାକ୍ତରୀ ପାଠ ପଢ଼ିପାରିବେ। ପିତା ସିଧାସିଧା ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏତିକିରେ ମନକଷ୍ଟ କରି ସେ ପିତାଙ୍କୁ କହିଥିଲେ ଯେ, ଝିଅ ହୋଇଥିବାରୁ ତାଙ୍କୁ ଏଭଳି ସୁଯୋଗରୁ ବଞ୍ଚିତ କରାଗଲା। ତାଙ୍କ ସ୍ଥାନରେ ତାଙ୍କ ଭାଇ ରବି ହୋଇଥିଲେ ନିଶ୍ଚିତ ପଢ଼ିପାରିଥାଆନ୍ତା। ପିତା ତଥାପି ଜିଦ୍‌ରେ ଅଟଳ ଥିଲେ ଓ କହିଥିଲେ, କାହାରି ପାଇଁ ସେ ଏଭଳି କରିବେ ନାହିଁ। ଏହା ପରେ ସେ ତାଙ୍କ ଝିଅକୁ ବୁଝାଇଥିଲେ ନିଜ ପ୍ରତିଭାବଳରେ ଉପରକୁ ଉଠିବା ଦରକାର। ସେତିକି କଥା କିରଣଙ୍କୁ ଆଗକୁ ବଢ଼ିବା ପାଇଁ ଶକ୍ତି ଦେଇଥିଲା। ଏପରି କି ପିତା ତାଙ୍କୁ ଦୁଃସାହସିକ କ୍ୟାରିୟର ବାଛିବାକୁ ଉପଦେଶ ଦେଇଥିଲେ। ଫଳରେ ସେ ବ୍ରିୱିଂରେ କ୍ୟାରିୟର କରିବା ପାଇଁ ଅଷ୍ଟ୍ରେଲିଆର ବାଲାରାଟ୍ କ୍ଲାରେନ୍‌ଡନ୍ କଲେଜ ଯାଇଥିଲେ। ସେଠାରେ ବିଭିନ୍ନ ଦେଶରୁ ପଢୁଥିବା ୧୨ ଜଣଙ୍କ ମଧ୍ୟରେ ଥିଲେ ଏକମାତ୍ର ଝିଅ। ୧୯୭୫ରେ ସେଠାରୁ ସେ ସ୍ନାତକରେ ଟପ୍ ହେବାର ଗୌରବ ଅର୍ଜନ କରିଥିଲେ। ଭାରତ ଫେରିଆସି ଚାକିରି ଖୋଜିବା ବେଳେ ଜଣେ ଝିଅକୁ ମଦ ପ୍ରସ୍ତୁତକାରୀ କମ୍ପାନୀ ନିଯୁକ୍ତି ଦେବାକୁ ରାଜି ହୋଇ ନ ଥିଲେ। ଏହା ପରେ ସେ ବିଦେଶରେ ଚାକିରି କରିବା ପାଇଁ ମନ ବଳାଇଥିଲେ। ସଂଯୋଗବଶତଃ ସେହି ସମୟରେ ଆଇରିଶ୍ ଉଦ୍ୟୋଗୀ ଲେଜ୍ ଅଚିନ୍‌କ୍ଲସ୍ ତାଙ୍କ ବିଷୟରେ ଶୁଣିବାକୁ ପାଇଥିଲେ। ସେତେବେଳେ ଲେଜ୍‌ଙ୍କ ବାୟୋକନ୍ ବାୟୋକେମିକାଲ୍ସ ଭାରତରୁ କଞ୍ଚାମାଲ ଆମଦାନୀ କରୁଥିଲା। ଭାରତରେ ଏହାର ଶାଖା ପ୍ରତିଷ୍ଠା ପାଇଁ ସେ ସମ୍ଭାବ୍ୟ ପାର୍ଟନର ଚାହୁଁଥିଲେ। ସମୟକ୍ରମେ କିରଣ ୧୯୭୮ରେ ଭାରତରେ ବାୟୋକନ୍ ପ୍ରତିଷ୍ଠା କରିଥିଲେ। ତେବେ ଏତିକି ବାଟ ଆସିବା ପାଇଁ ତାଙ୍କୁ ବହୁ ଝଡ଼ଝଞ୍ଜା ସହିବାକୁ ପଡ଼ିଥିଲା। କେବଳ ମଦ ସମ୍ପର୍କିତ କମ୍ପାନୀରେ ସୀମିତ ନ ରହି ୧୯୯୮ରେ ବାୟୋଫାର୍ମାରେ ପାଦ ଥାପିଲେ। ସେହି ସମୟରେ ତାଙ୍କର ଭେଟ ହୋଇଥିଲା ଜନ୍ ଶ'ଙ୍କ ସହିତ। କିରଣଙ୍କ ବୈଜ୍ଞାନିକ ଚିନ୍ତାଧାରାରେ ପ୍ରଭାବିତ ହୋଇ ଜନ୍ ତାଙ୍କୁ ବିବାହ କରିଥିଲେ। ଏବେ ବାୟୋକନ୍ ବିଶ୍ୱର ଏକ ଅଗ୍ରଣୀ ବାୟୋଫାର୍ମା କମ୍ପାନୀ ଭାବେ ପ୍ରସିଦ୍ଧି ଲାଭ କରି ବିଭିନ୍ନ ଦୁରାରୋଗ୍ୟ ବ୍ୟାଧି ପାଇଁ ଔଷଧ ତିଆରି କରୁଛି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଡାକ୍ତରଙ୍କର ଏକ ଖାମଖିଆଲି ମନୋଭାବ ଯୋଗୁ ଜଣେ ରୋଗୀଙ୍କୁ ଅଯଥା ହଇରାଣ ହେବାକୁ ପଡିଛି। ସର୍ଜରି ପରେ ଜଣେ ରୋଗୀଙ୍କ ପେଟରେ ଡାକ୍ତର ଫୋର୍‌ସେପ (ଶଲ୍ୟ ଚିକିତ୍ସାରେ ବ୍ୟବହୃତ ସଣ୍ଢୁଆଶି) ଛାଡିଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅସ୍ତ୍ରୋପଚାର ହେବାର ୩ମାସ ପରେ ଏକ୍ସ-ରେ ହେବାରୁ ଏହା ଜଣାପଡ଼ିଛି। ସୂଚନା ଅନୁଯାୟୀ ୩ମାସ ତଳେ ଜଣେ ୩୩ ବର୍ଷୀୟା ମହିଳା ହାଇଦ୍ରାବାଦ୍‌ର ନିଜାମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍‌ରେ ସର୍ଜରି କରାଇଥିଲେ। ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କ ତଳପେଟରେ ଯନ୍ତ୍ରଣା ହେଉଥିବା ସେ ଅଭିଯୋଗ କରିଥିଲେ। ୟା ମଧ୍ୟରେ ୩ମାସ ବିତିଗଲା। ପୁଣିଥରେ ସେ ହସ୍ପିଟାଲ୍ ଆସି ଏକ୍ସ-ରେ କରିବାରୁ ତାଙ୍କ ପେଟରେ ଏକ ଫୋର୍‌ସେପ୍ ଥିବା ଜଣାପଡ଼ିଥିଲା। ତାଙ୍କର ଆଉ ଏକ ସର୍ଜରି କରାଯାଇ ଶୁକ୍ରବାର ଉକ୍ତ ଫୋର୍‌ସେପ୍‌କୁ ବାହାର କରାଯାଇଥିଲା। ଉକ୍ତ ଘଟଣା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି।

### ଚିରନ୍ତନୀ

ଜୀବନ ପରେ ଏ ଦେହ ହୁଏ
ଜଡ଼ହୁଁ ବେଶି ହୀନ
ଚିହ୍ନ ତାର ନ ରହେ କାହିଁ ଲେଶ,
ଅସୀମ କାଳ କରଇ ଖେଳ
ଆସଇ ନିଶିଦିନ
ନାହିଁ କି ଲୟ, ନାହିଁ କି ତା'ର ଶେଷ !

(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୦ ଫେବୃୟାରୀ ୧୯୯୪

- ଆଙ୍ଗୋଲାର ୟୁନିଟା ବିଦ୍ରୋହୀମାନଙ୍କ ପକ୍ଷରୁ ଦେଶର ଦକ୍ଷିଣାଞ୍ଚଳସହରକୁଇଟୋଉପରେବୋମାମାଡ଼ଓମୋର୍ଟାର ଦ୍ୱାରା ଆକ୍ରମଣ କରାଯିବା ଫଳରେ ୧୭୫ ଜଣଙ୍କ ମୃତ୍ୟୁ।
- ଏୟାର ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ୱାଇ.ସି. ଦେବେଶ୍ୱରଙ୍କ ଇସ୍ତଫା।

## ପାଠକ ଶ୍ରେଷ୍ଠ ବିଚାରକ

### ମୂଲ୍ୟହୀନ ସଂରକ୍ଷଣ

ମହାଶୟ,

କେନ୍ଦ୍ର ସରକାର ଉଚ୍ଚଜାତିର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ୧୦% ସ୍ଥାନ ସଂରକ୍ଷଣ ଘୋଷଣା କଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି ୫୦%ରୁ ଅଧିକ ସଂରକ୍ଷଣ ହୋଇପାରିବ ନାହିଁ। ଆହୁରି ବିଡ଼ମ୍ବନାର କଥା, ବିପିଏଲ୍ ପାଇଁ ସରକାର ମାସିକ ୪୦୦/୫୦୦ ରୋଜଗାର କରୁଥିବା ପରିବାରକୁ ଚୟନ କରୁଥିବାବେଳେ ଏହି ୧୦% ସଂରକ୍ଷଣ ପାଇଁ ବାର୍ଷିକ ୮ ଲକ୍ଷ ବା ମାସକୁ ୬୫ ହଜାର ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଆର୍ଥିକ ଦୁର୍ବଳ ଶ୍ରେଣୀରେ ଅନ୍ତର୍ଭୁକ୍ତ କରୁଛନ୍ତି। ସେ ବ୍ୟକ୍ତି ଆୟକର ମଧ୍ୟ ଦେଉଥିବ। ସରକାରଙ୍କର ଏହା ଏକ ପ୍ରବଞ୍ଚନା ନୁହେଁ କି? ୪୦୦ରୁ ୫୦୦ ଟଙ୍କା ରୋଜଗାର କରୁଥିବା ଘରର ପିଲା ୬୫ ହଜାର ଟଙ୍କା ରୋଜଗାର କରୁଥିବା ଘରର ପିଲାଙ୍କ ସହିତ ପ୍ରତିଯୋଗିତା କରିପାରିବେ ତ? ଉଚ୍ଚ ପଦପଦବୀରେ ଥିବା ଅନୁସୂଚିତ ଜାତି ଏବଂ ଜନଜାତିର ପିଲାଙ୍କ ସହିତ ସେହି ଜାତିର ଗରିବ ଘରର ପିଲା ପ୍ରତିଯୋଗିତାରେ ତିଷ୍ଠିପାରୁଛି କି?

- ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ପୁରସ୍କାର ପ୍ରଦାନରେ ରାଜନୀତି

ପ୍ରତିବର୍ଷ ଭଳି ଚଳିତବର୍ଷ କଳା, ସାହିତ୍ୟ, ରାଜନୀତି, ସମାଜସେବା, ଗୋଷ୍ଠୀ ନେତୃତ୍ୱ ଏବଂ କ୍ରୀଡ଼ା ଆଦି କ୍ଷେତ୍ରରେ ଭାରତ ସରକାରଙ୍କ ତରଫରୁ ପଦ୍ମ ପୁରସ୍କାର ଦିଆଯାଇଥାଏ। ଚଳିତବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କୁ ତାଙ୍କ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପୁରସ୍କାର ଦେବା ଲାଗି ଘୋଷଣା କରାଯାଇଥିଲା। କିନ୍ତୁ ସେଏହି ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ କହିଥିଲେ, ଏହି ପୁରସ୍କାର ନେବା ଫଳରେ ତାଙ୍କ ଭାଇଙ୍କ ରାଜନୈତିକ ଜୀବନ ଉପରେ ପ୍ରଭାବ ପଡିପାରେ, ତେଣୁ ସେ ଏହି ପୁରସ୍କାର ନେବେ ନାହିଁ। କିଛିବର୍ଷ ହେଲା ଏହି ପୁରସ୍କାର ବନ୍ଦ ହୋଇଥିଲା। ଏହାର କାରଣ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ରାଜନୈତିକ ଫାଇଦା ପାଇଁ ଏହି ପୁରସ୍କାର ସେମାନଙ୍କ ମନୋନୀତ ବ୍ୟକ୍ତିଙ୍କୁ ଦେଇଥିଲେ। ଗୀତା ମେହେଟ୍ଟା ଜଣେ ଭଲ ସାହିତ୍ୟିକା। ତାଙ୍କର ଅନେକ ପୁସ୍ତକ ମଧ୍ୟ ପାଠକୀୟ ସ୍ୱୀକୃତି ଲାଭ କରିଛି। ତାଙ୍କୁ ପୁରସ୍କାର ପାଇଁ ଚୟନ କରାଯିବା ସ୍ୱାଗତଯୋଗ୍ୟ। କିନ୍ତୁ ଯଦି ଏହା ରାଜନୈତିକ ଉଦ୍ଦେଶ୍ୟରେ ଦିଆଯାଉଥାଏ, ଏହା ପୁରସ୍କାର କ୍ଷେତ୍ରରେ ଖରାପ ପ୍ରଭାବ ପକାଇବ।

-ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମେଲୋଡ଼ି ଗାୟିକାଙ୍କ ଆତ୍ମହତ୍ୟା

**'ମୃତଦେହକୁ ନ ପୋଡ଼ି ପୋତିଦେବ'**

**ଧାମନଗର, ୯।୨ (ଡି.ଏନ୍.ଏ.):** ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ପଦ୍ମପୋଖରୀ ଗ୍ରାମର ମେଲୋଡ଼ି ଗାୟିକା ପ୍ରଭାତୀ ଜେନା(୨୨) ଆତ୍ମହତ୍ୟା କରିଛନ୍ତି। ଶନିବାର ସକାଳେ ଝୁଲନ୍ତା ଅବସ୍ଥାରେ ପୋଲିସ ତାଙ୍କ ମୃତଦେହ ଘରୁ ଉଦ୍ଧାର କରିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ସକାଳେ ପ୍ରଭାତୀ ତାଙ୍କ ସାନଭାଇଙ୍କୁ ଅନ୍ୟ କୋଠରିକୁ ପାଠ ପଢ଼ିବା ପାଇଁ ପଠାଇ ଦେଇ ନିଜ



ଓଢ଼ଣୀ ବେକରେ ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ଏହା ଜାଣି ତାଙ୍କ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଆତ୍ମହତ୍ୟା ପୂର୍ବରୁ ଏକ ସୁଇସାଇଡ ନୋଟରେ ମୃତଦେହକୁ ନ ପୋଡ଼ି ପୋତି ଦେବାକୁ ପ୍ରଭାତୀ ଅନୁରୋଧ କରିଛନ୍ତି। ଏଥିସହ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ସେଥିରେ ଲେଖା ରହିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ସେ ତାଙ୍କ ମୋବାଇଲରୁ ସମସ୍ତ କଲ୍ ରେକର୍ଡ ଓ ହ୍ୱାଟସଆପ୍ ଚାଟିଂ ଡିଲିଟ କରି ଦେଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ଧାମନଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ମାଓବାଦୀ କ୍ୟାମ୍ପ ଧ୍ୱଂସ

**ମାଲକାନଗିରି,୯।୨(ଡି.ଏନ.ଏ.):** ଛତିଶଗଡ଼ର ସୁକ୍‌ମା ଜିଲା ପୋଲିସ ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ଦୁଲେରଗାଁ ଗ୍ରାମ ନିକଟରେ ମାଓବାଦୀଙ୍କ କ୍ୟାମ୍ପ ଚାଲିଥିବା ଖବର ପାଇ ଚଢାଉ କରିଥିଲା। ସିଆରପିଏଫ ୧୫୦ ବାଟାଲିୟନର ଯବାନ ଓ କୋବ୍ରା ୨୦୬ ବାଟାଲିୟନର ଯବାନମାନେ ଚଢାଉରେ ସାମିଲ ହୋଇଥିଲେ। ତେବେ ପୋଲିସ ଆସୁଥିବା ଜାଣିପାରି ମାଓବାଦୀମାନେ ଲୁଚି ପଳାଇଥିଲେ। ଯବାନମାନେ କ୍ୟାମ୍ପ ଉପରେ ଚଢ଼ାଉ କରି ଏହାକୁ ଧ୍ୱଂସ କରିଥିଲେ।

# କଲରାପତରିଆ ବାଘ ମୃତଦେହ ଠାବ



କଲରାପତରିଆ ବାଘର ମୃତଦେହ।

ଛେଣ୍ଡିପଦା, ୯।୨(ସ୍ୱ.ପ୍ର.)

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ କଣଲୋଇ ସଂରକ୍ଷିତ ଜଙ୍ଗଲ ରଙ୍ଗମାଟିଆ ପର୍ବତ ପାଦଦେଶ କମ୍ପାର୍ଟମେଣ୍ଟ ୭ରୁ ଶନିବାର ଏକ କଲରାପତରିଆ ବାଘର ମୃତଦେହ ବନବିଭାଗ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପରେ ବାଘ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ, ଏସିଏଫ୍ ଶ୍ରୀକାନ୍ତ ବେହେରା, ଫରେଷ୍ଟର କଳାକାର ପ୍ରଧାନ, ଫରେଷ୍ଟର ଦୀପକ କୁମାର ମହାନ୍ତି, ଫରେଷ୍ଟ ଗାର୍ଡ କମଳ ଲୋଚନ ପ୍ରଧାନ, ଦୀନବନ୍ଧୁ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଡିଶିନାଲ ପିସିସିଏଫ ଏବଂ ଅନୁଗୋଳ ସର୍କଲଙ୍କ ନିର୍ଦ୍ଦେଶ କ୍ରମେ ବାଘ ମୃତଦେହ ଅନୁଗୋଳ ସ୍ଥାନାନ୍ତର କରାଯିବାପରେ ସେଠାରେ ଓୟୁଏଟି ଓ ଅନୁଗୋଳ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଅନୁଗୋଳ ବନଖଣ୍ଡ ଅଧିକାରୀ ଭି. କାର୍ତ୍ତିକ କହିଛନ୍ତି, ବାଘ ଦେହରେ କୌଣସି କ୍ଷତ ଚିହ୍ନ ନାହିଁ। ଡାକ୍ତରୀ ଟିମ୍ ରବିବାର ମୃତଦେହ ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ରିପୋର୍ଟ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## କୋଲକାତା ପୋଲିସ କମିଶନରଙ୍କୁ ସିବିଆଇର ୮ ଘଣ୍ଟା ଜେରା

ଶିଲଂ,୯।୨(ପି.ଟି.)

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ୮ ଘଣ୍ଟା ଜେରା କରିଛି। କୁମାରଙ୍କ ସହ ତାଙ୍କ ଓକିଲ ବିଶ୍ୱଜିତ ଦେବ, ବରିଷ୍ଠ ଆଇପିଏସ୍ ଅଫିସର ଜାଭେଦ ଶମିମ୍ ଏବଂ ମୁରଲୀଧର ଶର୍ମା ପୂର୍ବାହ୍ନ ୧୧ଟାରେ ମେଘାଳୟ ରାଜଧାନୀ ଶିଲଂର ଓକ୍‌ଲ୍ୟାଣ୍ଡସ୍ଥିତ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ୩୦ ମିନିଟ ମଧ୍ୟରେ କୁମାରଙ୍କ ଓକିଲ ଏବଂ ଦୁଇ ଆଇପିଏସ୍ ଅଫିସରଙ୍କୁ ଚାଲିଯିବାକୁ କୁହାଯାଇଥିଲାବେଳେ ରାତି ୭ଟା ୩୦ ମିନିଟ ପର୍ଯ୍ୟନ୍ତ କୁମାରଙ୍କୁ ଚିଟଫଣ୍ଡ ପ୍ରମାଣ ନଷ୍ଟ କରିବାରେ ତାଙ୍କ ଭୂମିକା ନେଇ ଜେରା କରାଯାଇଥିଲା। ସିବିଆଇରେ ହାଜର ହୋଇ ସାରଦା ଚିଟ୍‌ଫଣ୍ଡ ମାମଲାରେ ବିଶ୍ୱସ୍ତତାର ସହ ତଦନ୍ତରେ ସହାୟତା କରିବା ଲାଗି ସୁପ୍ରିମକୋର୍ଟ ଗତ ମଙ୍ଗଳବାର କୋଲକାତା ପୋଲିସ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଯଥା ବିବାଦରୁ ବର୍ତ୍ତିବା ପାଇଁ ଶିଲଂରେ ଜେରା କରିବା ଲାଗି କୋର୍ଟ ପରାମର୍ଶ ଦେଇଥିଲେ। ତେବେ ତାଙ୍କୁ ଗିରଫ କରାଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଥିଲେ। ସିବିଆଇର ଅଭିଯୋଗ ଅନୁଯାୟୀ କୁମାରଙ୍କ ନେତୃତ୍ୱରେ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ଏସ୍‌ଆଇଟି ତଦନ୍ତ ହେଉଥିଲାବେଳେ ସେ ଇଲେକ୍ଟ୍ରୋନିକ୍ ତଥ୍ୟ ପ୍ରମାଣରେ ଜାଲିଆତି କରି ଉକ୍ତ ଜାଲ୍ କାଗଜପତ୍ର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ଧରାଇଥିଲେ। କୁମାରଙ୍କୁ ଜେରା କରିବା ଲାଗି ସିବିଆଇର ଅଧିକାରୀମାନେ ଗତ ୩ ତାରିଖରେ ତାଙ୍କ ବାସଭବନରେ ପହଞ୍ଚିବା ପରେ ସେଠାରେ ହାଇଡ୍ରାମା ଆରମ୍ଭ ହୋଇଯାଇଥିଲା। ସିବିଆଇ ଟିମ୍‌କୁ ସ୍ଥାନୀୟ ପୋଲିସ ଅଟକ ରଖିଥିଲା। ଫଳରେ ପୋଲିସ ଓ ସିବିଆଇ ଟିମ୍ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କେନ୍ଦ୍ର ସରକାର ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି ସିବିଆଇର ଦୁରୁପଯୋଗ କରୁଥିବା ଅଭିଯୋଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ 'ସମ୍ବିଧାନ ବଞ୍ଚାଅ' ଦାବିରେ ମେଟ୍ରୋ ସିନେମା ଆଗରେ ଧାରଣାରେ ବସିଥିଲେ। ତାଙ୍କର ଧାରଣାକୁ କେତେକ ବିରୋଧୀ ଦଳ ସମର୍ଥନ ଜଣାଇଥିଲେ। ଏହାକୁ ନେଇ ରାଜନୀତି ଜୋର ଧରିଥିଲା। ସୁପ୍ରିମକୋର୍ଟଙ୍କ ରାୟକୁ ନୈତିକ ବିଜୟ ଦର୍ଶାଇ ମମତା ତୃତୀୟ ଦିନରେ ଧାରଣାରୁ ଉଠିଥିଲେ।



ରାଜୀବ କୁମାର

ମହାନଦୀ ଜଳ ବିବାଦ ନେଇ ଟ୍ରିବ୍ୟୁନାଲଙ୍କ ତାଗିଦ

## ଆପୋସ ସମାଧାନ କର, ନଚେତ ନିଷ୍ପତ୍ତି ଶୁଣାଯିବ

ଭୁବନେଶ୍ୱର,୯।୨(ବ୍ୟୁରୋ)

ମହାନଦୀ ଜଳ ବିବାଦକୁ ନେଇ ଆପୋସ ସମାଧାନ କର, ନଚେତ ରାୟ ଶୁଣାଇ ଦିଆଯିବ। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଶନିବାର ନଦୀ ତଟବର୍ତ୍ତୀ ରାଜ୍ୟ ଓଡିଶା ଏବଂ ଛତିଶଗଡ଼ ସରକାରଙ୍କୁ ଏଭଳି ତାଗିଦ କରିଛନ୍ତି। ଟ୍ରିବ୍ୟୁନାଲର ଅଧକ୍ଷ ଏ.ଏମ୍. ଖାନୱିଲକର, ଜଷ୍ଟିସ ରବି ରଞ୍ଜନ ଏବଂ ଜଷ୍ଟିସ ଇନ୍ଦରମିତ କୌରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଓଡିଶା ସରକାରଙ୍କ ଦ୍ୱାରା କରାଯାଇଥିବା ଅନ୍ତରୀଣ ଆବେଦନର ଶୁଣାଣି ଶେଷ କରିଛନ୍ତି। ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବାକୁ ପରାମର୍ଶ ଦେଇଛନ୍ତି। ଯଦି ଏହା ନ ହୁଏ ତେବେ ଆସନ୍ତା ମାର୍ଚ୍ଚ ୯ରେ ନିଷ୍ପତ୍ତି ଶୁଣାଇ ଦିଆଯିବ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ମହାନଦୀ ଉପରେ ଛତିଶଗଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ସହ ଅଣ ମୌସୁମୀ ସମୟରେ ଅର୍ଥାତ ନଭେମ୍ବରରୁ ମେ' ମଧ୍ୟରେ ଦୈନିକ ୧.୭୪ ନିୟୁତ ଏକର ଫିଟ୍ (ଏମଏଏଫ) ପାଣି ଛାଡିବାକୁ ନିର୍ଦ୍ଦେଶ ଦେବାକୁ ଓଡ଼ିଶା ସରକାର ଆବେଦନରେ ଅନୁରୋଧ କରିଥିଲେ। ଶୁଣାଣି ପରେ ଟ୍ରିବ୍ୟୁନାଲ ପରାମର୍ଶ ଦେଇଛନ୍ତି ଯେ ଉଭୟ ରାଜ୍ୟର ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ସମସ୍ୟାର ସମାଧାନ କରାଯାଉ। ଯଦି ଉଭୟ ରାଜ୍ୟ ଏଥିରେ ସହମତି ନ ହେବେ ତେବେ ଟ୍ରିବ୍ୟୁନାଲ ରାୟ ଶୁଣାଇବେ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହିତ ଉଭୟ ରାଜ୍ୟ ଏ ନେଇ କି ପଦକ୍ଷେପ ନେଉଛନ୍ତି ସେ ନେଇ ଏକ ଲିଖିତ ସତ୍ୟପାଠ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜଣାଇବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣିବେଳେ ରାଜ୍ୟ ସରକାରଙ୍କ କାଉନ୍‌ସେଲ ମହାନଦୀରେ ଗତ ୩ ମାସର ଜଳ ପ୍ରବାହ ତଥ୍ୟ ଟ୍ରିବ୍ୟୁନାଲଙ୍କ ନିକଟରେ ଉପସ୍ଥାପନ କରିଥିଲେ। ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ମହାନଦୀରେ ନଭେମ୍ବରରେ ୦.୧୩୭ ଏମଏଏଫ ଜଳ ସ୍ରୋତ ଥିବା ବେଳେ ଡିସେମ୍ବରରେ ୦.୧୪୨ ଏବଂ ଜାନୁୟାରୀରେ ୦.୪୧୪ ଏମଏଏଫ ଥିଲା। ଅର୍ଥାତ ଗତ ୩ ମାସରେ ଜଳ ପ୍ରବାହ ୦.୧୪୧ ଏମଏଏଫ ଥିଲା। କାଉନସେଲ ମୋହନ କାଟାର୍କି ଯୁକ୍ତି ଦର୍ଶାଇଥିଲେ ଯେ ୨୦୦୫ରୁ ୨୦୧୫-୧୬ ମଧ୍ୟରେ ମହାନଦୀରେ ଜଳ ପ୍ରବାହ ସ୍ରୋତ ଥିଲା ୧୨ ଏମଏଏଫ୍। ମାତ୍ର ୨୦୧୭-୧୮ରେ ବ୍ୟାରେଜ ନିର୍ମାଣ ହେବା ପରେ ଜଳର ସ୍ରୋତ ୦.୭ ଏମଏଏଫ ହ୍ରାସ ପାଇଛି। ଓଡିଶାର ପକ୍ଷ ରଖିବା ପୂର୍ବରୁ ମୁକୁଲ ରୋହତ୍‌ଗୀ ଜଳ ପ୍ରବାହର ପ୍ରମାଣ ଉପସ୍ଥାପନ କରିଥିଲେ।

ସୂଚନା ଯୋଗ୍ୟ ଯେ ଛତିଶଗଡ ପକ୍ଷରୁ ମହାନଦୀ ଉପରେ କମଲା, ସାମୋଡା, ବସନ୍ତପୁର ଏବଂ ମିରୋନୀ ଠାରେ ୨୦୧୬ରୁ ବ୍ୟାରେଜ କାର୍ଯ୍ୟକ୍ଷମ ଥିବା ବେଳେ ୨୦୧୭ରେ ଅନ୍ୟ ଦୁଇଟି ବ୍ୟାରେଜ ନିର୍ମାଣ ଶେଷ ହୋଇଛି। ଅନ୍ୟ ପକ୍ଷରେ ଛତିଶଗଡ କାଉନସେଲ ଦର୍ଶାଇଛନ୍ତି, ଓଡିଶା ପକ୍ଷରୁ ଦାଖଲ କରାଯାଇଥିବା ତଥ୍ୟ ଅସତ୍ୟ । ଓଡିଶା ମହାନଦୀରୁ ଶିଳ୍ପଗୁଡିକୁ ପାଣି ଯୋଗାଇ ଦେଉଛି। ଉଭୟ ପକ୍ଷର ଶୁଣାଣି କରି ଟ୍ରିବ୍ୟୁନାଲ କେବଳ ବ୍ୟାରେଜ ନିର୍ମାଣ ଉପରେ ଫୋକସ କରିବେ। ବାସ୍ତବରେ ବ୍ୟାରେଜ ଓଡିଶାର କି କ୍ଷତି କରୁଛି ତାହା ଉପରେ ହିଁ ଫୋକସ କରାଯିବ ବୋଲି ଟ୍ରିବ୍ୟୁନାଲ ମୌଖିକ ଭାବେ ଘୋଷଣା କରିଛନ୍ତି।

## ଓସ୍କାର ଲାଇବ୍ରେରିରେ ସ୍ଥାନ ପାଇବ ସୋନମଙ୍କ ଫିଲ୍ମ

ମୁମ୍ବାଇ

ସୋନମ କପୁରଙ୍କ ଅଭିନୀତ ଫିଲ୍ମ 'ଏକ ଲଡ୍‌କୀ କୋ ଦେଖା ତୋ ଐଶା ଲଗା' ଓସ୍କାର ଲାଇବ୍ରେରିରେ ସ୍ଥାନ ପାଇବାକୁ ଯାଉଛି। ଏକାଡେମି ଅଫ୍ ମୋଶନ୍ ପିକ୍ଚର ଆର୍ଟସ ଆଣ୍ଡ ସାଇନ୍‌ସେସ୍ (ଆମ୍ପାସ୍) ଦ୍ୱାରା ଏ ସମ୍ପର୍କରେ ବିଚାର ବିବେଚନା କରାଯାଉଛି। ଏହି ଖବର ଜାଣିବା ପରେ ସୋନମ୍ ଖୁବ୍ ଖୁସି ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମର କାହାଣୀ ଏକ ସମକାମୀ ସମ୍ପର୍କକୁ ନେଇ ଗଢ଼ି ଉଠିଥିବା ବେଳେ ପରିବାର ଓ ସମାଜରେ ଏହା କିପରି ଗ୍ରହଣୀୟ ହୋଇପାରିବ ସେଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖୁବ୍ ସଂଗ୍ରାମ କରିବାକୁ ପଡିଛି। ରିପୋର୍ଟ ଅନୁଯାୟୀ, ଉକ୍ତ ଫିଲ୍ମର ସ୍କ୍ରିନ୍‌ପ୍ଲେର ଗୋଟିଏ କପି ପଠାଇବା ପାଇଁ ଆମ୍ପାସ୍ ପକ୍ଷରୁ ଫିଲ୍ମ ନିର୍ମାତାଙ୍କୁ ଅନୁରୋଧ କରାଯାଇଛି। ଏହି ଫିଲ୍ମ ତାଙ୍କ ପାଇଁ ସ୍ୱତନ୍ତ୍ରତା ବହନ କରିଛି ବୋଲି ସୋନମ କହିଛନ୍ତି। ସୋନମଙ୍କର ଏହା ହେଉଛି ପ୍ରଥମ ଫିଲ୍ମ ଯେଉଁଥିରେ ସେ ତାଙ୍କ ପିତାଙ୍କ ସହ ଅଭିନୟ କରିଛନ୍ତି। ଉକ୍ତ ଫିଲ୍ମକୁ ଦେଖି ଦର୍ଶକମାନେ ଯେଭଳି ପ୍ରଶଂସା ଅଜାଡିଛନ୍ତି ସେଥିପାଇଁ ସୋନମ ଅଭିଭୂତ ହୋଇପଡିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ଅନିଲ କପୁର, ଜୁହି ଚାୱଲା, ରାଜକୁମାର ରାଓ। ଉକ୍ତ ଫିଲ୍ମ ବକ୍ସ ଅଫିସରେ ପାଖାପାଖି ୨୦କୋଟି ଟଙ୍କା ଆୟ କରିପାରିଛି।




## କର୍ନାଟକ ସରକାର ଭାଙ୍ଗିବାକୁ ଭାଜପା ଶୀର୍ଷ ନେତାଙ୍କ ଉଦ୍ୟମ

**କଂଗ୍ରେସର ଅଭିଯୋଗ**

ନୂଆଦିଲ୍ଲୀ,୯।୨(ପି.ଟି.)

କର୍ନାଟକରେ କଂଗ୍ରେସ-ଜେଡିଏସ୍ ସରକାରକୁ ଭାଙ୍ଗିବା ଲାଗି ହେଉଥିବା ଉଦ୍ୟମରେ ଭାଜପାର ଶୀର୍ଷ କେନ୍ଦ୍ରୀୟ ନେତୃତ୍ୱ ସାମିଲ ଥିବା କଂଗ୍ରେସ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କର୍ନାଟକ ସରକାରକୁ ଭାଙ୍ଗିବା ଲାଗି ଉଦ୍ୟମ କରୁଥିବା ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା କେ.ସି. ବେଣୁଗୋପାଳ ଏବଂ ରଣଦୀପ ସୁର୍ଜେୱାଲା କହିବା ସହ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ଜେଡିଏସ୍ ବିଧାୟକଙ୍କୁ ପ୍ରଲୋଭିତ କରିବା ଲାଗି ରାଜ୍ୟ ଭାଜପା ନେତା ବି.ଏସ୍. ୟେଦ୍ଦ୍ୟୁରପ୍ପା ୧୦ କୋଟି ଟଙ୍କା ଯାଚିଥିବାର ଅଡିଓ ଟେପ୍ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଦେଖାଇଥିଲେ। ଅମିତ ଶାହ ବିଚାରପତିମାନଙ୍କୁ ସମ୍ଭାଳିବେ ବୋଲି ୟେଦ୍ଦ୍ୟୁରପ୍ପା କହିଥିବାରୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ନିଜଆଡୁ ମାମଲା ଦାଏର କରିବାକୁ କଂଗ୍ରେସ ନିବେଦନ କରିଛି। ରାଜ୍ୟ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି କେନ୍ଦ୍ର ଉଦ୍ୟମ କରୁଥିବା ବେଣୁଗୋପାଳ କହିଛନ୍ତି।

## ରାଜ୍ୟକୁ ତଳିତଳାନ୍ତ କରିବାରେ କଂଗ୍ରେସର ପ୍ରମୁଖ ଭୂମିକା

**ଧର୍ମେନ୍ଦ୍ରଙ୍କ ଅଭିଯୋଗ**

ଭୁବନେଶ୍ୱର,୯।୨(ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପରିବାରର ୪ ପିଢ଼ି ରିମୋର୍ଟରେ ଦେଶକୁ ୫୫ ବର୍ଷ ଧରି ଶାସନ କଲେ। ଦେଶ ଭଳି ଓଡ଼ିଶାକୁ ତଳିତଳାନ୍ତ କରିବାରେ କଂଗ୍ରେସର ବଡ଼ ଭୂମିକା ରହିଛି। କୁମ୍ଭୀର କାନ୍ଦଣା କରୁଥିବା କଂଗ୍ରେସ ଦଳ ମିଛ ପ୍ରତିଶ୍ରୁତି ଦେବାରେ ସିଦ୍ଧହସ୍ତ। ତାଙ୍କଠାରୁ ଜନସାଧାରଣଙ୍କ କୌଣସି ଆକାଂକ୍ଷା ନ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଫମ୍ପା ଭାଷଣ ଦିଅନ୍ତି ନାହିଁ। ଅନୁରୂପ ଭାବେ ନିଜ ଦାୟିତ୍ୱକୁ କରି ଦେଖାଇଛନ୍ତି। ଗତ ୫ ବର୍ଷରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷରୁ ଅଧିକ ଘର ଦିଆଯାଇଛି। କିନ୍ତୁ ଯେଉଁମାନେ ୨୦୧୪ରେ ଗରିବ ଲୋକଙ୍କ ପାଇଁ ଘର ବନେଇବାକୁ ପ୍ରତିଶ୍ରୁତି ଦେଇଥିଲେ , ସେମାନେ ଆଜି ତାଙ୍କ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ଗରିବ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୬ ହଜାର ଟଙ୍କା ଆସିବ ଏ କ'ଣ ରାଜ୍ୟ ସରକାର ଚାହୁଁନାହାନ୍ତି। ରାଜ୍ୟ ସରକାର କାଳିଆ ଯୋଜନାରେ ତାଙ୍କ ମନ୍ତ୍ରୀ ବିଧାୟକଙ୍କ ନାଁରେ ଟଙ୍କା ଦେବା ଠିକ୍। ହେଲେ ନରେନ୍ଦ୍ର ମୋଦି ଓଡ଼ିଶାର ଲକ୍ଷାଧିକ ଗରିବଙ୍କୁ ସିଧାସିଧା ବ୍ୟାଙ୍କ ଖାତାରେ ଟଙ୍କା ପଠାଉଛନ୍ତି। ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ନିଷ୍ଠା ଥିଲେ କାଳବିଳମ୍ବ ନ କରି କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ଚାଷୀ ତାଲିକା ପଠାନ୍ତୁ। ନାଟକ ନ କରି କେନ୍ଦ୍ରର ସହଯୋଗୀ ହୁଅନ୍ତୁ। ଆମେ ବିନା ଦଲାଲି ମାଧ୍ୟମରେ ନରେନ୍ଦ୍ର ମୋଦିଙ୍କ ପଇସା ସିଧାସିଧା ଚାଷୀଙ୍କୁ ଦେବାକୁ ଚାହୁଁ ବୋଲି ସେ କହିଛନ୍ତି।







**ୟୁକୋ ବ୍ୟାଙ୍କ**

ବ୍ରଜରାଜନଗର ଶାଖା
ରେଳ ଷ୍ଟେସନ୍ ସମ୍ମୁଖ, ପୋ : ବ୍ରଜରାଜନଗର
ଜିଲ୍ଲା : ଝାରସୁଗୁଡା - ୭୬୮୨୧୬ (ଓଡିଶା)

**ଦଖଲ ନୋଟିସ**

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା (ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା (ମାନେ) ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ଓ୯ ଅନୁସାରେ କ୍ଷମତାପ୍ରାପ୍ତ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି।

ତେଣୁ ବିଶେଷତଃ ଋଣଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ ଅନୁଯାୟୀ ବକେୟାରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତମାନେ : ଶ୍ରୀ ଅଶୋକ କୁମର ପ୍ରଧାନ, ପିତା : ପରମାନନ୍ଦ ପ୍ରଧାନ ଏବଂ ଶ୍ରୀମତୀ ସତ୍ୟବତୀ ପ୍ରଧାନ, ସ୍ୱାମୀ: ଶ୍ରୀ ଅଶୋକ କୁମର ପ୍ରଧାନ, ଉଭୟଙ୍କ ଠିକଣା ସା : ନୂଆଡିହି, ପୋ : ଗଣ୍ଡଘୋଡରା, ପୋ: ଗାନ୍ଧିଛକ, ଝାରସୁଗୁଡା, ପିନ୍-୭୬୮୨୧୬ | ୩୦.୦୯.୨୦୧୭ ସୁଦ୍ଧା ଟ.୪,୪୭,୨୧୭.୩୫ + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୨.୦୯.୨୦୧୮ / ୦୪.୦୨.୨୦୧୯ | ଶ୍ରୀ ଅଶୋକ କୁମର ପ୍ରଧାନଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.-୨, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୬୨୧/୬୯୭, ପ୍ଲଟ ନଂ.-୧୦୯/୮୫୪୧, କ୍ଷେତ୍ର: ଏକର୦.୦୭୮ଡିସିମିଲି |
| ଋଣଗ୍ରହୀତା : ମେସର୍ସ ଜୟ ହନୁମାନ ଅଟୋମୋବାଇଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୟା ପ୍ରସାଦ ସାହୁ, ସା: ଗାନ୍ଧିଛକ, ଜିଲ୍ଲା: ଝାରସୁଗୁଡା, ପିନ୍: ୭୬୮୨୧୬/ ଜାମିନଦାର: ଶ୍ରୀମତୀ ଡାଳିୟ ସାହୁ, ସ୍ୱାମୀ: ଦୀନବନ୍ଧୁ ସାହୁ, ସା: ନୂଆଡିହି, ପୋ:ଗଣ୍ଡଘୋରା, ଜିଲ୍ଲା ଝାରସୁଗୁଡା, ପିନ୍-୭୬୮୨୧୬ | ୩୦.୦୯.୨୦୧୮ ସୁଦ୍ଧା ଟ.୩୭,୨୪,୮୩୪.୭୮ + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୨୧.୧୧.୨୦୧୮ / ୦୪.୦୨.୨୦୧୯ | ଶ୍ରୀ ଗୟା ପ୍ରସାଦ ସାହୁ, ପିତା: ଦୀନବନ୍ଧୁ ସାହୁଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.-୨, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୬୨୧/୭୦୧, ପ୍ଲଟ ନଂ.-୨୧୭୫/୮୫୪୩, କ୍ଷେତ୍ର: ଏକର୦.୦୭୮ଡିସିମିଲି |

ସ୍ଥାନ: ବ୍ରଜରାଜନଗର
ତାରିଖ : ୦୯.୦୨.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**ସଂକ୍ଷେପରେ**

## ଧାନମଣ୍ଡି ସମସ୍ୟା ସମାଧାନ ଦାବି

ବାଲିକୁଦା,୯।୨(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅଳାଭର ସେବା ସମବାୟ ସମିତି ପକ୍ଷରୁ ବିଭିନ୍ନ ସମସ୍ୟା ପାଇଁ ମଣ୍ଡି ଯୋଗେ ଧାନ ସଂଗ୍ରହ ହୋଇପାରୁନି। ଏହାର ସମାଧାନ ପାଇଁ ସମିତି ସଭାପତିଙ୍କ ସହ ଚାଷୀମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସଭାପତି କେଳୁ ଚରଣ ସାହୁ ଇମେଲ ଯୋଗେ ନିଜର ଅଭିଯୋଗ ପଠାଇଥିବା କହିଛନ୍ତି। ଠିକ୍ ସମୟରେ ମିଲର ନ ଆସିବାରୁ ଧାନ ପଡିରହି ନଷ୍ଟ ହେଉଛି। ଫେବୃୟାରୀରେ ମଣ୍ଡି ବନ୍ଦ ହୋଇଯିବ ବୋଲି ପ୍ରଚାର ହେବା ପରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଏହାର ସମାଧାନ ପାଇଁ ଉତ୍ତମ କୁମାର ଶତପଥୀ, କୃଷ୍ଣଚନ୍ଦ୍ର ଶତପଥୀ, ରତ୍ନାକର ନାୟକ, ପ୍ରହ୍ଲାଦ ଷଡ଼ଙ୍ଗୀ, ଗୌରାଙ୍ଗ ଶତପଥୀ, ବଟକୃଷ୍ଣ ମିଶ୍ର, ସଚ୍ଚିକାନ୍ତ ଶତପଥୀ, ବିଭୂଦତ୍ତ ଷଡ଼ଙ୍ଗୀ, ଦେବଦତ୍ତ ଷଡଙ୍ଗୀ, ଜୟନ୍ତ ପରିଜା, ଭାଗିରଥି ପରିଡା ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସମାଧାନ ନ ହେଲେ ରାସ୍ତା ଅବରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# କେନାଲ ପୋଲରେ ଦୁର୍ଘଟଣା, ଜଣେ ମୃତ


ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ, ପ୍ରଶାସନ ବୁଝାଶୁଝା କରୁଛି।

- **କ୍ଷତିପୂରଣ, ପୋଲ ଓସାର ଦାବିରେ ରାସ୍ତାରୋକୋ**
- **ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ**

ବିରିଡ଼ି,୯।୨(ଡି.ଏନ.ଏ.)

କାକଟପୁର କେନାଲର ଝାରପଡ଼ା ନିକଟରେ ଥିବା ଅଣଓସାରିଆ ପୋଲ ଉପରେ ଶୁକ୍ରବାର ରାତିରେ ଏକ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ପ୍ରତିବାଦରେ ବିରିଡ଼ି ଥାନା ଅନ୍ତର୍ଗତ ୨୨ ମୌଜା ଅଲ୍ଲୀପଡ଼ା ଓ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଝାରପଡ଼ା ଗ୍ରାମର ବହୁ ଲୋକ ଶନିବାର ସକାଳେ ଅଲ୍ଲୀପଡ଼ା-ଝାରପଡ଼ା ରାସ୍ତା ଅବରୋଧ କରିଥିଲେ। ଫଳରେ ୨୨ମୌଜା ଅଞ୍ଚଳରୁ ଭୁବନେଶ୍ୱର ଓ ଗୋବିନ୍ଦପୁର-ଝାରପଡା ଅଞ୍ଚଳରୁ ବିରିଡ଼ି ଅଭିମୁଖେ ଯାଉଥିବା ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଗୋବିନ୍ଦପୁର ଥାନା ଓଆଇସି ଶରତ ସେଠୀ ଓ କଣ୍ଟାପଡା ତହସିଲଦାର ସୌଭାଗ୍ୟ ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। କେନାଲଟି ଭୁବନେଶ୍ୱରସ୍ଥିତ ପ୍ରାଚୀ ଜଳସେଚନ ବିଭାଜନ ଅଧୀନରେ ଥିବାବେଳେ ଏହାର ସଂଯୋଗୀ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ତେଣୁ ସମ୍ପୃକ୍ତ ଯନ୍ତ୍ରୀମାନଙ୍କ ସହ କଟକ ଜିଲାପାଳଙ୍କ ଉପସ୍ଥିତିରେ ଆଲୋଚନା କରି ପୋଲ ସହ ସଂଯୋଗୀକରଣ ରାସ୍ତା ଓସାରିଆ କରାଯିବ ବୋଲି ତହସିଲଦାର ଦାସ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁଯାୟୀ, ୨୨ ମୌଜା ଚାଷୀଖଣ୍ଡ ଗ୍ରାମର ଏକ ଭୋଜିରେ ଯୋଗଦେବା ପାଇଁ ଆସିଥିବା ଜନୈକ ବ୍ୟକ୍ତି ଘରକୁ ଫେରୁଥିବା ବେଳେ ଉକ୍ତ ପୋଲ ଉପରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ପୋଲ ବାଡାରେ ବାହାରିଥିବା ଲୁହାରଡ ତାଙ୍କ ମୁଣ୍ଡରେ ପଶିଯାଇଥିଲା। ତୁରନ୍ତ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ମିଳିପାରି ନାହିଁ ବୋଲି ଗୋବିନ୍ଦପୁର ଥାନା ଓଆଇସି ଶରତ ସେଠୀ କହିଛନ୍ତି। ଅଲ୍ଲୀପଡ଼ାର ତାପସ ଜେନା, ରଞ୍ଜିତ ବିଶ୍ୱାଳ, ସିଦ୍ଧେଶ୍ୱର ସାମନ୍ତରାୟ, ସମୀର ଜେନା, ଜୋସେଫ କୁମାର ପାତ୍ର,ସୀତାଂଶୁ ପାତ୍ର, ଝାରପଡ଼ାର ଅଭିମନ୍ୟୁ ମଲ୍ଲିକ, ପ୍ରଦୀପ୍ତ ରାଉତ, ସୁରେନ୍ଦ୍ର ମୁଳିଆ, ହେମନ୍ତ କୁମାର ଜେନା, ସୁବାସ ଚନ୍ଦ୍ର ବିଶ୍ୱାଳ, କବି ପ୍ରସାଦ ମୁଳିଆ ପ୍ରମୁଖ ରାସ୍ତାରୋକୋରେ ସାମିଲ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରୀ**
**ଯେଣିକି ଚାହିଁଲେ ତୋହରି କଥା ମୁଁ**
**ଭାବି ଭାବି ଯାଏ ବତୁରି।**

ଯେ ଯାହାକୁ ମନପ୍ରାଣ, ହୃଦୟ ଦେଇ ଭଲ ପାଉଥାଏ, ସେ ତାହାକୁ ସବୁବେଳେ ଝୁରି ହେଉଥାଏ। ଶୟନେ ସ୍ୱପନେ ଜାଗରଣେ କେବଳ ତାହାରି କଥା ଭାବି ହେଉଥାଏ। ଆଖି ଆଗରେ କେବଳ ତାହାରି ମୁହଁ ନାଚି ଯାଉଥାଏ। ପ୍ରେମୀର ସାନ୍ନିଧ ପାଇବା ଆଶାରେ ଭାବିଭାବି ଅଭିଭୂତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ ଚୋର ଚିହ୍ନେ**
**ପୁରୁଣା ଚୋରକୁ ଚଉକିଆ ଚିହ୍ନେ।**

ଚୋରର ହାବଭାବ, ଚାଲିଚଳଣ ତଥା ମତିଗତି ଆଉ ଗୋଟିଏ ଚୋର ପାଖରେ ଅଛପା ରହି ନ ଥାଏ। ଯିଏ ଚୋର ସିଏ ଆଉ ଗୋଟିଏ ଚୋରକୁ ଅତି ସହଜରେ ଜାଣିପାରିଥାଏ। ସେହିପରି ପୁରୁଣାରୁ ପୁରୁଣା ଚୋରକୁ କେବଳ ପୋଲିସ ହିଁ ବିନା ଦ୍ୱିଧାରେ ଚିହ୍ନିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ନଦୀବନ୍ଧ କାର୍ଯ୍ୟରେ ବିଳମ୍ବ

ତିର୍ତ୍ତୋଲ,୯।୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଶଙ୍ଖେଶ୍ୱର ଜଳ ସମ୍ପଦ ବିଭାଗ ଅଧୀନ ମହାନଦୀର ବାମପଟ ବନ୍ଧ ରାସ୍ତା ସୁଦୃଢ଼ୀକରଣ ସହ ପଥର ପ୍ୟାକିଂ ଚାଲିଛି। ଏହି ନଦୀବନ୍ଧର କୃଷ୍ଣାନନ୍ଦପୁରଠାରୁ ତାରତୋଲ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଓଳଗଦା ନିକଟରେ କାର୍ଯ୍ୟ ବନ୍ଦ ରହିଛି। ଏହି ସ୍ଥାନରେ ନଦୀବନ୍ଧ ଉପରେ ଥିବା ଗଛ ଉଚ୍ଛେଦ କରାଯାଉ ନ ଥିବାରୁ କାମ ହୋଇପାରୁନାହିଁ। ଗ୍ରାମବାସୀ ଏହି ନଦୀବନ୍ଧ ରାସ୍ତା କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଜଳସମ୍ପଦ ବିଭାଗ ନିକଟରେ ବାରମ୍ବାର ଦାବି କରୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ମରାମତି ନ ହେବାରୁ ଏହି ସ୍ଥାନରେ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀ ଏଠାରୁ ଗଛ ଉଚ୍ଛେଦ ପାଇଁ ସ୍ଥାନୀୟ ତହସିଲଦାର ଓ ଜଙ୍ଗଲ ବିଭାଗକୁ ଚିଠି କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

## ଅନିତା ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିକୁଦା,୯।୨(ସ୍ୱ.ପ୍ର.)

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଶନିବାର ନାରୀନେତ୍ରୀ ଅନିତା ଦାସଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ନେତା ଦାମୋଦର ଜେନା ସଭାପତିତ୍ୱ କରିଥିଲେ। ଗତିକୃଷ୍ଣ ଶତପଥୀ, ନଟବର ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁ, ନଗେନ୍ଦ୍ର ବିଶ୍ୱାଳ, ଅରୁଣ ମହାରଣା, ଅକ୍ଷୟ ସ୍ୱାଇଁ, ସୁନାକର ସ୍ୱାଇଁ, ଭୀଷ୍ମଦେବ ଦାସ, ନଗେନ୍ଦ୍ର ବିଶ୍ୱାଳ, ପ୍ରଫୁଲ ଦାସ, ଯୁଗଳ କିଶୋର ମହାନ୍ତି, ପ୍ରକାଶ ପ୍ରଧାନ, ମୋହିତ ମହାନ୍ତି, ପ୍ରସନ୍ନ ସାହୁ, ଅମିତା ଦାସ ପ୍ରମୁଖ ଯୋଗଦେଇଥିଲେ।


ପାରାଦୀପ ଲକ୍ ଥାନା ପୋଲିସ ପକ୍ଷରୁ ୫ନଂ (କ) ଜାତୀୟ ରାଜପଥରେ ଛାତ୍ରୀଛାତ୍ର ଓ ଜନପ୍ରତିନିଧିଙ୍କୁ ନେଇ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଚେତନତା ସୃଷ୍ଟି କରାଯାଉଛି।

# ଏନ୍‌ବିଏସ୍ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

କୁଜଙ୍ଗ,୯।୨(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ଝିମାଣୀସ୍ଥିତ ନାରାୟଣ ବୀରବର ସାମନ୍ତ ମହାବିଦ୍ୟାଳୟର ୨୬ତମ ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ବନପ୍ରଭା ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ବିଧାୟକ ଡା.ଦାମୋଦର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଓଡ଼ିଶାର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଶଙ୍ଖନାଦ ବେହେରା, ଡ଼କ୍ଟର ସତ୍ୟାନନ୍ଦ ପଣ୍ଡା ପ୍ରମୁଖ ଅତ୍ୟନ୍ତ ଗ୍ରାମୀଣ ପରିବେଶରେ ଏହି ମହାବିଦ୍ୟାଳୟ କରିପାରିଥିବାରୁ ଗ୍ରାମାଞ୍ଚଳର ପିଲାମାନେ ଉଚ୍ଚଶିକ୍ଷା ପାଇପାରୁଛନ୍ତି ବୋଲି କହିଥିଲେ। ଶିକ୍ଷାବିତ୍ ମଳୟ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କୀମ୍ବଦନ୍ତୀ ପୁରୁଷଙ୍କ ଜୀବନ ଆଦର୍ଶରୁ ଅନୁପ୍ରାଣୀତ ହୋଇପାରିଲେ ଛାତ୍ରୀଛାତ୍ରମାନେ ସେମାନଙ୍କ ଭବିଷ୍ୟତ ଗଠନ କରିପାରିବେ ବୋଲି କହିଥିଲେ। ପରିଚାଳନା କମିଟି ସମ୍ପାଦକ ସଞ୍ଜୁକ୍ତା ବେହେରା, ଡ. ଗଗନ ବେଉରା, ଗୋଲକ ନାୟକ, ଆଇଓସିଏଲ ଅଧିକାରୀ ବିଦ୍ୟୁତ କୁମାର ସୁବୁଦ୍ଧି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗ ଅଧାପକ କିଶୋରଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ପବିତ୍ର କିଶୋର ପରିଡ଼ା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଏନ୍‌ବିଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ବେଡ଼ାରୀ ଗ୍ରାମରେ ବ୍ୟାପୁଛି ଫାଟୁଆ ରୋଗ

ପାଟକୁରା, ୯।୨(ଡି.ଏନ୍.ଏ)

ଗରଦପୁର ବ୍ଲକ ଅନ୍ତର୍ଗତ ବେଡାରୀ ପଞ୍ଚାୟତର ବେଡାରୀ ଗ୍ରାମରେ ଫାଟୁଆ ରୋଗରେ ୫ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ଏହା ଏକ ସଂକ୍ରମଣ ଜନିତ ରୋଗ ହୋଇଥିବାରୁ ଆଗକୁ ବ୍ୟାପିବାର ଆଶଙ୍କା କରାଯାଉଛି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ସୂଚନାଯୋଗ୍ୟ, ବେଡାରୀ ଗ୍ରାମର ଅଟଳ ବିହାରି ବାହିକ, ଉପେନ୍ଦ୍ର ଦାସ ଓ ଦୀପକ ବେହେରାଙ୍କ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତ ଗୋରୁଗୁଡିକ ପାଟିରୁ ଲାଳ ବାହାରିବା ସହ ଗୋଡର ଖୁରାରେ ଘା' ସୃଷ୍ଟି ହୋଇଛି। ଗୋରୁଗୁଡିକ ଠିକ୍ ଭାବରେ ଖାଦ୍ୟ ଖାଇ ପାରୁନାହାନ୍ତି। ମାତ୍ର ଏନେଇ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହେଉଛି। ଏନେଇ ସେମାନେ ପୁରୁଣା ଚିକିତ୍ସା ପଦ୍ଧତି ଆପଣାଇଥିବା ଦେଖିବାକୁ ମିଳିଛି। ଗୋରୁଗୁଡିକୁ କାଦୁଅରେ ଚଲାଇବା ସହ ଘା' ସୃଷ୍ଟି ହୋଇଥିବା ସ୍ଥାନରେ କିରୋସିନ ଲଗାଉଛନ୍ତି। ଏ ସମ୍ପର୍କରେ ଗରଦପୁରସ୍ଥିତ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଚିକିତ୍ସକ ଡ.ସଞ୍ଜୟ କୁମାର ବେହେରା କହିଛନ୍ତି, ଏ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିଲା। ଯଦି ଏହି ରୋଗରେ ଗୋରୁଗୁଡିକ ଆକ୍ରାନ୍ତ ହୋଇଥିବେ,ତେବେ ପାଟକୁରାସ୍ଥିତ ପ୍ରାଣୀଧନ ସହାୟକ ଚିକିତ୍ସା କେନ୍ଦ୍ରରୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ବିଭାଗ ପକ୍ଷରୁ ବର୍ଷକୁ ଦୁଇ ଥର ଏହି ରୋଗର ପ୍ରତିଷେଧକ ଟିକା ଦିଆଯାଏ,ଗତ ସେପ୍ଟେମ୍ବରରେ ଗୋରୁଗୁଡିକୁ ଏହି ଟିକା ଦିଆଯାଇଥିଲା। ଚଳିତ ମାସରେ ପୁନର୍ବାର ଏହି ଟିକା ଦିଆଯିବା ଲାଗି ବ୍ୟବସ୍ଥା କରାଯାଉଛି।

# ତିର୍ତ୍ତୋଲରେ ଶାରଳା ମେଳା

ତିର୍ତ୍ତୋଲ,୯।୨(ଡି.ଏନ.ଏ.)

ତିର୍ତ୍ତୋଲ ଆଦିକବି ସାରଳା ଦାସ କଲେଜ ସମ୍ମୁଖ ଶାରଳା ମେସ୍ ପରିସରରେ ଶାରଳା ମେଳା ଅନୁଷ୍ଠିତ ହୋଇଛି। ଏଥିନିମନ୍ତେ କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଆସ୍ଥାନ ବିଜେ ପରେ ଯାଜ୍ଞିକ ବ୍ରାହ୍ମଣଙ୍କ ଦ୍ୱାରା ପୂଜା ଓ ଯଜ୍ଞ କରାଯାଇଥିଲା। ଏଥିରେ ୨ହଜାରରୁ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ପରେ ପ୍ରତିଷ୍ଠିତ ଗାୟକମାନଙ୍କ ଦ୍ୱାରା ମା'ଶାରଳାଙ୍କ ମହିମା ଆଧାରିତ ଭଜନ ପରିବେଷଣ କରାଯାଇଥିଲା। ଆୟୋଜନ କମିଟି ତରଫରୁ ଜଗନ୍ନାଥ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ରଏବର ଅଲ୍ଲୀଙ୍କୁ ଏସ୍‌ପିଙ୍କ ପ୍ରଶଂସାପତ୍ର

ବିରିଡ଼ି/ବାଲିଆ, ୯।୨(ଡି.ଏନ.ଏ.)

ବିରିଡ଼ି ବ୍ଲକ ବାଲିଆଷ୍ଟୋର ନିକଟରେ ଜାନୁୟାରୀ ୧୫ରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ପ୍ରଫୁଲ ଚୌଧୁରୀ ନାମକ ଜଣେ ବ୍ୟକ୍ତି ସଙ୍କଟାପନ୍ନ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ବହୁଲୋକ ଦେଖୁଥିଲେ ମଧ କୌଣସି ଜଣେ ହେଲେ ବ୍ୟକ୍ତି ତାଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ନେଇ ନ ଥିଲେ। ହେଲେ ବିରିଡ଼ି ଥାନା ହାଜିପୁର ମୁସଲମାନ ସାହିର ରଏବର ଅଲ୍ଲୀ ନାମକ ଜଣେ ବ୍ୟକ୍ତି ଆହତ ଚୌଧୁରୀଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ଜଗତ୍‌ସିଂହପୁର ଡାକ୍ତରଖାନାକୁ ନେଇଯାଇଥିଲେ। ଫଳରେ ଚୌଧୁରୀଙ୍କ ଜୀବନ ରକ୍ଷା ହୋଇପାରିଥିଲା। ଏଣୁ ତାଙ୍କର ଏହି ମହତ ଜନହିତକର କାର୍ଯ୍ୟ ଯୋଗୁ ଅଲ୍ଲୀଙ୍କୁ ଜଗତ୍‌ସିଂହପୁର ଏସପି ପ୍ରକାଶ ରଙ୍ଗରାଜ ଶନିବାର ତାଙ୍କ କାର୍ଯ୍ୟାଳୟରେ ଏକ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି।


ରଏବର ଅଲ୍ଲୀଙ୍କୁ ପ୍ରଶଂସାପତ୍ର ଦିଆଯାଉଛି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

**CO-OPERATIVE INADIA**
Co-Operative India ଦ୍ୱାରା। P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**T.F. FINANCE**
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**Janata Finance**
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର୍ !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପୁରୀ ରାମକୃଷ୍ଣ ମିଶନ ଆଶ୍ରମରେ ଆସନ୍ତା ଶିକ୍ଷାବର୍ଷ (୨୦୧୯-୨୦) ଅଷ୍ଟମ ଶ୍ରେଣୀ ଏବଂ ନବମ ଶ୍ରେଣୀରେ (limited seats) ଆଦିବାସୀ ଛାତ୍ର ଗ୍ରହଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଜମା କରିବା ଶେଷ ତାରିଖ: ୧୦।୦୩।୨୦୧୯
ଫୋନ: ୦୬୭୫୨-୨୩୨୪୦୭

**FINANCE**
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା।
Mahaveer Nagar, Lewis Road, Bangalore
7325861595

**ମୁଦ୍ରିକା ଫାଇନାନ୍ସ ଲୋନ**
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

# କାଳିଆ ପାଇଁ ଆରଏମସିରୁ ଉଠିଲା ୧.୫୧ କୋଟି

**ସଦସ୍ୟଙ୍କ ବିନାନୁମତିରେ ଉଠାଯାଇଛି ଟଙ୍କା**

**୨ ମାସରେ ରାଜ୍ୟ ସରକାର ଦେଇଛନ୍ତି ୫୦ ହଜାର ଟଙ୍କା**

କେନ୍ଦ୍ରାପଡା ଅଫିସ, ୯।୨

ଚାଷୀଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ଚଳାଇଛନ୍ତି । ସେହିପରି ପିଠା ଯୋଜନାରେ ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଉଛି। ଏଥିପାଇଁ ଗତ ବଜେଟରେ ଅଂଶଧନ ଉପସ୍ଥାପିତ କରାଯାଇଛି । ତେବେ ଏହି ଯୋଜନା ପାଇଁ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି (ଆରଏମସି)ପାଣ୍ଠିରୁ ଟଙ୍କା ଖର୍ଚ୍ଚ କରାଯାଇଛି। କମିଟିର ନିର୍ବାଚିତ ସଦସ୍ୟଙ୍କ ବିନା ଅନୁମତିରେ ପାଣ୍ଠିରୁ ଏଥିପାଇଁ ୧କୋଟି ୫୧ ଲକ୍ଷ ୫୦ ହଜାର ଟଙ୍କା ଉଠାଯାଇଥିବା ସୂଚନା ମିଳିଛି । ଏନେଇ କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କେତେଜଣ ସଦସ୍ୟଙ୍କ କହିବାନୁଯାୟୀ, ଡିସେମ୍ବର ଓ ଜାନୁୟାରୀ ମାସର ପିଠା କାର୍ଯ୍ୟକ୍ରମରେ କାଳିଆ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇବା ଓ ଆବେଦନ ପତ୍ର ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ୨ ମାସରେ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର କେନ୍ଦ୍ରାପଡା ଜିଲାରେ ଏହି ସବୁ ଟଙ୍କା ଆରଏମସି ପାଣ୍ଠିରୁ ଭରଣା କରାଯାଇଛି। ଜିଲାରେ ମୋଟ୍ ୨୪୯ଟି ପଞ୍ଚାୟତ ରହିଛି। ପ୍ରତି ପଞ୍ଚାୟତରୁ ୫୦ ହଜାର ହିସାବରେ ୧କୋଟି ୨୪ ହଜାର ୫୦୦ ଟଙ୍କା ପଠାଯାଇଥିବା ସୂଚନା ମିଳିଛି।

ସେହିପରି ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ କାଳିଆ ସମାବେଶରେ ଯୋଗଦେବାକୁ ଜିଲାରୁ ବହୁ ଚାଷୀ ଯାଇଥିଲେ। ଏଥିପାଇଁ ବ୍ଲକ ପିଛା ୩ ଲକ୍ଷ ଟଙ୍କା ଜିଲା ଆରଏମସି ପାଣ୍ଠିରୁ ଭରଣା ହୋଇଥିବା ଜଣାପଡିଛି। କୃଷିଜାତ ସାମଗ୍ରୀର ବିକ୍ରୟ ପାଇଁ ଆରଏମସି ଗଠନ କରାଯାଇଥିବା ବେଳେ ଏହାର ପାଣ୍ଠିକୁ ନିର୍ବାଚିତ ସଦସ୍ୟଙ୍କ ବିନା ଅନୁମତିରେ ଉଠାଇ ନେବା ବେଆଇନ ବୋଲି କେତେଜଣ ସଦସ୍ୟ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ କେନ୍ଦ୍ରାପଡା ଆରଏମସି ଅଧ୍ୟକ୍ଷ ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର କୁହନ୍ତି, ଓଡିଶା ଷ୍ଟେଟ ଏଗ୍ରିକଲଚରାଲ ମାର୍କେଟିଂ (ଓସାମ) ବୋର୍ଡ ପକ୍ଷରୁ ଆରଏମସିକୁ ଚିଠି ହୋଇଥିଲା । ଏହି ଚିଠି ଅନୁଯାୟୀ ଟଙ୍କା ଉଠାଯାଇଛି ।

## ସଂକ୍ଷେପରେ

### ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ରାଜନଗର, ୯।୨(ଡିଏନଏ):** ରାଜନଗର ବ୍ଲକର ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଡାଙ୍ଗମାଳ ଗ୍ରାମର ଜଣେ ଯୁବକ ଅନ୍ୟମାନଙ୍କ ସହାୟତାରେ ସେହି ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ନେଇଥିବା ନେଇ ଶନିବାର ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଶୁକ୍ରବାର ରାତି ପ୍ରାୟ ୧୨ଟା ବେଳେ ସଂପୃକ୍ତ ଯୁବକ ଉକ୍ତ ନାବାଳିକାଙ୍କୁ ତାଙ୍କ ଘର ମଧ୍ୟରୁ ଜୋର ଜବରଦସ୍ତ ଉଠାଇ ନେଇଛନ୍ତି। ଏଥିସହ ଘର ପ୍ରତିଷ୍ଠା ପାଇଁ ନାବାଳିକାଙ୍କ ପରିବାର ଲୋକେ ରଖିଥିବା ୫୮ ହଜାର ଟଙ୍କାକୁ ଲୁଟି ନେଇଛନ୍ତି। ଆଗକୁ ମାଟ୍ରିକ ପରୀକ୍ଷା ହେବାକୁ ଥିବା ବେଳେ ଛାତ୍ରୀଙ୍କୁ ଅପହରଣ କରିନେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।

### ନିର୍ମାଣାଧୀନ ସ୍ଲୁଇସ୍ ମଧ୍ୟକୁ ଖସି ପଡି ବାଇକ ଆରୋହୀ ଗୁରୁତର

**ରାଜନଗର, ୯।୨(ଡିଏନଏ):** ରାଜନଗର ଅଞ୍ଚଳରେ ନିର୍ମାଣାଧୀନ ସ୍ଲୁଇସ୍ ମଧ୍ୟକୁ ଖସି ପଡି ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଯେ, ରାଜନଗର କେରଡାଗଡ ପୂର୍ତ୍ତବିଭାଗ ରାସ୍ତାର କିଆଯୋରି ନିକଟରେ ତଟବନ୍ଧ ବିଭାଗ ପକ୍ଷରୁ ସ୍ଲୁଇସ ନିର୍ମାଣ କରାଯାଉଛି। ରାସ୍ତାକୁ ଖୋଳି ଦିଆଯାଇ ସ୍ଲୁଇସ ନିର୍ମାଣ କରାଯାଉଛି। ଗାଡି ଯାତାୟତ ପାଇଁ ଡାଇଭର୍ସନ ରୋଡ ନିର୍ମାଣ ହୋଇଛି। ମାତ୍ର ଖୋଳା ଯାଇଥିବା ରାସ୍ତା ନିକଟରେ କୌଣସି ବାଡ ଦିଆଯାଇନାହିଁ କିମ୍ବା ସୂଚନା ଫଳକ ମରାଯାଇନାହିଁ। ରାଜନଗର ନୂଆଗାଁର ସନାତନ ରାଉତ ମୋଟର ସାଇକେଲରେ ଚୌଦ୍ୱାରରୁ ଶନିବାର ସନ୍ଧ୍ୟା ସାଢେ ଛଅଟା ବେଳେ ଗାଁକୁ ଫେରୁଥିଲେ। ରାସ୍ତା ମଝିରେ ସ୍ଲୁଇସ ନିର୍ମାଣ କରାଯିବା କଥା ସେ ଜାଣିପାରି ନ ଥିଲେ। ଫଳରେ ନିର୍ମାଣାଧୀନ ସ୍ଲୁଇସ ମଧ୍ୟକୁ ସେ ମୋଟରସାଇକେଲ ସହିତ ଖସି ପଡିଥିଲେ। ତାଙ୍କର ମୁଣ୍ଡ, ହାତ ଓ ଗୋଡରେ ଗଭୀର ଆଘାତ ଲାଗିଛି। ଗୁରୁତର ସନାତନଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ତ୍ରିବେଣୀ ମେଳା ଓ ରୁଦ୍ର ଶାନ୍ତିଯଜ୍ଞ ଉଦ୍‌ଯାପିତ



**ଡେରାବିଶ,୯।୨ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅଧୀନ ଜଗନ୍ନାଥପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢାରେ ସୋମବାର ଠାରୁ ଆରମ୍ଭ ହୋଇଥିବା ତ୍ରିବେଣୀ ମେଳା ଓ ରୁଦ୍ରଶାନ୍ତି ମହାଯଜ୍ଞ ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି । ଏହି ମେଳା ଓ ଯଜ୍ଞ ପାଇଁ ଚଳିତବର୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏଥିସହିତ ପ୍ରତ୍ୟହ ସନ୍ଧ୍ୟାରେ ଯଜ୍ଞ ମଣ୍ଡପରେ ପୁରୋଧାମାନଙ୍କ ବେଦଧ୍ୱନୀ ସାଙ୍ଗକୁ ଅପେରା, ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ମନ୍ଦିର ବେଢ଼ାକୁ ଉତ୍ସବମୁଖର କରିଥିଲା । ସେହିପରି ମେଳା ପଡିଆରେ ରାମଦୋଳି ପଡିଥିବା ବେଳେ ପିଲାମାନଙ୍କ ପାଇଁ ବିଭିନ୍ନ ଖେଳ ସହ ଘରକରଣା ସାମଗ୍ରୀ ଦୋକାନ ଖୋଲିଥିଲା । ଗୁପଚୁପ୍ ଓ ଚାଟ୍ ଦୋକାନରେ ପିଲା ଓ ମହିଳାମାନଙ୍କ ଭିଡ ଅଧିକ ପରିଲକ୍ଷିତ ହୋଇଥିଲା । ଯଜ୍ଞ କମିଟିର ସଭାପତି ରଘୁନାଥ ସିହ୍ନା, ନାରାୟଣ ଲେଙ୍କା, ବଟକୃଷ୍ଣ ରାଉତ, ପ୍ରସନ୍ନ ସାହୁ, କୁମାର ଚନ୍ଦ୍ର ବଳ, ଧୀରେନ ସେଠୀ, ପ୍ରଦୀପ ନାୟକ, ରଶ୍ମିରଞ୍ଜନ ପଣ୍ଡା, ସନ୍ତୋଷ ପ୍ରଧାନ, କୈଳାସ ଲେଙ୍କା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ମେଳାକୁ ଉପଭୋଗ କରିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ନିକିରାଇ ଥାନା ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା । ଏଥିସହିତ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା ।

# ବୁଦାମୂଳେ ଫିଙ୍ଗାଯାଇଛି ସରକାରୀ ଔଷଧ

ମହାକାଳପଡା, ୯।୨ (ଡି.ଏନ.ଏ.)

ମହାକାଳପଡା ବ୍ଲକର ଜମ୍ବୁ–ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧର ଜଅଁରା–ବାଲିଗଡ ମଧ୍ୟସ୍ଥଳ ଏକ ବୁଦାମୂଳରେ କିଛି ସରକାରୀ ଔଷଧ ଫିଙ୍ଗାଯାଇଛି। ଏହି ଔଷଧଗୁଡିକ ମଧ୍ୟରେ ଆଇରନ ଓ ଫୋଲିକ୍‌ଏସିଡ୍ ଟାବଲେଟ ସହ କିଛି ତରଳ ଔଷଧ ଫିଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ଅଙ୍ଗନୱାଡି କେନ୍ଦ୍ର ଅବା କୌଣସି ସରକାରୀ ବିଦ୍ୟାଳୟକୁ ଏହି ଔଷଧ ବଣ୍ଟାଯିବା ଲାଗି ଆସିଥିବା ବେଳେ କୌଣସି ଦୁର୍ବୃତ୍ତ ଏ ଗୁଡିକୁ ନ ବାଣ୍ଟି ଫିଙ୍ଗି ଦେଇଥିବା ଆଶଙ୍କା କରାଯାଉଛି। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡା. ମନୋଜ କୁମାର ପଣ୍ଡା କହିଛନ୍ତି ଔଷଧଗୁଡିକ ଫିଙ୍ଗାଯିବା ସମ୍ପର୍କରେ ଖବର ପାଇଛି। ଘଟଣାସ୍ଥଳ ପରିଦର୍ଶନ କରିବା ପରେ ତଦନ୍ତ କରାଯାଇ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ବୁଦା ମୂଳରେ ପଡିଥିବା ଔଷଧ ।

### ବିଦ୍ୟୁତ ଠିକା ଶ୍ରମିକ ସଂଘର ବାର୍ଷିକ ଅଧିବେଶନ

କେନ୍ଦ୍ରାପଡା ଅଫିସ, ୯।୨

ବିଦ୍ୟୁତ ଠିକା ଶ୍ରମିକ ସଂଘର ବାର୍ଷିକ ଅଧିବେଶନ ସହରର ମୀରପାଟଣାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଦେବଦାସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ବିଜୁ ଶ୍ରମିକ ସାମୁଖ୍ୟ ସଭାପତି ସୁବାସ ସିଂ, ଉପସଭାପତି ରାଜୀବ ମହାନ୍ତି, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ କୁମାର ଜିତେନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଠିକା ଶ୍ରମିକଙ୍କ ସମସ୍ୟା ଉପସ୍ଥାପନ କରିବା ସହ ସଂଗଠିତ ହୋଇରହିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ଦେଇଥିଲେ ।ସମ୍ପାଦକ ଶିଶିର କୁମାର ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ରାଜ୍ୟ ଉପ ସଭାପତି ଦୈତାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଙ୍ଗଳା ଭାଷୀଙ୍କ ସ୍ଥାୟୀ ଜମି ପଟ୍ଟା ଦାବି

ମହାକାଳପଡା, ୯।୨ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଅଧୀନ ଖରିନାସୀ ପଞ୍ଚାୟତର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ସ୍ଥାନୀୟ ଅଞ୍ଚଳର ଜମି ଅଧିକାର ସମସ୍ୟାକୁ ନେଇ ଶନିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ଖରିନାସୀ ଅଞ୍ଚଳର ପ୍ରାକ୍ତନ ଶିକ୍ଷକ ନିରଞ୍ଜନ ରାୟ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ଚୌଧୁରୀ ଯୋଗଦେଇ ଅଞ୍ଚଳର ବଙ୍ଗଳା ଭାଷୀ ଲୋକଙ୍କ ଜମି ଅଧିକାର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଉପକୂଳ ଅଞ୍ଚଳର ବଟିଘର, ରାମନଗର, ଖରିନାସୀ ଓ ଜମ୍ବୁ ଅଞ୍ଚଳର ବହୁ ବଙ୍ଗଳା ଭାଷୀ ଲୋକ ପ୍ରାୟ ୭୦ ବର୍ଷ ହେବ ବସବାସ କରୁଛନ୍ତି। ପୂର୍ବରୁ ସେମାନେ କେ ଫର୍ମ ଜରିଆରେ ରହୁଥିବା ଜମିରେ ପଟ୍ଟା ପାଇଁ ପାଉତି କାଟୁଥିଲେ। ମାତ୍ର ୧୦ ବର୍ଷ ହେବ ପ୍ରଶାସନ ପକ୍ଷରୁ ଏହାକୁ ବାରଣ କରାଯାଇଛି। ଫଳରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ସେମାନଙ୍କୁ ତୁରନ୍ତ ଜମିପଟ୍ଟା ପ୍ରଦାନ ସହ ପ୍ରଶାସନ ପକ୍ଷରୁ ପାଉତି କାଟିବା ପାଇଁ ସଭାରେ ଦାବି ହୋଇଥିଲା। ବଙ୍ଗୀୟ ଲୋକେ ବସବାସ କରୁଥିବା ୬ ହଜାର ଏକର ଜମିର ସ୍ଥାୟୀ ପଟ୍ଟା ପାଇଁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମୀର ମିସ୍ତ୍ରି, ଅର୍ଜୁନ ମଣ୍ଡଳ, ଗୌତମ ଦାସ, ବିଜୟ ଚୌଧୁରୀ, ଦୀନବନ୍ଧୁ ମଣ୍ଡଳ, ବିରେନ ମଲିକ, କରୁଣା ମଣ୍ଡଳଙ୍କ ସମେତ ୪ ପଞ୍ଚାୟତର ୩୦୦ରୁ ଅଧିକ ଜନସାଧାରଣ ଉପସ୍ଥିତ ଥିଲେ।



ଖରିନାସୀସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଆୟୋଜିତ ସଭା ।

### କୁରୁଜଙ୍ଗାକୁ ଶ୍ରେଷ୍ଠ ପଞ୍ଚାୟତର ମାନ୍ୟତା

ଡେରାବିଶ,୯।୨ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକର କୁରୁଜଙ୍ଗା ପଞ୍ଚାୟତ ଶ୍ରେଷ୍ଠ ପଞ୍ଚାୟତର ମାନ୍ୟତା ପାଇଛି । ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ସରପଞ୍ଚ, ଲୋକପ୍ରତିନିଧିମାନଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମର କିଭଳି ସଫଳ ରୂପାୟନ ହେବ ସେଥିପାଇଁ ବ୍ୟାପକ ଉଦ୍ୟମ ଚାଲିଛି । ଦୀର୍ଘ ୧ ମାସ ଧରି ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପଞ୍ଚାୟତରେ ପାଠାଗାର ଗୃହ ନିର୍ମାଣ, ଗ୍ରାମରେ ଥିବା ପୁଷ୍କରିଣୀ ନିକଟରେ ଗାଧୁଆଘର, ମିଶନଶକ୍ତି ଗୃହନିର୍ମାଣ, କମ୍ୟୁନିଟି ସେଣ୍ଟର ନିର୍ମାଣ ଏବଂ କୋଠଘର ନିର୍ମାଣ ପାଇଁ ଉଦ୍ୟମ ଜାରି ରଖିଥିବା ପଞ୍ଚାୟତକୁ ସର୍ବଶ୍ରେଷ୍ଠ ପଞ୍ଚାୟତ ଭାବେ ବିବେଚନା କରାଯାଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବୋଚ୍ଚ ସ୍ଥାନ ପାଇଥିବା ପଞ୍ଚାୟତଗୁଡ଼ିକୁ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା କରିଛନ୍ତି । ଏହି ଅବସରରେ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତକୁ ପିଠାରେ ସର୍ବଶ୍ରେଷ୍ଠ ପଞ୍ଚାୟତ ମାନ୍ୟତା ମିଳିଥିବା ନେଇ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଗତ ୭ ତାରିଖ ଚିଠି ନଂ–୨୮୧୯ ରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ଜଣାଇଛନ୍ତି । ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ ପଞ୍ଚାୟତରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସରକାରଙ୍କ ନିର୍ଦ୍ଦେଶିତ ଉପରୋକ୍ତ ୫ଟି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିବାରୁ ସରକାରଙ୍କ ପ୍ରୋତ୍ସାହନ ରାଶି ୫ ଲକ୍ଷ ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏ ନେଇ ସରପଞ୍ଚ ଚନ୍ଦ୍ରକାନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି ।

# ଦରଦୀ ମଣିଷ ହିଁ କଳାକାର ରୂପେ ପ୍ରତିଷ୍ଠା ପାଇଥାଏ

ପଟ୍ଟାମୁଣ୍ଡାଇ, ୯।୨ (ସ୍ୱ.ପ୍ର)

ଜଣେ ଦରଦୀ ହୃଦୟର ମଣିଷ ହିଁ କଳାକାର ରୂପେ ପ୍ରତିଷ୍ଠା ପାଇଥାଏ । ହୃଦୟ ଯେତେ ପବିତ୍ର ହେବ ମନର ଭାବନା ସେତେ ବିସ୍ତାରିତ ହୋଇଥାଏ । କଳାକାର ସର୍ବଦା ସମର୍ପିତ ଭାବନା ନେଇ ସୃଷ୍ଟିକର୍ତ୍ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇଥାଏ । ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତର ସିଦ୍ଧ ପରମହଂସ କଳାକାର ସଂଘ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ୯ମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ଏହି ଉତ୍ସବରେ ବ୍ରଜକିଶୋର ସାହୁ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଯୋଗଦେଇ କହିଥିଲେ ଯେ, କଳାକାରମାନେ ପରିବେଷଣ କରୁଥିବା ବିଭିନ୍ନ କଳାର ଉପମା ନାହିଁ । ବାସ୍ତବରେ ସେମାନେ କଳା ଦ୍ୱାରା ମନ ଓ ହୃଦୟକୁ ଜିଣି ନେଇଥାନ୍ତି ବୋଲି ମତପ୍ରକାଶ କରିଥିଲେ । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବେହେରା, ନାଟ୍ୟକାର ହରପ୍ରିୟା ଓଝା, କବି ସତ୍ୟବ୍ରତ ପୁହାଣ, ଯାତ୍ରା ନିର୍ଦ୍ଦେଶକ ଦିଲ୍ଲୀପ ଦାସ, ଜଲିଉଡ୍ ଅଭିନେତା ଗୌରା ଦାସ, ଖଳନାୟକ ମହେନ୍ଦ୍ର କୁମାର ଦାଶ, କଣ୍ଠଶିଳ୍ପୀ ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ କଳା ଓ କଳାକାର ସଂପର୍କରେ ବକ୍ତବ୍ୟ ରଖିଥିଲେ । ନାଟ୍ୟକାର ପ୍ରମୋଦ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂପାଦକ ନନ୍ଦକିଶୋର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବରିଷ୍ଠ କଳାକାରମାନଙ୍କୁ ମାନପତ୍ର ସହ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଆଖପାଖ ଅଞ୍ଚଳର ଶତାଧିକ କଳାପ୍ରେମୀ ଦର୍ଶକ ଯୋଗ ଦେଇଥିଲେ । ସଞ୍ଜୀବ କୁମାର ତରାଇ ଉତ୍ସବ ପରିଚାଳନା କରିଥିଲେ । ଶେଷରେ ସରପଞ୍ଚ ପ୍ରଫୁଲ୍ଲ କୁମାର ତରାଇ ଧନ୍ୟବାଦ ଦେଇଥିଲେ ।



ଉତ୍ସବରେ ଉପସ୍ଥିତ ଅତିଥି ଓ କଳାକାରମାନେ ।

# ରାଜନଗର ଥାନା ଅଞ୍ଚଳରୁ ପୁଣି ୭ ଚୋରା ବାଇକ ଉଦ୍ଧାର

ରାଜନଗର,୯।୨ (ଡିଏନଏ)

ରାଜନଗର ଅଞ୍ଚଳରେ ଚୋରା ବାଇକ ବେଧଡକ ଭାବେ ଚାଲିଛି। ଗତ ୨ ତାରିଖ ରାତିରେ ସ୍ଥାନୀୟ ପୋଲିସ ୭ଟି ଚୋରା ବାଇକ ଜବତ କରିଥିଲା। ଗତ ୪ ଦିନ ମଧ୍ୟରେ ପୋଲିସ ବିଭିନ୍ନ ସ୍ଥାନରୁ ଆଉ ୭ଟି ଚୋରା ବାଇକ ଜବତ କରିଛି। ପୋଲସ ପକ୍ଷରୁ ଧରପଗଡ ପରେ ଚୋରା ବାଇକ ବ୍ୟବହାର କରୁଥିବା ଅପରାଧୀମାନେ ବିଭିନ୍ନ ସ୍ଥାନରେ ଗାଡି ଛାଡି ପଳାଉଥିବା ଜଣାପଡିଛି। ରାଜନଗର ପୋଲିସ କଣ୍ଡିରା ବନ୍ଧ ନିକଟରୁ ଗୋଟିଏ ସ୍ପେଣ୍ଡର ପ୍ଲସ, ଗୋଟିଏ ହଙ୍କ, ଜରିମୂଳ ନିକଟରୁ ପଲସର, ୟୁନିକନ୍, ତ୍ରିନାଥବଜାର ନିକଟରୁ ପଲସର, ମେଡିକାଲ କ୍ୟାମ୍ପସରୁ ବକ୍ସର ଓ ରାଜନଗର ଥାନା କ୍ୟାମ୍ପସ ନିକଟରୁ ଗୋଟିଏ ପଲସର ଗାଡି ଉଦ୍ଧାର କରିଛି। ରାଜନଗର ମେଡିକାଲ ନିକଟରେ କେହି କର୍ଣ୍ଣାଟକ ନମ୍ବର ଥିବା ମୋଟର ସାଇକେଲ ୩ ଦିନ ତଳୁ ଥୋଇ ଦେଇ ଚାଲି ଯାଇଥିଲା। ଶନିବାର ପୋଲିସ ସେହି ଗାଡିକୁ ଜବତ କରିଛି। ଶୁକ୍ରବାର ରାଜନଗର ଥାନା କ୍ୟାମ୍ପସ ନିକଟରେ କେହି ଜଣେ ଗୋଟିଏ ପଲସର ଗାଡି ଥୋଇ ଦେଇ ଚାଲି ଯାଇଥିଲା। ଗୋଟିଏ ଦିନ ଯାଏଁ କେହି ଗାଡି ନ ନେବାରୁ ପୋଲିସ ଶନିବାର ସେହି ଗାଡିକୁ ଜବତ କରିଛି। ଜବତ ହୋଇଥିବା ୭ଟି ଗାଡି ମଧ୍ୟରୁ ୬ଟି ଗାଡିରେ ନମ୍ବର ନ ଥିବା ବେଳେ ଗୋଟିଏ ଗାଡିରେ କର୍ଣ୍ଣାଟକର ନମ୍ବର ପ୍ଲେଟ ଲାଗିଛି। ଗତମାସ ୨୧ ତାରିଖରେ ରାଜନଗର ବ୍ଲକ କଣ୍ଡିରା ଗ୍ରାମରେ ହୋଇଥିବା ଗୁଳିକାଣ୍ଡ ପରେ ରାଜନଗର ଅଞ୍ଚଳରେ ଅପରାଧୀମାନେ ସକ୍ରିୟ ରହିଛନ୍ତି। ଏହି ଗୁଳିକାଣ୍ଡ ଘଟଣାରେ ପୋଲିସ ରାଜକନିକା ଅଞ୍ଚଳର ସାପ ଗ୍ୟାଙ୍ଗର ଅନ୍ୟତମ ମୁଖ୍ୟ କୁହାଯାଉଥିବା ଜଣେ ଯୁବକଙ୍କୁ ଉଠାଇ ନେଇଥିଲା। ସମଗ୍ର ଜିଲାର ବିଭିନ୍ନ ସ୍ଥାନରୁ ୪୦ରୁ ଉର୍ଦ୍ଧ୍ୱ ବାଇକ ଚୋରି କରାଯାଇଥିବା ସେ ପୋଲିସ ନିକଟରେ ପ୍ରକାଶ କରିବା ପରେ ଧରପଗଡ ଜାରିରହିଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୧୦।୨।୨୦୧୯ (ରବିବାର)

- ସରସ୍ୱତୀ ପୂଜା। **ସ୍ଥାନ–** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶାନ୍ତସାହି, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୧୧ଟା।
- ମା' ଭଗବତୀ ପ୍ରବନ୍ଧ ପଦ୍ମାବଳୀ ଆଧାତ୍ମିକ ପୁସ୍ତକର ଉନ୍ମୋଚନ। **ସ୍ଥାନ–** ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ରାଜନଗର, **ସମୟ–** ଅପରାହ୍ନ ୩ଟା।
- ଶ୍ରୀ ବଳଦେବଜୀଉଙ୍କ କାଞ୍ଚିକାବେରୀ ବେଶ। **ସ୍ଥାନ–** ଇଚ୍ଛାପୁର, କେନ୍ଦ୍ରାପଡା, **ସମୟ–** ଅପରାହ୍ନ ୫ଟା।
- ଶ୍ରୀ ବଳଦେବଜୀଉଙ୍କ ରଥକାଠ ଅନୁକୂଳ। **ସ୍ଥାନ–** ଇଚ୍ଛାପୁର, କେନ୍ଦ୍ରାପଡା, **ସମୟ–** ସନ୍ଧ୍ୟା ୯ଟା।
- ଭାଜପାର ପଞ୍ଚାୟତସ୍ତରୀୟ ସାଂଗଠନିକ ବୈଠକ। **ସ୍ଥାନ–** ହାତିଆ ମଠ, ହିନ୍ଦୁଳିଆ, ମାର୍ଶାଘାଇ, **ସମୟ–** ଅପରାହ୍ନ ୫ଟା।
- ପୂର୍ବତନ ବିଧାୟକ ଇନ୍ଦ୍ରମଣୀ ରାଉତଙ୍କ ସ୍ମୃତି ସଭା। **ସ୍ଥାନ–** ଟାଉନହଲ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।
- ମା' ସାହାଡାସୁନ୍ଦରୀ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ । **ସ୍ଥାନ–** ସୁଜା ନଗର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା। **ସ୍ଥାନ–** ନରଣପୁର, ପଟ୍ଟାମୁଣ୍ଡାଇ, **ସମୟ–** ସନ୍ଧ୍ୟା ୬ଟା।
- ରିୟା ଆଣ୍ଡ ରିୟା ଡ୍ୟାନ୍ସ ଗ୍ରୁପର ନୃତ୍ୟ ପ୍ରତିଯୋଗିତା। **ସ୍ଥାନ–** ପଞ୍ଚମୁଖୀ ପୀଠ, ସଂସାରଫଳ, ପଟ୍ଟାମୁଣ୍ଡାଇ, **ସମୟ–** ସନ୍ଧ୍ୟା ୬ଟା

### ୧୧।୨।୨୦୧୯ (ସୋମବାର)

- ମିଳିତ ଜନଶୁଣାଣି ଶିବିର। **ସ୍ଥାନ–** ବ୍ଲକ କାର୍ଯ୍ୟାଳୟ, ରାଜନଗର, **ସମୟ–** ପୂର୍ବାହ୍ନ ୧୦ଟା୩୦ ମିନିଟ।
- ହୀରକ ଜୟନ୍ତୀ ଉତ୍ସବ। **ସ୍ଥାନ–** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ–** ପୂର୍ବାହ୍ନ ୯ଟା।
- ମା' ସାହାଡାସୁନ୍ଦରୀ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ । **ସ୍ଥାନ–**ସୁଜା ନଗର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା। **ସ୍ଥାନ–**ନରଣପୁର, ପଟ୍ଟାମୁଣ୍ଡାଇ, **ସମୟ–**ସନ୍ଧ୍ୟା ୬ଟା।
- ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ଗୀତା ମହାଯଜ୍ଞ। **ସ୍ଥାନ–**ଶ୍ରୀ ଗୋବିନ୍ଦଜୀଉ ମନ୍ଦିର,ଚାଟରାପାଟଣା, କେନ୍ଦ୍ରାପଡା,**ସମୟ–**ଅପରାହ୍ନ ୫ଟା
- ଶ୍ରୀଧର ରାଉତଙ୍କ ସ୍ମୃତିଚାରଣ ସଭା। **ସ୍ଥାନ–**ମାଧପୁର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।
- ରିୟା ଆଣ୍ଡ ରିୟା ଡ୍ୟାନ୍ସ ଗ୍ରୁପର ନୃତ୍ୟ ପ୍ରତିଯୋଗିତା। **ସ୍ଥାନ–**ପଞ୍ଚମୁଖୀ ପୀଠ, ସଂସାରଫଳ, ପଟ୍ଟାମୁଣ୍ଡାଇ, **ସମୟ–** ସନ୍ଧ୍ୟା ୬ଟା।

### ୧୨।୨।୨୦୧୯ (ମଙ୍ଗଳବାର)

- ହୀରକ ଜୟନ୍ତୀ ଉତ୍ସବ। **ସ୍ଥାନ–**କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ–**ପୂର୍ବାହ୍ନ ୯ଟା।
- ରାଜ୍ୟସ୍ତରୀୟ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା। **ସ୍ଥାନ–**ନରଣପୁର, ପଟ୍ଟାମୁଣ୍ଡାଇ, **ସମୟ–** ସନ୍ଧ୍ୟା ୬ଟା।
- ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ। **ସ୍ଥାନ–** ଶ୍ରୀଜଗନ୍ନାଥ ହାଇସ୍କୁଲ, କେରଡାଗଡ, ରାଜନଗର, **ସମୟ–** ପୂର୍ବାହ୍ନ ୧୦ଟା
- ପଞ୍ଚାୟତସ୍ତରୀୟ ଭାଜପାର ସାଂଗଠନିକ ବୈଠକ। **ସ୍ଥାନ–**ନରେନ୍ଦ୍ରପୁର ମଠ, କୁହୁଡି, ମାର୍ଶାଘାଇ, **ସମୟ–**ଅପରାହ୍ନ ୫ଟା।
- ଶ୍ରୀବତ୍ସ ଅଲୌକିକ ରଚନାବଳୀର ଲୋକାର୍ପଣ ଉତ୍ସବ। **ସ୍ଥାନ–**ଡେରାବିଶ ହାଇସ୍କୁଲ ପରିସର, ଡେରାବିଶ, **ସମୟ–**ଅପରାହ୍ନ ୩ଟା।
- ମା'ସାହାଡାସୁନ୍ଦରୀ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ । **ସ୍ଥାନ–**ସୁଜା ନଗର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।
- ବ୍ଲକ ଅଞ୍ଚଳ ଉନ୍ନୟନ ସମୀକ୍ଷା ବୈଠକ। **ସ୍ଥାନ–**ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୦ଟା।
- ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ଗୀତା ମହାଯଜ୍ଞ। **ସ୍ଥାନ–**ଶ୍ରୀ ଗୋବିନ୍ଦଜୀଉ ମନ୍ଦିର, ଚାଟରାପାଟଣା, କେନ୍ଦ୍ରାପଡା, **ସମୟ–**ଅପରାହ୍ନ ୫ଟା
- ରିୟା ଆଣ୍ଡ ରିୟା ଡ୍ୟାନ୍ସ ଗ୍ରୁପର ନୃତ୍ୟ ପ୍ରତିଯୋଗିତା। **ସ୍ଥାନ–**ପଞ୍ଚମୁଖୀ ପୀଠ, ସଂସାରଫଳ, ପଟ୍ଟାମୁଣ୍ଡାଇ, **ସମୟ–** ସନ୍ଧ୍ୟା ୬ଟା।

### ୧୩।୨।୨୦୧୯ (ବୁଧବାର)

- ହୀରକ ଜୟନ୍ତୀ ଉତ୍ସବ। **ସ୍ଥାନ–**କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ–**ପୂର୍ବାହ୍ନ ୯ଟା।
- ରାଜ୍ୟସ୍ତରୀୟ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା। **ସ୍ଥାନ–**ନରଣପୁର, ପଟ୍ଟାମୁଣ୍ଡାଇ, **ସମୟ–** ସନ୍ଧ୍ୟା ୬ଟା।
Sealed quotations / tenders are invited from interested registered Travel Agencies / Tour Operators for providing A/C Diesel driven vehicles of different categories, to be used by Officers of Water Resources Department engaged for Quality Monitoring / State Quality Monitors with different headquarters in Odisha on daily rent basis.

Details regarding the terms and condition and tender paper / quotation will be available with the Executive Engineer, Quality Control Division, Bhubaneswar on payment of Rs.100/- (Rupees one hundred) only in shape of Demand Draft drawn in favour of Executive Engineer, Quality Control Division, Bhubaneswar payable at Bhubaneswar from dt.15.02.2019 (11.00 AM) to dt. 26.02.2019 (3.00 PM).

The quotation completed in all respect should reach the undersigned on or before 26.02.2019 up to 3.00PM & will be opened on same day at 4.00 PM in presence of the quotationer or their authorized representatives. The undersigned reserves the right to reject or cancel any or all the tender without assigning any reason thereof.

*Sd./- Executive Engineer,*
*Quality Control Division, Bhubaneswar*
32219/11/0011/1819



“ଅଷ୍ଟ୍ରେଲିଆନ ଓପନରେ ପରାଜୟ ଦ୍ୱାରା ମୋ ମନୋବଳ ଭାଙ୍ଗିଯାଇନାହିଁ, ମୁଁ ୯ମ ଥର ପାଇଁ ୱିମ୍ବେଲଡନ ଜିତିବା ଲକ୍ଷ୍ୟ ରଖିଛି ।

–ରୋଜର ଫେଡରର, ସୁଇଜରଲାଣ୍ଡ ଟେନିସ ଖେଳାଳି



“ଷ୍ଟେଫି ଗ୍ରାଫ୍ ଗୋଟିଏ ସନ୍ତାନର ଜନନୀ ହେବା ପରେ ମଧ୍ୟ ଟେନିସ୍‌କୁ ସଫଳ ପ୍ରତ୍ୟାବର୍ତ୍ତନ କରିପାରିଥିଲେ, ତେଣୁ ମୁଁ କାହିଁକି ନ ପାରିବି ।

–ସାନିଆ ମିର୍ଜା, ଭାରତୀୟ ଟେନିସ ଖେଳାଳି

# ବିଜୟ ସହ ଭାରତର ଅଭିଯାନ

ଭୁବନେଶ୍ୱର, ୯।୨(କ୍ରୀଡ଼ା ପ୍ରତିନିଧି)



ଗୋଲ୍‌ସ୍କୋର ପରେ ଭାରତୀୟ ଖେଳାଳି ଖୁସି ମନାଉଛନ୍ତି ।

ମହିଳା ଫୁଟବଲ ଇତିହାସରେ ସୃଷ୍ଟି ହୋଇଛି ନୂଆ ଅଧ୍ୟାୟ। କେବଳ ଓଡ଼ିଶାରେ ନୁହେଁ, ଭାରତରେ ପ୍ରଥମଥର ପାଇଁ ଆରମ୍ଭ ହୋଇଛି ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟ। ଏଥିସହ କଳିଙ୍ଗ ଷ୍ଟାଡିୟମ ଇତିହାସରେ ମଧ୍ୟ ସଂଯୋଗ ହୋଇଛି ନୂଆ ଅଧ୍ୟାୟ। ପୂର୍ବରୁ ଅନ୍ତର୍ଜାତୀୟ ସ୍ତରର ହକି, ଆଥଲେଟିକ୍ସ, ଟେନିସ, ରଗ୍‌ବୀ ଆଦି ଏଠାରେ ଅନୁଷ୍ଠିତ ହୋଇଥିବାବେଳେ ଏବେ ଏଥିରେ ଯୋଡ଼ି ହୋଇଛି ମହିଳା ଫୁଟବଲ। ହିରୋ ଗୋଲ୍ଡ କପ୍ ନାମରେ ନାମିତ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲର ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମ୍ୟାନ୍‌ମାର ୩–୦ ଗୋଲରେ ନେପାଳକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଅନୁଜ ତମାଙ୍ଗଙ୍କ ଗୋଲ ବଳରେ ଭାରତ ୧–୦ ଗୋଲରେ ଇରାନକୁ ପରାସ୍ତ କରିଛି। ଭାରତୀୟ ମହିଳା ଫୁଟବଲ ଦଳର ଦୁଇ ପୂର୍ବତନ ଓଡ଼ିଆ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବଂ ସସ୍ମିତା ମଲ୍ଲିକ ଖେଳାଳିଙ୍କ ସହ ପରିଚିତ ହୋଇ ଦ୍ୱିତୀୟ ମ୍ୟାଚର ଶୁଭାରମ୍ଭ କରିଥିଲେ।

ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତ ୬୨ ଓ ଇରାନ ୬୦ତମ ସ୍ଥାନରେ ଥିବାରୁ ଦୁଇ ସମକକ୍ଷ ଦଳ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବାବେଳେ ଇରାନ ରକ୍ଷଣାତ୍ମକ ନୀତି ଆପଣେଇଥିଲା। ଫଳରେ ଭାରତ ପକ୍ଷରୁ ଏକାଧିକ ଉଦ୍ୟମ ହୋଇଥିଲେ ହେଁ ଇରାନ ରକ୍ଷଣଭାଗ ପ୍ରାଚୀରଭଳି ଛିଡ଼ା ହୋଇଥିଲା। ୧୭ତମ ମିନିଟରେ ଭାରତର ଏନ.ରତ୍ନବାଳା ଦେବୀ ଏକ ଡାଇରେକ୍ଟ ଶଟ୍ ମାରି ଭାରତ ପାଇଁ ଗୋଲ ସୁଯୋଗ ସୃଷ୍ଟି କରିଥିଲେ ହେଁ ଇରାନ ଗୋଲକିପର ଜାହରା ଖାଜାଭି ଏହାକୁ ଚମତ୍କାରଭାବେ ସେଭ୍ କରି ଦେଇଥିଲେ। ମ୍ୟାଚ ଆଗକୁ ବଢ଼ିବା ସହ ଖେଳାଳିଙ୍କ ମଧ୍ୟରେ ଉତ୍ତେଜନା ମଧ୍ୟ ବଢ଼ିଥିଲା। ଫାଉଲ୍ ପାଇଁ ଭାରତର ୨ ଜଣ ଖେଳାଳି ହଳଦିଆ କାର୍ଡ ପାଇଥିଲେ। ଇରାନ ସ୍ଲିଡ୍ ଗେମ୍ ଖେଳିଥିଲେ ହେଁ ଭାରତ ସମକକ୍ଷ ପ୍ରଦର୍ଶନ କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ଗୋଲଶୂନ୍ୟ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅଗ୍ରଣୀ ପାଇଁ ଉଭୟ ଦଳ ଉଦ୍ୟମରେ ଥିବାବେଳେ ୪୮ତମ ମିନିଟରେ ଗୋଲ ସ୍କୋର କରି ଭାରତ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇଥିଲା। ମିଡ୍‌ଫିଲ୍ଡର ସଞ୍ଜୁଙ୍କଠାରୁ ପାଇଥିବା ପାସ୍‌କୁ ଫରୱାର୍ଡ ଅଞ୍ଜୁ ତମାଙ୍ଗ ଗୋଲରେ ପରିଣତ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ରଣନୀତିରେ ପରିବର୍ତ୍ତନ କରି ଗୋଲ ପରିଶୋଧ ପାଇଁ ଇରାନ ଆକ୍ରମଣକୁ ଜୋରଦାର କରିଥିଲା। ଦଳ ଗୋଲ ଦେବାର କେତୋଟି ସୁଯୋଗ ମଧ୍ୟ ସୃଷ୍ଟି କରିଥିଲା। ମାତ୍ର ଭାରତୀୟ ଡିଫେଣ୍ଡରମାନେ ଏହାର ଉଚିତ ଜବାବ ଦେଇଥିଲେ। ଗୋଲକିପର ତଥା ଅଧିନାୟିକା ଆଦିତି ଚୌହାନ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ଭାରତ ଗୋଲ ବ୍ୟବଧାନକୁ ବଢ଼ାଇବା ପାଇଁ ଉଦ୍ୟମ କରିଥିଲେ ହେଁ ସମ୍ଭବ ହୋଇ ନ ଥିଲା। ଇରାନ ଦଳର ଅଧିକାଂଶ ଖେଳାଳି ସାମୟିକ ଆହତ ସମସ୍ୟାକୁ ଆସିବାରୁ ମ୍ୟାଚ ମଝିରେ ମଝିରେ ବାଧାପ୍ରାପ୍ତ ହୋଇଥିଲା। ତେବେ କୌଣସି ଖେଳାଳି ଗୁରୁତର ଆହତ ସମସ୍ୟାକୁ ଆସି ନ ଥିଲେ।

## କଳିଙ୍ଗ କର୍ନର

### ଷ୍ଟାର୍ଟିଂ ଇଲେଭେନରେ ଯବାମଣି

କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ଓଡ଼ିଶାର ଯବାମଣି ଟୁଡୁଙ୍କ ପାଇଁ ସ୍ମରଣୀୟ ହୋଇଛି। କାରଣ ଭାରତରେ ପ୍ରଥମଥରପାଇଁ ଅନୁଷ୍ଠିତ ଏପରି ଏକ ସିନିୟର ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇଥିଲେ ଓଡ଼ିଶାର ଏକମାତ୍ର ଖେଳାଳି ଯବାମଣି ଟୁଡୁ। ୩ ନମ୍ବର ଜର୍ସିରେ ଖେଳୁଥିବା ଯବାମଣି ଷ୍ଟାଡିୟମରେ ଉପସ୍ଥିତ ଥିବା ହଷ୍ଟେଲ ଅନ୍ତେବାସୀ ଏବଂ ସେ ଦର୍ଶକଙ୍କ ସମର୍ଥନ ଲାଭ କରିଥିଲେ। ଭାରତୀୟ ଦଳକୁ ମଧ୍ୟ ସ୍ୱତଃ ଭରପୂର ସମର୍ଥନ ମିଳିଥିଲା।

### ଗ୍ୟାଲେରି ଫାଙ୍କା

ଓଡ଼ିଶାରେ ପ୍ରଥମଥରପାଇଁ ଏପରି ଏକ ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ହେଉଥିଲେ ହେଁ ଷ୍ଟାଡିୟମ ଗ୍ୟାଲେରି ଫାଙ୍କା ରହିଥିଲା। ପ୍ରଥମ ମ୍ୟାଚରେ କାଁ ଭାଁ କେଉଁଠି ଦର୍ଶକ ଦେଖାଯାଉଥିବାବେଳେ ଭାରତ ମ୍ୟାଚ ବେଳକୁ ଅଳ୍ପକିଛି ବଢ଼ିଥିଲା। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ଭଳି ଥିଲା।

# ପ୍ରଥମ ମ୍ୟାଚରେ ମ୍ୟାନ୍‌ମାର ବିଜୟୀ

ଗୋଲ୍ଡ କପ୍ ମହିଳା ଫୁଟବଲ

**ଭୁବନେଶ୍ୱର, ୯।୨(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ। ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ମ୍ୟାନ୍‌ମାର ୩–୦ ଗୋଲରେ ନେପାଳକୁ ହରାଇ ଅଭିଯାନ ଆରମ୍ଭ କରିଛି। ୧୧ ନମ୍ବର ଜର୍ସି ପରିହିତ ଖ୍ୱିନ୍ ମୋଇ ୱାଇ ୨ଟି ଏବଂ ୭ ନମ୍ବର ଖେଳାଳି ୱିନ୍ ଥେଇଙ୍ଗି ତୁନ୍ ଗୋଟିଏ ଗୋଲ ସ୍କୋର କରିଥିଲେ। କ୍ରୀଡ଼ା ସଚିବ ବିଶାଲ ଦେବ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହେବା ସହ ମ୍ୟାଚର ଶୁଭାରମ୍ଭ କରିଥିଲେ। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଟେକ୍ନିକାଲ ଡାଇରେକ୍ଟର ଅଭିଷେକ ଯାଦବ ଉପସ୍ଥିତ ଥିଲେ। ପୂର୍ବାନୁମାନ ଚ୍ୟାଲେଞ୍ଜ ଦେଇଥିଲେ। ତେବେ ମ୍ୟାଚ ଆଗେଇବା ସହ ନେପାଳ ଉପରେ ମ୍ୟାନ୍‌ମାର କ୍ରମେ ପ୍ରଭାବ ବିସ୍ତାର କରି ଖେଳିଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟଭାବେ ଶେଷ ହେବାକୁ ଯାଉଥିବାବେଳେ ୪୪ତମ ମିନିଟରେ ଖ୍ୱିନ୍ ମୋଇ ପ୍ରଥମ ଗୋଲଟି ସ୍କୋର କରି ମ୍ୟାଚରେ ଉଷ୍ମତା ଭରିଥିଲେ। ଏଥିସହ ମ୍ୟାନ୍‌ମାର ୧–୦ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ଖେଳ ଦେଖିବାକୁ ମିଳିଥିଲା। ନେପାଳ ଗୋଲଟି ପରିଶୋଧ କରିବା ଉଦ୍ୟମରେ ଥିବାବେଳେ ୫୪ତମ ମିନିଟରେ ୱିନ୍ ଥେଇଙ୍ଗି ତୁନ୍ ଆଉ ଏକ ଗୋଲ ଦେଇ ମ୍ୟାନ୍‌ମାର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲେ। ନେପାଳ ଚାପକୁ ଆସି ଯାଇଥିବାବେଳେ ଏହାର ଭରପୂର ଫାଇଦା ଉଠାଇଥିଲା ମ୍ୟାନ୍‌ମାର।



ମ୍ୟାନ୍‌ମାର ଓ ନେପାଳ ଖେଳାଳିଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

ଅନୁସାରେ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ମ୍ୟାନ୍‌ମାର ପ୍ରଭାବୀ ପ୍ରଦର୍ଶନ କରିଥିଲା। ନେପାଳ ଖେଳାଳିମାନେ ପ୍ରଥମାର୍ଦ୍ଧରେ ଭଲ ପ୍ରଦର୍ଶନ କରି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବ ପରିଲକ୍ଷିତ ହୋଇଥିଲା। ମ୍ୟାନମାର ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ନେପାଳ ଖେଳାଳିମାନେ ମିଡ୍‌ଫିଲ୍ଡରେ ଚମତ୍କାର ପାସ୍‌ମାନ ଦେଇ ମ୍ୟାନ୍‌ମାରକୁ ୭୭ତମ ମିନିଟରେ ଖ୍ୱିନ୍ ମୋଇ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ମ୍ୟାଚକୁ ଏକତରଫା କରି ଦେଇଥିଲେ। ଶେଷ ଭାଗରେ ନେପାଳ ଖେଳାଳି କେତୋଟି ଭଲ ମୁଭ୍ ନେଇଥିଲେ ହେଁ ମ୍ୟାନ୍‌ମାର ଗୋଲକିପର ଜାର୍ ଜାର୍ ମିଣ୍ଟଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଗୋଲରେ ପରିଣତ କରିପାରି ନ ଥିଲେ। ବିଜୟ ସହ ମ୍ୟାନମାର ମ୍ୟାଚରୁ ପୂରା ପଏଣ୍ଟ ହାସଲ କରିଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୦/୨୦୧୯ Bhubaneswar, Sunday, February 10/ 2019

## ଯାଜପୁର ଜିଲ୍ଲା ବିଧାନସଭା ନିର୍ବାଚନ

# ମହିଳାଙ୍କୁ ମିଳୁନି ଅଗ୍ରାଧିକାର

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୯।୨

ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରିବାକୁ କେନ୍ଦ୍ର ତଥା ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି। କିନ୍ତୁ ରାଜନୈତିକ କ୍ଷେତ୍ରରେ ଏହାର ଓଲଟା ହୋଇଛି। ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହୁଥିବାବେଳେ ବିଧାନସଭା କିମ୍ବା ଲୋକ ସଭା ନିର୍ବାଚନ ପାଇଁ ମହିଳାଙ୍କୁ ଅଗ୍ରାଧିକାର ମିଳୁ ନାହିଁ। ଫଳରେ ଗତ ୧୫ଟି ବିଧାନସଭା ନିର୍ବାଚନରେ ଏଯାଏ ଯାଜପୁର ଜିଲାର ମାତ୍ର ୩ଜଣ ମହିଳା ବିଧାୟିକା ହେବାର ଗୌରବ ଅର୍ଜନ କରିଛନ୍ତି।

ଯାଜପୁର ଜିଲାର ପ୍ରଥମ ମହିଳା ବିଧାୟିକା ହେବାର ଶ୍ରେୟ ସୁକିନ୍ଦା ରାଣୀ ଆନନ୍ଦମଞ୍ଜରୀ ଦେବୀଙ୍କୁ ଯାଇଛି। ୧୯୬୭ ସାଧାରଣ ନିର୍ବାଚନରେ ଆନନ୍ଦମଞ୍ଜରୀ ଦେବୀ ଓଡିଶା ଜନକଂଗ୍ରେସରୁ ସୁକିନ୍ଦା ନିର୍ବାଚନ ମଣ୍ଡଳିରୁ ବିଧାନସଭାକୁ ପ୍ରଥମଥର ପାଇଁ ନିର୍ବାଚିତ ହୋଇଥିଲେ।ଏଥିରେ ସେ ୧୩,୦୦୫ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଏନ.ସି. ପତି ୪,୨୭୫ ଭୋଟ ପାଇଥିଲେ। ପରେ ସେ ଜନକଂଗ୍ରେସରୁ ୧୯୭୧ନିର୍ବାଚନରେ ପ୍ରାର୍ଥୀ ହୋଇ ଉତ୍କଳ କଂଗ୍ରେସର ସନାତନ ଦେଓଙ୍କ ଠାରୁ ହାରି ଯାଇଥିଲେ। ଏଥିରେ ସନାତନ ୧୦,୩୭୦ ଭୋଟ ପାଇଥିବାବେଳେ ମଞ୍ଜରୀ ଦେବୀ ୭,୫୬୫ ଭୋଟ ପାଇ ଦ୍ୱିତୀୟରେ ରହିଥିଲେ। ୧୯୭୪ରେ ସେ ସ୍ୱାଧୀନ ଭାବେ ଲଢେଇ କରି କଂଗ୍ରେସ ଦଳର ପ୍ରାର୍ଥୀ ସନାତନ ଦେଓଙ୍କ ଠାରୁ ପରାଜୟ ବରଣ କରିଥିଲେ। ଏହି ନିର୍ବାଚନରେ ସେ ୮,୧୩୭ ଭୋଟ ପାଇଥିବାବେଳେ ସନାତନ ୧୪,୬୪୭ ଭୋଟ ପାଇଥିଲେ। ପୁଣି ୧୯୭୭ ସାଧାରଣ ନିର୍ବାଚନରେ ସେ ଜନତା ପାର୍ଟି ଦଳରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇ ଦ୍ୱିତୀୟ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ନିର୍ବାଚନରେ ୭୯,୮୮୧ ଭୋଟରଙ୍କ ମଧ୍ୟରୁ ୩୨,୮୪୩ ଜଣ ମତଦାନ କରିଥିବାବେଳେ ରାଣୀ ଆନନ୍ଦମଞ୍ଜରୀ ଦେବୀ ୧୨,୮୫୩ ଭୋଟ ପାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏସୟୁସି(ସୋସିଆଲ ୟୁନିଟ ସେଣ୍ଟର ଅଫ ଇଣ୍ଡିଆ) ଦଳରୁ ମାୟାଧର ନାଏକ ୯୦୩୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହାପରେ ଦୀର୍ଘ ୪୨ବର୍ଷ ହେଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ମହିଳାଙ୍କୁ ସ୍ଥାନ ମିଳିନାହିଁ। ଜିଲାର ଦ୍ୱିତୀୟ


ଆନନ୍ଦମଞ୍ଜରୀ ଦେବୀ


ପ୍ରମିଳା ମଲ୍ଲିକ


ସଞ୍ଚିତା ମହାନ୍ତି

**■ ଏଯାଏ ୩ ମହିଳା ବିଧାୟିକା ନିର୍ବାଚିତ**

**■ ଆନନ୍ଦମଞ୍ଜରୀ ଦେବୀ ପ୍ରଥମ ମହିଳା ବିଧାୟିକା**

ମହିଳା ବିଧାୟିକା ଭାବରେ ୧୯୯୦ ସାଧାରଣ ନିର୍ବାଚନରେ ଜନତା ଦଳର ପ୍ରମିଳା ମଲ୍ଲିକ ବିଞ୍ଝାରପୁର(ଏସ୍‌ସି) ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ।ଏହିନିର୍ବାଚନରେ ପ୍ରମିଳା ୨୯,୮୮୬ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ନିରଞ୍ଜନ ଜେନା ୨୫,୬୧୬ ଭୋଟ ପାଇଥିଲେ। ୧୯୯୫ ନିର୍ବାଚନରେ ପ୍ରମିଳା ଜନତା ଦଳରୁ ପ୍ରାର୍ଥୀ ହୋଇ କଂଗ୍ରେସର ଅର୍ଜୁନ ଦାସଙ୍କଠାରୁ ପରାଜିତ ହୋଇଥିଲେ। ଏଥିରେ କଂଗ୍ରେସରୁ ଅର୍ଜୁନ ୪୧,୮୪୩ ଭୋଟ ପାଇଥିବାବେଳେ ପ୍ରମିଳା ୩୫,୭୯୦ ଭୋଟ ପାଇଥିଲେ। ଏହାପରେ ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରମିଳା ବିଜେଡି ଦଳରୁ ଅପ୍ରତିଦ୍ୱନ୍ଦ୍ୱୀ ମହିଳା ବିଧାୟିକା ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ୨୦୦୪ ନିର୍ବାଚନରେ ତୃତୀୟ ମହିଳା ବିଧାୟିକାର ସୌଭାଗ୍ୟ ଲାଭ କରିଥିଲେ ଭାଜପାରୁ ସଞ୍ଚିତା ମହାନ୍ତି। ସେ କୋରେଇ ନିର୍ବାଚନ ମଣ୍ଡଳିରୁ ଭାଜପାର ପ୍ରାର୍ଥୀ ହୋଇ ୬୭,୮୮୮ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଜନତା ଦଳ(ଏସ)ରୁ ଅଶୋକ ଦାସ ୪୮,୭୦୯ ଭୋଟ ପାଇଥିଲେ। ଏହାପରେ ଏହି ନିର୍ବାଚନ ମଣ୍ଡଳିରୁ ମହିଳାଙ୍କୁ ଅଗ୍ରାଧିକାରର ପୂର୍ଣ୍ଣଚ୍ଛେଦ ପଡିଛି। ୨୦୧୪ ଲୋକସଭା ନିର୍ବାଚନରେ ରୀତା ତରାଇ ପ୍ରଥମ ମହିଳା ଏମ୍‌ପି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ୫,୪୧,୩୪୯ ଭୋଟ ପାଇଥିଲାବେଳେ କଂଗ୍ରେସର ଅଶୋକ ଦାସ ୨,୨୧,୦୭୮ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହାପରେ ଜିଲାର ବିଭିନ୍ନ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମହିଳା ପ୍ରାର୍ଥୀମାନେ ବିଜୟୀ ହୋଇପାରି ନାହାନ୍ତି। କୋରେଇ ଆସନରେ ୨୦୦୯ରେ ଭାଜପାରୁ ସଞ୍ଚିତା ମହାନ୍ତି, କଂଗ୍ରେସରୁ ହେମଲତା ଖୁଣ୍ଟିଆ, ୨୦୦୯ରେ କଂଗ୍ରେସରୁ ବବିତା ମଲ୍ଲିକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଜିଲାର ସୁକିନ୍ଦା, କୋରେଇ ଓ ବିଞ୍ଝାରପୁର ଆସନକୁ ବାଦ ଦେଲେ ଅନ୍ୟ ୪ ନିର୍ବାଚନ ମଣ୍ଡଳିରେ ମହିଳାଙ୍କୁ କେବେ ସୁଯୋଗ ମିଳିନାହିଁ। ଜିଲାର ବିଭିନ୍ନ ଦଳରୁ ଅନେକ ମହିଳା ରାଜନେତା ସଂଗଠନ କରି ନିଜର ପରାକାଷ୍ଠା ଦେଖା ସାରିଛନ୍ତି। କିନ୍ତୁ ଦଳ ପକ୍ଷରୁ ପୁରୁଷ ପ୍ରାର୍ଥୀଙ୍କୁ ସବୁବେଳେ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଶାସକ ବିଜେଡି ଦଳ ବିଞ୍ଝାରପୁର ଆସନକୁ ବାଦ ଦେଲେ ଅନ୍ୟ କୌଣସି ଆସନରେ ମହିଳାଙ୍କୁ ଟିକେଟ ଦେଇନାହିଁ। ସେହିପରି କଂଗ୍ରେସ ଦଳ ମଧ୍ୟ ଜିଲାର କୌଣସି ଆସନରେ ମହିଳାଙ୍କୁ ଅଗ୍ରାଧିକାର ଦେଉନାହିଁ। ଭାଜପା ପକ୍ଷରୁ ୨ଜଣ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଇଥିଲେ ସୁଦ୍ଧା ସେମାନେ ସେତେଟା ସଫଳ ହୋଇ ପାରି ନାହାନ୍ତି। ଏଭଳି ସ୍ଥିତିରେ ଆସନ୍ତା ନିର୍ବାଚନରେ ଶାସକ ବିଜେଡି ସମେତ ଭାଜପା ଓ କଂଗ୍ରେସ ମହିଳାଙ୍କୁ ଟିକେଟ ପ୍ରଦାନରେ ନିଶ୍ଚିତ ଭାବେ ଗୁରୁତ୍ୱ ଦେବେ ବୋଲି ମହିଳା ନେତ୍ରୀମାନେ ଆଶା ପ୍ରକାଶ କରିଛନ୍ତି।

# ଆକ୍ରମଣକାରୀ ଯୁବକ ଗିରଫ

ଧର୍ମଶାଳା,୯।୨(ଡି.ଏନ୍.ଏ.)

ଧର୍ମଶାଳା ଥାନା ଚହଟା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଭୁଜାଲିରେ ଆକ୍ରମଣ କରିଥିବା ଯୁବକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଚହଟା ଗ୍ରାମର ସୁରେନ୍ଦ୍ର ସାମଲ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ପୁରସ୍ତମ ମହାନ୍ତି ଓ ୨ମହିଳାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ସେମାନେ ଗରୁତର ଆହତ ହୋଇ ଧର୍ମଶାଳା ଡାକ୍ତଖାନାରେ ଚିକିତ୍ସିତ ହେବାସହ ଧର୍ମଶାଳା ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଶୁକ୍ରବାର ରାତିରେ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲା।




## କ୍ରିକେଟ୍ ଖେଳରେ ପୋଲିସ ବ୍ୟସ୍ତ

# ବସ୍ ଭିତରୁ ଝାମ୍ପିନେଲେ ୬ ଲକ୍ଷ

ଭୁବନେଶ୍ୱର,୯।୨ (ବ୍ୟୁରୋ)

କମିଶନରେଟ୍ ପୋଲିସ ଶନିବାର କେତେଜଣ ଖବରଦାତାଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମରେ କ୍ରିକେଟ ଖେଳି ମଉଜ କରୁଥିବାବେଳେ ଏହାର ସୁଯୋଗର ହାତଛଡ଼ା କରିନାହାନ୍ତି ଅପରାଧୀ। ସେମାନେ ରାଜଧାନୀରେ ସିରିଜ ଲୁଟ୍ କରିଛନ୍ତି। ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କ ଠାରୁ ୬ଲକ୍ଷ ଟଙ୍କା ଲୁଟ୍ ହୋଇଥିବାବେଳେ ଅନ୍ୟ ତିନୋଟି ଲୁଟ୍ ଲିଙ୍ଗରାଜ ଥାନା ରବି ଟକିଜ୍ ଛକ, ଖାରବେଳନଗର ଓ ନୟାପଲୀ ଅଞ୍ଚଳରେ ହୋଇଛି। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବେଗୁନିଆ ଅଞ୍ଚଳର ବ୍ୟବସାୟୀ କୃଷ୍ଣଚନ୍ଦ୍ର ସାହୁ ଶନିବାର ଅପରାହ୍ନରେ ବେଗୁନିଆରୁ ବସ୍ ଯୋଗେ ଆସି ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରୁ ଅନ୍ୟ ଏକ ବସ୍‌ରେ କଟକ ଯାଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ମୁହଁରେ ରୁମାଲ ବାନ୍ଧି ଏକ ବାଇକ୍‌ରେ ଆସି କୃଷ୍ଣଚନ୍ଦ୍ର ତାଙ୍କ କୋଳରେ ରଖିଥିବା ଟଙ୍କା ବ୍ୟାଗକୁ ଝରକା ବାଟେ ଝାମ୍ପି ନେଇ ଚମ୍ପଟ ମାରିଥିଲେ। କୃଷ୍ଣଚନ୍ଦ୍ର ଚିତ୍କାର କରିଥିଲେ ମଧ୍ୟ ଲୁଟେରାମାନେ ଚାଲିଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର୍ ପାଇ ନ ଥିଲା। ସେହିପରି ଲିଙ୍ଗରାଜ ଥାନା ରବିଟକିଜ୍ ଛକରେ ବିଜୟ କୁମାର ବେହେରାଙ୍କ ଥିବା ମାଗାଜିନ ଦୋକାନରୁ ଶୁକ୍ରବାର ରାତିରେ ଲୁଟେରାମାନେ ତାଲା ଭାଙ୍ଗି ନଗଦ ୧୫ ହଜାର ଟଙ୍କା ଓ ଅନ୍ୟ ସାମଗ୍ରୀ ନେଇ ଚମ୍ପଟ ମାରିଛନ୍ତି।

ଖାରବେଳନଗର ଥାନା ମାଳିସାହି ନିକଟରେ ଶନିବାର ସକାଳ ପ୍ରାୟ ୧୧ଟା ସମୟରେ ରବୀନ୍ଦ୍ର ନାମକ ଜଣେ ପିଲା ଛିଡା ହୋଇଥିବାବେଳେ ଦୁଇ ଲୁଟେରା ଏକ ବାଇକ୍‌ରେ ଆସି ତାଙ୍କୁ ଛୁରି ଦେଖାଇ ୭ ହଜାର ଟଙ୍କା ଓ ମୋବାଇଲ୍ ଲୁଟି ନେଇଛନ୍ତି।




## ■ ଯୁବକଙ୍କ ମୃତଦେହ ଉଦ୍ଧାର

# ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସର ତଦନ୍ତ ଆରମ୍ଭ

ଚଣ୍ଡିଖୋଲ,୯।୨(ଡି.ଏନ.ଏ.)

ବଡ଼ଚଣା ଥାନା ଅନ୍ତର୍ଗତ ହାଇଲେଭଲ କେନାଲ ଖଏରା-ଧାନମଣ୍ଡଳ ମଧ୍ୟସ୍ଥଳରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବଡ଼ଚଣା ଥାନାଧିକାରୀ ଶରତଚନ୍ଦ୍ର ପାତ୍ର, ଏସ୍‌ଆଇ ସଏଦ ଖାଁ ଓ ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଅଜୟ କୁମାର ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ସାଇଣ୍ଟିଫିକି ଟିମ୍ ସହାୟତାରେ ତଦନ୍ତ ଚଳାଇଛନ୍ତି।

ପ୍ରକାଶ ଯେ, ଗତ ୩ ଦିନ ତଳେ ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ହାଡିବନ୍ଧୁ ନାୟକଙ୍କ ପୁଅ ସନ୍ତୋଷ (୩୯) ଭୋଜି ଖାଇବାକୁ କହି ଘରୁ ରାଗି ପଳାଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପାଇ ନ ଥିଲେ।ଏ ନେଇ ସନ୍ତୋଷଙ୍କ ଭାଇ ପ୍ରକାଶ ନାୟକ ଧାନମଣ୍ଡଳ ଫାଣ୍ଡିରେ ଏକ ନିଖୋଜ ଅଭିଯୋଗ କରିଥିଲେ। ଶନିବାର ଭୋର ସମୟରେ ସ୍ଥାନୀୟ ଲୋକେ ହାଇଲେଭଲ କେନାଲକୁ ଶୌଚ ହେବା ପାଇଁ ଯାଇଥିଲା ବେଳେ ଯୁବକଙ୍କ ମୃତଦେହ ଭାସୁଥିବାର ଦେଖି ପୋଲିସକୁ ଜଣାଇଥିଲେ। ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଏକ ମୋଟର ସାଇକେଲ (ଓଡି-୦୪ଏ-୭୭୯୮) ଜବତ କରିଛି। ଏଥିସହ ପ୍ରକାଶଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (୨୩/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ପାତ୍ର ସୂଚନା ଦେଇଛନ୍ତି।

# ଗାଡ଼ି ଧକ୍କାରେ ୨ ଯୁବକ ମୃତ

**ଚଣ୍ଡିଖୋଲ,୯।୨(ଡି.ଏନ୍.ଏ.):** ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥର କଣ୍ଟିଗଡ଼ିଆ ଛକ ନିକଟରେ ଶନିବାର ରାତିରେ ଏକ ଟ୍ରକ୍ ଧକ୍କାରେ ୨ ଯୁବକଙ୍କର ମୃତ୍ୟୁ ହୋଇଛି। ସେମାନେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ସୌମେନ୍ଦ୍ର ରାମ୍ (୨୪) ଓ ଉକ୍ତ ଗ୍ରାମର ସମ୍ବିତ୍ ମହାନ୍ତି (୨୫)। ପ୍ରକାଶ ଯେ, ସୌମେନ୍ଦ୍ର ଓ ସମ୍ବିତ୍ ବାଇକ୍ ଯୋଗେ ବାଲିଚନ୍ଦ୍ରପୁରରୁ ଚଣ୍ଡିଖୋଲ ଆଡ଼କୁ ଯାଉଥିଲେ। କଣ୍ଟିଗଡ଼ିଆ ଛକ ନିକଟରେ ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଖବରପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି। ଏହି ଘଟଣାରେ ଉତ୍ତେଜିତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ

**କୋରେଇ/ରଗଡ଼ି,୯।୨(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଫାୟାର ଷ୍ଟେଶନ ଗୋଲେଇ ଛକ ନିକଟରେ ଶନିବାର ରାତି ୯ଟାରେ ଏକ ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଖାଲପାଳ ଗ୍ରାମର ପ୍ରମୋଦ କୁମାର ଜେନା (୩୪)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରମୋଦ ସ୍କୁଟି ଯୋଗେ କେନ୍ଦୁଝରରୁ ଯାଜପୁରରୋଡ ଆସୁଥିଲେ। ଗୋଲେଇ ଛକ ନିକଟରେ ଏକ ହାଇୱା ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ।

# ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ଜେଲ୍ ଦଣ୍ଡ

**ବିରଜାକ୍ଷେତ୍ର,୯।୨(ଡି.ଏନ୍.ଏ.):** ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଯାଜପୁର ଏସ୍‌ଡିଜେଏମ୍ ସତରୂପା ଶତପଥୀ ଗୁରୁବାର ଅଭିଯୁକ୍ତଙ୍କୁ ୬ ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟଙ୍କା ଦେଇ ନ ପାରିଲେ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ରସୁଲପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ପ୍ରଦୀପ କୁମାର ସାହୁ। ପ୍ରକାଶ ଯେ, ପ୍ରଦୀପ ମୁଗୁପାଳ ଗ୍ରାମର ଶତ୍ରୁଘ୍ନ ନାୟକଙ୍କୁ ଜମି ବିକ୍ରି କରିବା ପାଇଁ ତାଙ୍କଠାରୁ ଅଗ୍ରୀମ ୭ ଲକ୍ଷ ୨୦ ହଜାର ଟଙ୍କା ସାକ୍ଷୀମାନଙ୍କ ସହାୟତାରେ ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ପ୍ରଦୀପ ଜମି ରେଜେଷ୍ଟ୍ରି ନ କରି ବାରମ୍ବାର ଠକି ଚାଲିଥିଲେ। ଜାନୁଆରୀ ୧୫, ୨୦୧୮ରେ ପ୍ରଦୀପ ବ୍ୟାଙ୍କ ଅଫ ବରୋଦାର ୭ ଲକ୍ଷ ୨୦ ହଜାର ଟଙ୍କାର ଏକ ଚେକ୍ ଶତ୍ରୁଘ୍ନଙ୍କୁ ପ୍ରଦାନ କରିଥିଲେ। ଶତ୍ରୁଘ୍ନ ବ୍ୟାଙ୍କରେ ଚେକ୍ ଲଗାଇବା ପରେ ବାରମ୍ବାର ବାଉନ୍ସ ହୋଇଥିଲା। ଏ ନେଇ ଶତ୍ରୁଘ୍ନ ଯାଜପୁର ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା (୯୧/୧୮) ଦାଏର କରିଥିଲେ। ଶତ୍ରୁଘ୍ନଙ୍କ ତରଫରୁ ଆଇନଜୀବୀ ମିହିର କୁମାର ମହାପାତ୍ର କେଶ୍ ପରିଚାଳନା କରିଥିଲେ।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ

### ଋଣ ପ୍ରଦାନକୁ ନେଇ ଗଣ୍ଡଗୋଳ, ଜଣେ ଗିରଫ

କଳିଙ୍ଗନଗର,୯।୨(ଡି.ଏନ.ଏ)- ଋଣ ଆଦାନ ପ୍ରଦାନକୁ ନେଇ ଦୁଇଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଆହତଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଦସମାଣିଆ ଗ୍ରାମର ବିଜୟା ନନ୍ଦ ପ୍ରଧାନ (୩୯) ରାବଣା ଅଞ୍ଚଳର ସନାତନ ନାଥଙ୍କଠାରୁ ୫ହଜାର ଟଙ୍କା ଋଣ ଆକାରରେ ନେଇଥିଲେ। ଋଣ ଦେବା ସମୟରେ ସନାତନ ବିଜୟା ନନ୍ଦଙ୍କୁ ୩ ପ୍ରତିଶତ ସୁଧ ଦେବା ପାଇଁ କହିଥିଲେ। ବିଜୟାନନ୍ଦ ସୁଧ ମୂଳ ସମ୍ପୂର୍ଣ୍ଣ ଫେରାଇଥିଲେ। କିନ୍ତୁ ସନାତନ ବିଜୟାନନ୍ଦଙ୍କୁ ୧୦ ପ୍ରତିଶତ ସୁଧ ଦେବାକୁ କହିଥିଲେ। ଏହି କଥାରେ ଉତ୍କ୍ଷିପ୍ତ ହୋଇ ବିଜୟା ନନ୍ଦଙ୍କ ସହ ସନାତନଙ୍କର ବଚସା ହୋଇଥିଲା। ପରେ ସନାତନ ଥାନାର ଦ୍ୱାରସ୍ଥ ହୋଇ ତାଙ୍କୁ ବିଜୟାନନ୍ଦ ଗାଳିଗୁଲଜ କରିବା ସହିତ ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ ବୋଲି ଅଭିଯୋଗ କରିଥିଲେ। ଯଖପୁରା ପୋଲିସ ଏକ ମାମଲା (୮/୧୯) ରୁଜୁ କରି ବିଜୟା ନନ୍ଦଙ୍କୁ କୋର୍ଟ ଚାଲାଣ କରିଛି।

### ଖବରଦାତାଙ୍କ ମାତୃ ବିୟୋଗ

ବିରଜାକ୍ଷେତ୍ର,୯।୨(ଡ଼ି.ଏନ୍.ଏ)- ଯାଜପୁର ସହରର ବରିଷ୍ଠ ଖବରଦାତା ଆଦିତ୍ୟ ମେକାପ୍‌ଙ୍କ ମା' ଜାନକୀ ମେକାପ୍ ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି ନାତୁଣୀ, ପୁତୁରା, ପୂର୍ବତନ ଭଦ୍ରକ ଆରକ୍ଷୀ ଅଧିକ୍ଷକ ନିହାର ରଞ୍ଜନ ଦାସ ଉପସ୍ଥିତ ଥିଲେ। ଜାନକୀ ମେକାପ୍ ବରୀ ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବାନର ସେନା ସ୍ୱର୍ଗତ ଆକୁଳୀ ଚରଣ ମେକାପ୍‌ଙ୍କ ଧର୍ମପତ୍ନୀ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବରୀରେ ଶୋକର ଛାୟା ଖେଳି ଯାଇଥିଲା। ଯାଜପୁର ଯାଗେଶ୍ୱରପୁରସ୍ଥିତ ବାସଭବନକୁ ବରିଷ୍ଠ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ମୃତ ଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ୧୯୮୨ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଧର୍ମଶାଳା,୯।୨(ଡି.ଏନ୍.ଏ.)- ଧର୍ମଶାଳା ବାଣୀପୀଠ ବିଦ୍ୟାଳୟର ୧୯୮୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଚ୍‌ର ପୁରାତନ ଛାତ୍ର କମିଟି ସଭାପତି କିଷାନ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ପରଲୋକଗତ ପୁରାତନ ଛାତ୍ର ହରେକୃଷ୍ଣ ରାଉତ, ଅଲେଖ ସାମଲ, କେଶବ ମଲିକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ପୁରାତନ ଶିକ୍ଷକ ନାରାୟଣ କବି, ହୃଷୀକେଶ ଦାଶ, ଉଗ୍ରସେନ ବଳ, ଶୁକଦେବ ପତି, ଅନିସୁର ରେହେମାନ, ନାରାୟଣ ଦତ୍ତ, ଦୀନବନ୍ଧୁ ରାଉତଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତୁଲ ଦାସ, ସନ୍ତୋଷ ପଣ୍ଡା, ପର୍ଶୁରାମ ବିଶ୍ୱାଳ, ସେକ୍ ସାରୁଲ, ଶ୍ରୀମନ୍ତ ଜେନା, ଅବଦୁଲ ୱାହାବ, ବିନୋଦ ବିହାରୀ ପଣ୍ଡା, ବିଭୁଦାନନ୍ଦ ବିଶ୍ୱାଳ, କୁନ୍ତଳା କର, ନିବେଦିତା ଦାଶ, ସୁଚିତ୍ରା ମିଶ୍ର, ଇସରତ୍ ବେଗମ୍, ବିଦ୍ୟୁତ୍‌ଲତା ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସମ୍ପାଦକ କୋହିନୁର ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ଅପେକ୍ଷାରେ ସୌରିକ ଅଞ୍ଚଳବାସୀ

- ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ
- ଉଚ୍ଚଶିକ୍ଷା ପାଇଁ ହଇରାଣ ହେଉଛନ୍ତି ଛାତ୍ରୀଛାତ୍ର
- ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି

କାଳିଆପାଣି,୯।୨(ଡିଏନଏ)

ସୁକିନ୍ଦା ବ୍ଲକର ସୌରିକ ଅଞ୍ଚଳ କୁହାଯାଉଥିବା ୭ ପଞ୍ଚାୟତର ଲୋକେ ଆଜି ବି ମୌଳିକ ଅଧିକାରରୁ ବଞ୍ଚିତ। କାଳିଆପାଣି, ଚିଙ୍ଗୁଡ଼ିପାଳ, ରାଁସୋଳ, କଅଁଶ, କାଙ୍କଡ଼ପାଳ, ପିମ୍ପୁଡ଼ିଆ, କୁହିକା ଏହି ୭ ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ସୁବିଧା ଉପଲବ୍ଧ ନାହିଁ। ସେମାନେ ବୁଝନ୍ତିନି ଅଧିକାରର ପରିଭାଷା। ଅମାପ ଖଣିଜ ସମ୍ପଦରେ ଭର୍ତ୍ତି ଏହି ଅଞ୍ଚଳ ଦେଶ ଓ ରାଜ୍ୟର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରୁଥିବା ବେଳେ ନିଜେ କିନ୍ତୁ ଅବହେଳିତ ହୋଇରହିଛି। ଯାହାର ଜ୍ୱଳନ୍ତ ଉଦାହରଣ ନଗଡ଼ା। ବିକାଶର ନାରା ଦେଇ ବର୍ଷବର୍ଷ ଧରି ରାଜନେତାମାନେ ଅଞ୍ଚଳବାସୀଙ୍କୁ ଭକୁଆ ବନାଇ ନିଜ ବିକାଶରେ ଲାଗିପଡ଼ିଛନ୍ତି। ଦୈତାରୀ ସଂରକ୍ଷିତ ଘଞ୍ଚ ଜଙ୍ଗଲ ମହାଗିରି ପର୍ବତମାଳା ପାଦଦେଶରେ ଶବର, ଜୁଆଙ୍ଗ, ମଲାରଙ୍କ ରାଜୁତି ଚାଲୁଥିବା ବେଳେ ଆଜି ସେମାନେ ଅଲୋଡ଼ା ହୋଇ ନିଶ୍ଚିହ୍ନ ପ୍ରାୟ। ଏମାନଙ୍କ ଖବର ନେତା କି ପ୍ରଶାସନ ନିକଟରେ ନାହିଁ। ଖଣି ଖାଦାନ ଯୋଗୁ ଧୂଳିଧୂଆଁରେ ସାନ୍ଧି ହେଉଥିବା ସୌରିକ ଅଞ୍ଚଳବାସୀ ବିକାଶ ଅପେକ୍ଷାରେ ରହିଛନ୍ତି। କେବେ କଲେଜ ହେବ, ଡାକ୍ତରଖାନା ହୋଇ ସ୍ୱାସ୍ଥ୍ୟ ସୁବିଧା ମିଳିବ, ପିଇବା ପାଣି ଓ ସଡ଼କର ସୁବିଧା, ଶିକ୍ଷାର ବିକାଶ ହେବ ବୋଲି ଚାହିଁବସିଛନ୍ତି ଏହି ଅଞ୍ଚଳବାସୀ। ଦୁଧୁଯୁରୀ ସରପଞ୍ଚ ହୃଷିକେଶ ଶତପଥି ୧୯୬୩ ମସିହାରେ ସର୍ବପ୍ରଥମେ ଶିକ୍ଷାର ଆଲୋକ ଦେଖାଇ କୁହିକାସ୍ଥିତ ମହାଗିରି ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ପରେ ଟାଟା ଶ୍ରମିକଙ୍କ ପାରିଶ୍ରମିକ ଅର୍ଥରେ ନିଜ କଲୋନୀ ପିଲାଙ୍କ ପଢିବା ପାଇଁ ଶ୍ରମଶକ୍ତି ହାଇସ୍କୁଲ ପ୍ରତିଷ୍ଠା ହୋଇଥିବା ବେଳେ ଓଡ଼ିଶା ଖଣି ନିଗମ କଲୋନୀରେ ଏକ ହାଇସ୍କୁଲ ଓଏମ୍‌ସି ପୃଷ୍ଠପୋଷକତାରେ ଚାଲିଛି। ପ୍ରତିବର୍ଷ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଅଞ୍ଚଳରୁ ମାଟ୍ରିକ ପାସ କରିଥାନ୍ତି। ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଏକ କଲେଜ ପ୍ରତିଷ୍ଠା କରିବାକୁ ବହୁ ସମୟରେ ଅଞ୍ଚଳବାସୀ ଦାବି କରିଆସୁଥିବା ବେଳେ ପ୍ରଶାସନ ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁଛି। ମାତ୍ର ରାଜନେତାଙ୍କ ଚାପରେ ହାତ ବାନ୍ଧି ବସୁଥିବା ଜଣାପଡ଼ିଛି। ଫଳରେ ଆଦିବାସୀ ଅଧ୍ୟୁଷିତ ଶବର, ଜୁଆଙ୍ଗ ପିଲାଙ୍କ ପାଠପଢାରେ ଅଧାରେ ଡ଼ୋରି ବନ୍ଧା ହୋଇଯାଉଛି। ମଲ୍ଲାରସାହୀ ପଡ଼ିଆରେ ୩୨ ଏକର ଜମି ଚିହ୍ନଟ କରାଯାଇ ସେଠାରେ ଏକ କଲେଜ ପ୍ରତିଷ୍ଠା ପାଇଁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଓ ତାଙ୍କ ପୁତ୍ର ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ଉଦ୍ୟମରେ କାଗଜପତ୍ର କାମ ବହୁ ଆଗେଇଥିଲା। ମାତ୍ର ୨/୩ ବର୍ଷ ହେଲା ତାହା ସେତିକିରେ ଅଟକିଛି। ଏହାର କାରଣ ମଧ୍ୟ ଅଗୋଚର। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଖଣିଜ ନ୍ୟାୟ ପାଣ୍ଠି ଗଠନ କରାଯାଇ ବାର୍ଷିକ କୋଟିକୋଟି ଟଙ୍କା ଜିଲା ତହବିଲରେ ଗଚ୍ଛିତ କରାଯାଉଛି। ମାତ୍ର ସେଥିରେ ଖଣି ଅଞ୍ଚଳର ସେଭଳି କୌଣସି ଆଖିଦୃଷିଆ ବିକାଶ କାର୍ଯ୍ୟ କରାଯାଉ ନ ଥିବା ବେଳେ ତାହା କେଉଁ ଦିଗରେ ଖର୍ଚ୍ଚ କରାଯାଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏହି ଅଞ୍ଚଳରେ କଲେଜ ପ୍ରତିଷ୍ଠା କରାଯାଇ ଯୁବତୀଯୁବକଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ରାଜନେତା ଓ ପ୍ରଶାସନ ଆଗେଇ ଆସନ୍ତୁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଗିରିଧାରୀ ସାମଲ, ଲମ୍ବୋଦର ମହାନ୍ତ, ଦିଲୀପ ପାତ୍ର, କୁନାଲ ମହାନ୍ତ ପ୍ରମୁଖ ଦାବି କରିଛନ୍ତି।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରୀ**
**ଯେଣିକି ଚାହିଁଲେ ତୋହରି କଥା ମୁଁ**
**ଭାବି ଭାବି ଯାଏ ବତୁରି ।**

ଯେ ଯାହାକୁ ମନପ୍ରାଣ, ହୃଦୟ ଦେଇ ଭଲ ପାଉଥାଏ, ସେ ତାହାକୁ ସବୁବେଳେ ଝୁରି ହେଉଥାଏ। ଶୟନେ ସ୍ୱପନେ ଜାଗରଣେ କେବଳ ତାହାରି କଥା ଭାବି ହେଉଥାଏ। ଆଖି ଆଗରେ କେବଳ ତାହାରି ମୁହଁ ନାଚି ଯାଉଥାଏ। ପ୍ରେମୀର ସାନ୍ନିଧ୍ୟ ପାଇବା ଆଶାରେ ଭାବି ଭାବି ଅଭିଭୂତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ ଚୋର ଚିହ୍ନେ**
**ପୁରୁଣା ଚୋରକୁ ଚଉକିଆ ଚିହ୍ନେ ।**

ଚୋରର ହାବଭାବ, ଚାଲିଚଳଣ ତଥା ମତିଗତି ଆଉ ଗୋଟିଏ ଚୋର ପାଖରେ ଅଛପା ରହି ନ ଥାଏ। ଯିଏ ଚୋର ସିଏ ଆଉ ଗୋଟିଏ ଚୋରକୁ ଅତି ସହଜରେ ଜାଣିପାରିଥାଏ। ସେହିପରି ପୁରୁଣାରୁ ପୁରୁଣା ଚୋରକୁ କେବଳ ପୋଲିସ ହିଁ ବିନା ଦ୍ୱିଧାରେ ଚିହ୍ନିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ବେଦମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ଚେତନା ଅଧିବେଶନସ୍ଥଳ



ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତି।

ବିରଜାକ୍ଷେତ୍ର,୯।୨(ଡିଏନ୍ଏ)
ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଆରମ୍ଭ ହୋଇଥିବା ୩୭ତମ ଜଗନ୍ନାଥ ଚେତନା ଅଧିବେଶନସ୍ଥଳ ବେଦମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେଉଛି। ଚଳିତ ମାସ ୧ତାରିଖରୁ ଏହି ଚେତନା ମହାଧିବେଶନ ଆରମ୍ଭ ହୋଇଛି। ୧୦ତାରିଖ ଏହା ଶେଷ ହେବା ସହ ଯଜ୍ଞର ପୂର୍ଣ୍ଣାହୁତି ହେବ। ଜଗନ୍ନାଥ ମନ୍ଦିର ସଦୃଶ ଅବିକଳ ଏକ ଅସ୍ଥାୟୀ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇ ନୀତିକାନ୍ତି ଅନୁଯାୟୀ ପୂଜା ଚାଲିଛି। ପ୍ରତ୍ୟେହ ସକାଳ ୭ଟାରେ ଜଗନ୍ନାଥଙ୍କ ପହୁଡ଼ ଖୋଲୁଥିବା ବେଳେ ବିଧିବିଧାନ ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇ ରାତି ୧୦ଟାରେ ପହୁଡ଼ ହେଉଛି। ଏହି ଅଧିବେଶନ ସ୍ଥଳରେ ମହାବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଅସ୍ଥାୟୀ ଜଗନ୍ନାଥ ମନ୍ଦିର ଲାଗି ପ୍ରଭୁ ଜଗନ୍ନାଥଙ୍କ ମନ୍ତ୍ର, ତତ୍ତ୍ୱ, ଯନ୍ତ୍ର ଓ ମଣ୍ଡଳ ଗୃହ ଶୋଭା ପାଉଛି। ଜଗନ୍ନାଥଙ୍କ ୩୨ବେଶ ମନ୍ଦିର ସମ୍ମୁଖରେ ଶୋଭା ପାଉଛି। ପ୍ରତ୍ୟେହ ସନ୍ଧ୍ୟାରେ ଜଗନ୍ନାଥ ଚେତନା ପକ୍ଷରୁ ଆଧାତ୍ମିକ ପ୍ରବଚନ ଓ ଭଜନ ପରିବେଷଣ କରାଯାଉଛି। ଆଧାତ୍ମିକ ପ୍ରବଚନ ଓ ଜଗନ୍ନାଥଙ୍କ ତତ୍ତ୍ୱ ଶୁଣିବା ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଛି। ଅତି ନିକଟରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ବେଶ, ତତ୍ତ୍ୱ, ମନ୍ତ୍ର, ଯନ୍ତ୍ର ଓ ଜଗନ୍ନାଥଙ୍କ ପରମ୍ପରା ଉପରେ ସମସ୍ତ ବିଷୟ ଜାଣିବାକୁ ପାଉଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି।

## ୬ ପ୍ରତିଶତ ପରିବାରକୁ ମିଳିଛି ଏଲ୍‌ଇଡି ବଲ୍‌ବ

ଧର୍ମଶାଳା,୯।୨(ଡି.ଏନ୍.ଏ.)
ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପରିବାରକୁ ୪ଟି ଲେଖାଏଁ ଏଲ୍‌ଇଡି ବଲ୍‌ବ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଧର୍ମଶାଳା ବ୍ଲକରେ ୪୪ ହଜାର ୯୪୩ ପରିବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ପ୍ରତି ପରିବାରକୁ ୪ଟି ଲେଖାଏଁ ଏଲ୍‌ଇଡି ବଲ୍ ପ୍ରଦାନ କରାଗଲେ ୧ଲକ୍ଷ ୭୫ହଜାର ୭୭୨ଟି ବଲ୍‌ବ ଆବଶ୍ୟକ। ତେବେ ଗତ ମାସ ୧୫ରୁ ୨୦ ମଧ୍ୟରେ ମାତ୍ର ୧୧ହଜାର ୨୨୦ଟି ବଲ୍‌ବ ବ୍ଲକର ୪୫ଟି ପଞ୍ଚାୟତରେ ବଣ୍ଟନ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପ୍ରତି ପରିବାରର ଲୋକଙ୍କୁ ବଣ୍ଟନ ପାଇଁ ପଞ୍ଚାୟତ ପକ୍ଷରୁ ଘୋଷଣା କରାଯାଇଛି। ମାତ୍ର ଆବଶ୍ୟକଠାରୁ ମାତ୍ର ୬ଭାଗ ବଲ୍‌ବ ଦିଆଯାଇଥିବାରୁ ବଣ୍ଟନକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବ୍ଲକରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୩୫,୫୬୧ ଓ ଅନ୍ତୋଦ୍ୟୋୟ ଯୋଜନାରେ ୫୪୮୦ ପରିବାର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୩୯୦୨ ପରିବାର ସାମିଲ ହୋଇଥିବା ଯୋଗାଣ ନିରୀକ୍ଷକ ଜଗମୋହନ ଦାସ ସୂଚନା ଦେଇଛନ୍ତି। ତେବେ ପ୍ରଥମ ଦଫାରେ ମାତ୍ର ୨୮୦୫ ପରିବାରକୁ ୧୧ହଜାର ୨୨୦ଟି ବଲ୍‌ବ ବଣ୍ଟନ କରାଯାଇଥିବା ଧର୍ମଶାଳା ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୁମନ୍ତ ଦାସ ସୂଚନା ଦେଉଛନ୍ତି। ଆଗାମୀ ୧୦ରୁ ୨୦ ତାରିଖ ମଧ୍ୟରେ ଦ୍ୱିତୀୟ ଦଫାରେ ଏଲିଇଡ୍ ବଲ୍‌ବ ପଞ୍ଚାୟତସ୍ତରୀୟ ପିଠା ଯୋଜନାରେ ବଣ୍ଟନ କରାଯିବ ବୋଲି ବ୍ଲକ ପ୍ରଶାସକ ସୂଚନା ଦେଇଛନ୍ତି। ଦ୍ୱିତୀୟ ଦଫା ବଣ୍ଟନରେ ୧ଲକ୍ଷ ୬୪ ହଜାର ୫୫୨ ଏଲ୍‌ଇଡି ବଲ୍ ଆବଶ୍ୟକ ଥିବାବେଳେ କେତେ ଦୂର ତାହା ସଫଳ ହୋଇପାରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଲିଇଡ୍ ବଲ୍‌ଗୁଡିକୁ ସମସ୍ତ ରିଟେଲରଙ୍କ ଜରିଆରେ ବଣ୍ଟନ କରାଯିବାନେଇ ବହୁ ହିତାଧିକାରୀ ଦାବି କରିଛନ୍ତି।

## ବିଜ୍ଞାନ ମେଳା, କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଧର୍ମଶାଳା,୯।୨(ଡି.ଏନ୍.ଏ.)
ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ଭେଙ୍କଟେଶ୍ୱର ବିଦ୍ୟାଳୟର ବିଜ୍ଞାନ ମେଳା ଓ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାକ୍ତନ ଅଧକ୍ଷ ହରିହର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅଧକ୍ଷ ପ୍ରଣୟ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସମ୍ପାଦକ ତପନ କିଶୋର ଷଡଙ୍ଗୀ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପରିଡ଼ା, ରଞ୍ଜୁଲତା ସାହୁ, ବନ୍ଦିତା ଦାଶ ପରିଚାଳନାରେ ସହାୟତା କରିଥିଲେ। ଚଳିତ ବର୍ଷ ପାଇଁ ବରିଷ୍ଠ ବିଭାଗରେ ସ୍ୱାତୀ ମିଶ୍ର, ଅନିକେତ କର, ଆକାଶ ପାଶୱାନ୍, ଜିଜିଷା ମହାନ୍ତି ଓ କନିଷ୍ଠ ବିଭାଗରେ ଏ.କେ. ଆହ୍ୱାନ୍, ସାନଭି ଜେନା, ସାଇସ୍ତା ବେଗମ୍, ଅସଲମ୍ ଖାନ୍ ଓ ପ୍ରିୟବ୍ରତ ମହାରଣା କୃତିତ୍ୱ ହାସଲ କରିଛନ୍ତି। ଉଦ୍‌ଯାପନୀ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗରେ ରୋହିତ କୁମାର ସାମଲ, ୟାସିର ଆରଫତ୍, ପ୍ରତୀକ୍ ମହାନ୍ତି, ସତ୍ୟଜିତ୍ ଦାସ ଓ କନିଷ୍ଠ ବିଭାଗରେ ଦିବ୍ୟମ୍ ପ୍ରିୟାଂଶୁ, ସ୍ୱଜଳା ଦାସ ଓ ସଙ୍କେତ ଶତପଥୀ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି।

## ଖଣି ଅଞ୍ଚଳରେ ପତିଆରା ଜାହିର ପାଇଁ ପ୍ରୟାସ



କର୍ମୀ ସମ୍ମିଳନୀରେ ଯୋଗ ଦେଇଥିବା ଭାଜପା କର୍ମୀ ।

କାଳିଆପାଣି,୯।୨(ଡିଏନଏ)
ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛନ୍ତି ପ୍ରତ୍ୟେକ ଦଳ। ସୁକିନ୍ଦା ଖଣି ଅଞ୍ଚଳରେ ମଧ୍ୟ ନିର୍ବାଚନ ପାଇଁ ସବୁ ଦଳ ନିଜ ନିଜ କ୍ଷେତ୍ର ସଜାଡୁଥିବା ଦେଖିବାକୁ ମିଳିଛି। ସୁକିନ୍ଦା ଅଞ୍ଚଳ ବିଜେଡି ଗଡ଼ ଭାବେ ପରିଚିତ ଥିବା ବେଳେ ଏବେ ଭାଜପା ନିଜ ପତିଆରା ଜାହିର କରିବାକୁ ପୂର୍ଣ୍ଣ ପ୍ରୟାସ ଜାରି ରଖିଛି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଓ ତାଙ୍କ ପିତା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ପୂର୍ବତନ ସହଯୋଗୀ ତଥା ଏବେର ଭାଜପା ନେତା ପ୍ରଦୀପ ବଳସମାନ୍ତ (ଗୁଟୁ) ଖଣି ଅଞ୍ଚଳକୁ ତୋଫାନି ଗସ୍ତ କରୁଥିବା ଦେଖିବାକୁ ମିଳିଛି। ଗତ ଶୁକ୍ରବାର ବିଧାୟକ ଘଡ଼େଇ ସସ୍ତ୍ରୀକ କଲରଙ୍ଗୀ ଦେହୁରୀ ସାହିରେ ଥିବା ଖଣ୍ଡୁରାଇ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ କଅଁସ ପଞ୍ଚାୟତ ଚିକରପଡ଼ା ଓ କାଳିଆପାଣି ପଞ୍ଚାୟତ ଗୁରଜଙ୍ଗଠାରେ ଗରିବ ଆଦିବାସୀଙ୍କୁ ନୂତନ ବସ୍ତ୍ର ବଣ୍ଟନ କରିଥିବାବେଳେ ଭାଜପା ନେତା ବଳସାମନ୍ତ ରାଁସୋଳ ପଞ୍ଚାୟତର କୁସୁମଡ଼ିହାରେ କର୍ମୀ ସମ୍ମିଳନୀ କରିଥିଲେ। ସ୍ଥାନୀୟ ଭାଜପା ସଂଗଠକ ଦିଲୀପ ପାତ୍ର, ଦିଲୀପ ମହାନ୍ତ, ଲମ୍ବୋଦର ମହାନ୍ତ, କୁନାଲ ମହାନ୍ତଙ୍କ ନେତୃତ୍ୱରେ କର୍ମୀମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ଜନହିତକର କାର୍ଯ୍ୟ, ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଯୁବପିଢ଼ିଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ ଯୋଗୁ ବେକାରୀ ସମସ୍ୟା ବଢି ଚାଲିଥିବା ବେଳେ ଦୀର୍ଘଦିନ ଅଞ୍ଚଳ ପାଇଁ ନେତୃତ୍ୱ ନେଇଥିବା ପରିବାରକୁ ଅଞ୍ଚଳରୁ ହଟାଇବାକୁ କର୍ମୀଙ୍କୁ ଭାଜପା ନେତା ବଳ ଆହ୍ୱାନ ଦେଇଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

କୋରେଇ,୯।୨(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଓଉପଦା ନିକଟ ଡାଇଭର୍ସନରେ ଶନିବାର ମଧ୍ୟାହ୍ନରେ ଏକ ବାଇକ୍ ଭାରସାମ୍ୟ ହରାଇ ପିଚିହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଯାଜପୁରରୋଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତରମାନେ କୋରେଇ ଥାନା ଅନ୍ତର୍ଗତ ତୁଳତୀ ଓ ଧନପୁର ଗ୍ରାମର ହୋଇଥିବା ସୂଚନା ମିଳିଥିବା ବେଳେ ସେମାନଙ୍କ ପରିଚୟ ମିଳିନାହିଁ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଆବାସ ଯୋଜନାରୁ ବଞ୍ଚିତ ପରିବାର

ଚଢ଼େଇଧରା,୯।୨(ଡି.ଏନ୍.ଏ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ଅଧୀନ କୁସୁନପୁର ଗ୍ରାମର ୨ନଂ ୱାର୍ଡରେ ରହୁଥିବା ବିଶିକେଶନ ସାମଲ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ନିରାଶ ହୋଇଛନ୍ତି। ଦିନ ମଜୁରିଆଭାବେ କାମ କରି ବିଶିକେଶନ ସ୍ତ୍ରୀ ଓ ୪ ସନ୍ତାନଙ୍କ ଭରଣ ପୋଷଣ କରୁଛନ୍ତି। ଏଭଳିସ୍ଥିତିରେ ଘରଖଣ୍ଡେ କରିବା ପାଇଁ ତାଙ୍କ ପାଖରେ ସମ୍ବଳ ନ ଥିବାରୁ ବାଧହୋଇ ଚାଳଘରେ ପରିବାର ଜୀବନ ବିତାଉଛନ୍ତି। ଅପରପକ୍ଷେ ଘର ଛପର ଏବଂ ମରାମତି କରିପାରୁ ନ ଥିବାରୁ ଘରର ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି। ବ୍ଲକ ପ୍ରଶାସନ ପକ୍ଷରୁ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନଗୋବିନ୍ଦ ବରାଳଙ୍କ ମତାମତ ମିଳିପାରି ନାହିଁ। ସରପଞ୍ଚ ନାରୟଣ ସେଠୀଙ୍କୁ ପଚାରିବାରୁ ବିଶିକେଶନଙ୍କ ଜାଗାର ଦଲିଲ୍ ଅଛି। ତେବେ ପଟ୍ଟା ମିଳିବା ପରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଫୁଲ, ମିଠା ବାଣ୍ଟି ଦେଲେ ସଚେତନତାର ବାର୍ତ୍ତା

କଳିଙ୍ଗନଗର,୯।୨(ଡି.ଏନ୍.ଏ.):

ଜଖପୁରା ପୋଲିସ ଓ ଜିନ୍ଦଲ କାରଖାନା ପକ୍ଷରୁ ଗୁରୁବାର କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେସ୍ କାରଖାନା ଫାଟକ ସମ୍ମୁଖରେ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ସମୟରେ ବିନା ହେଲ୍‌ମେଟରେ ବାଇକ୍‌ରେ ଯାତାୟାତ କରୁଥିବା ଆରୋହୀଙ୍କୁ ଅଟକ ରଖାଯାଇ ଫୁଲ ଓ ମିଠା ପ୍ରଦାନ କରାଯାଇ ସଚେତନତା ବାର୍ତ୍ତା ଦିଆଯାଇଛି। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା, ଜଖପୁରା ଥାନା ଅଧିକାରୀ ରମାକାନ୍ତ ମୁଦୁଲି, କଳିଙ୍ଗନଗର ଥାନା ଅଧିକାରୀ ଆର୍.କେ.ପଟ୍ଟନାୟକ, ଅଧିକାରୀ ପାରାଓ ଟୁଡୁ, ଥାନା ଅଧିକାରୀ ଅମିତାଭ ମହାପାତ୍ର, ଜିନ୍ଦଲ ଷ୍ଟେନଲେସ୍‌ର ସୁରକ୍ଷା ବିଭାଗ ମ୍ୟାନେଜର ରାଜେଶ ସିଂହ ବିଷ୍ଟ, ବିଜୟ ଶଙ୍କର ତିୱାରୀ, ଏମ୍.ଏଲ.ପଣ୍ଡା, ରଞ୍ଜିତ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

CO-OPERATIVE INADIA
Co-Operative India ଦ୍ୱାରା। P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପୁରୀ ରାମକୃଷ୍ଣ ମିଶନ ଆଶ୍ରମରେ ଆସନ୍ତା ଶିକ୍ଷାବର୍ଷ (୨୦୧୯-୨୦) ଅଷ୍ଟମ ଶ୍ରେଣୀ ଏବଂ ନବମ ଶ୍ରେଣୀରେ (limited seats) ଆଦିବାସୀ ଛାତ୍ର ଗ୍ରହଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଜମା କରିବା ଶେଷ ତାରିଖ: ୧୦।୦୩।୨୦୧୯
ଫୋନ: ୦୬୭୫୨-୨୩୨୪୦୭

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452



ଧନ ସମ୍ପଦ, ବାହାରର ସଫଳତା, ପ୍ରଚାର, ବିଳାସ ଏହି ଚାରୋଟିକୁ ମୁଁ ସବୁବେଳେ ଘୃଣା କରି ଆସିଛି ।
- ଆଲବର୍ଟ ଆଇନଷ୍ଟାଇନ



## ସଂକ୍ଷେପରେ

### ୧୦ ଚିପ୍ସ ବୋଝେଇ ହାଇଓ୍ୱା, ଟିପ୍ପର ଜବତ

କୋରେଇ/ଯାଜପୁରରୋଡ୍‌,୯।୨ (ସ୍ୱ.ପ୍ର./ନି.ପ୍ର.): ବ୍ୟାସନଗର ତହସିଲଦାର ନିରଞ୍ଜନ ଶବର ଶୁକ୍ରବାର ବିଳମ୍ବିତ ରାତିରେ ଚୋରଦା ଓ ଦଳାଛକ ନିକଟରେ ଅଚାନକ ଚଢ଼ାଉ କରି ୧୦ ଚିପ୍ସ ବୋଝେଇ ହାଇଓ୍ୱା ଓ ଟିପ୍ପର ଜବତ କରିଛନ୍ତି। ଗାଡ଼ିଗୁଡ଼ିକ ବାଘୁଆରୁ ଚିପ୍ସ ବୋଝେଇ କରି ଭଦ୍ରକ ଓ ବାଲେଶ୍ୱର ଜିଲା ଅଭିମୁଖେ ଆସୁଥିଲେ। କାଗଜପତ୍ର ଯାଞ୍ଚ ସମୟରେ ସେମାନେ ଠିକ୍ କାଗଜପତ୍ର ଦେଖାଇ ନ ପାରିବାରୁ ତହସିଲଦାର ଗାଡ଼ି ଜବତ କରି ଯାଜପୁରରୋଡ ଥାନାରେ ଅଟକ ରଖିଛନ୍ତି। ସୁପରଭାଇଜର ଗୌରାଙ୍ଗ ଶତପଥି, ଆରଇ ବିଷ୍ଣୁଚରଣ ପଣ୍ଡା, କାର୍ତ୍ତିକ ପୂର୍ତ୍ତି, ଏଆରଆଇ ସୁଧୀରଞ୍ଜନ ମଲ୍ଲିକ, ହେମନ୍ତ ପେରେଇ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ନିଶା ନିବାରଣ ଆନ୍ଦୋଳନ ସମୟରେ କର୍ମକର୍ତ୍ତାଙ୍କୁ ଗିରଫ
### ପ୍ରତିବାଦରେ ବରୀ ଥାନା ଘେରାଉ

ବରୀ,୯।୨(ସ୍ୱ.ପ୍ର.): ଭୁବନେଶ୍ୱରରେ ନିଶା ନିବାରଣକୁ ନେଇ ଆନ୍ଦୋଳନ ସମୟରେ ୧୨ ଜଣ କର୍ମକର୍ତ୍ତାଙ୍କୁ ଗିରଫ ପ୍ରତିବାଦରେ ଶନିବାର ମିଳିତ ଓଡ଼ିଶା ନିଶା ନିବାରଣ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବରୀ ଥାନା ଘେରାଉ କରାଯାଇଛି। ଏହାର ନେତୃତ୍ୱ ନେଇଥିଲେ ସତ୍ୟ ରଞ୍ଜନ କର। ନିଶା ପ୍ରଭାବରେ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏଥିରେ ନିରୀହ ଜନତା ମୃତ୍ୟୁମୁଖକୁ ଠେଲି ହୋଇଯାଉଛନ୍ତି। ସେଥିପାଇଁ ଓଡ଼ିଶାରେ ନିଶା ନିବାରଣ ଆଇନ ଲାଗୁ କରି ତୁରନ୍ତ ନିଶା କାରବାର ସଂସ୍ଥାକୁ ବନ୍ଦ କରାଯାଉ ବୋଲି ବିକ୍ଷୋଭକାରୀ ଦାବି କରିଥିଲେ। ଏଥିରେ କୁଳମଣି ଶୁକ୍ଳ, ସୁମିତ୍ରା ଦାସ, କୁନିଲତା ମଲ୍ଲ, ସବିତା ପ୍ରଧାନ ପ୍ରମୁଖ ଶତାଧିକ ସାମାଜିକ କର୍ମୀ ଘେରାଉରେ ସାମିଲ ହୋଇଥିଲେ।

### ବିଜେଡିରେ ମିଶିଲେ ଶତାଧିକ କର୍ମୀ

ଧର୍ମଶାଳା,୯।୨(ଡି.ଏନ୍.ଏ.): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ମର୍ଜିତାପୁର ହିଙ୍ଗୁଳାପଡ଼ିଆ ପରିସରରେ ଶନିବାର ବିଜେଡିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ଜନହିତକର କାର୍ଯ୍ୟକୁ ସମର୍ଥନ ଜଣାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଯାଜପୁର ଏମ୍‌ପି ରୀତା ତରାଇ ଓ ରାଜ୍ୟଯୁବ ବିଜେଡି ସଭାପତି ଅମରଶ ପତ୍ରୀଙ୍କ ଉପସ୍ଥିତିରେ ମଧୁସୂଦନପୁର, ମର୍ଜିତାପୁର, ରାଇଛନ୍ଦା, କବାଟବନ୍ଧ, ଅଞ୍ଜିରା ଆଦି ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣପର୍ବରେ ସାମିଲ ହୋଇଥିବା କର୍ମୀଙ୍କୁ ବିଧାୟକ ବଳବନ୍ତରାୟ, ଏମ୍‌ପି ତରାଇ ଓ ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ଉତ୍କଳ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବ ସଭାରେ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର ମିଶ୍ରଣ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତି, ବ୍ଲକ ସଭାପତି ନିରଞ୍ଜନ ବଳ, ରାଜ୍ୟପରିଷଦ ସଭ୍ୟ ଜଳଧର ସାହୁ, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ମମତା ଦଣ୍ଡାପାଟ, ପ୍ରଣତୀ ଲେଙ୍କା, ସୁରେଖା ନାୟକ, ବ୍ଲକ ଯୁବ ବିଜେଡି ସଭାପତି ପ୍ରସନ୍ନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜିଠାରୁ ମା' ମଙ୍ଗଳାଙ୍କ ପାଞ୍ଚପାଦ ପ୍ରତିଷ୍ଠା ଉତ୍ସବ

ରସୁଲପୁର,୯।୨(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତର ପାଳସାହିସ୍ଥିତ ମା' ମଙ୍ଗଳାଙ୍କ ପାଞ୍ଚପାଦ ପ୍ରତିଷ୍ଠା ଉତ୍ସବ ରବିବାରଠାରୁ ଆରମ୍ଭ ହେବ। ଏହି ଉତ୍ସବ ୪ଦିନ ବ୍ୟାପି ଚାଲିବ । ଏହି ଉପଲକ୍ଷେ ପବିତ୍ର ବସନ୍ତ ପଞ୍ଚମୀ ରବିବାରଠାରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ବୁଧବାର ପୂର୍ଣ୍ଣାହୂତି ପ୍ରଦାନ କରାଯିବ। ଯଜ୍ଞସ୍ଥଳରେ କୁଣ୍ଡମଣ୍ଡଳ ସ୍ଥାପନ, ଯଜ୍ଞ କୁଟୀର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଅଙ୍କୁରୋପଣ, କଳସ ଶୋଭାଯାତ୍ରା, ଯଜ୍ଞକାର୍ଯ୍ୟ ପରିଚାଳନା, ଗ୍ରାମଦେବତୀ ପୂଜା, ପାର୍ଶ୍ୱଦେବାଦେବୀ ସ୍ନାନ, ବେଦପାଠ, ଚଣ୍ଡୀ ଯଜ୍ଞ, ଗୀତାପାଠ, ମାଙ୍କ ଷୋଡଶହ ଉପଚାର ପୂଜା ଆଦି ସକାଶେ ପ୍ରସ୍ତୁତି କରାଯାଉଛି । ଏଥିସହ ସନ୍ଧ୍ୟାରେ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

■ ମୂଲ୍ୟହୀନ ସଡ଼କ ସୁରକ୍ଷା ସପ୍ତାହ ପାଳନ

# ଜରିମାନା ଆଦାୟ ବେଳେ ଟ୍ରାଫିକ ନିୟମକୁ ଅଣଦେଖା

ରସୁଲପୁର,୯।୨(ଡି.ଏନ୍.ଏ.)

ଯାଜପୁର ଜିଲାରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ବିଭାଗର ଅଧିକାରୀ ଓ କର୍ମଚାରୀ କେବଳ ଗାଡିମୋଟରରୁ ଜରିମାନା ଆଦାୟ କରିବା ବ୍ୟତିତ ଟ୍ରାଫିକ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛନ୍ତି। ଫେବୃଆରୀ ୪ରୁ ୧୦ତାରିଖକୁ ସମଗ୍ର ଦେଶରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେଉଛି। ଏହି ସପ୍ତାହ ପାଳନ ଜିଲା ଟ୍ରାଫିକ ପୋଲିସ ପାଇଁ ଏକପ୍ରକାର ମୂଲ୍ୟହୀନ ହୋଇପଡିଛି । ପୋଲିସ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ଗୁରୁତ୍ୱ ନ ଦେଇ ଜରିମାନା ଆଦାୟରେ ବ୍ୟସ୍ତ ରହୁଛି। ଅର୍ଥ ଆଦାୟ ଆଳରେ ରାଜପଥ ସୁରକ୍ଷା ଆଇନକୁ ଅଣଦେଖା କରୁଛି। ଫଳରେ ଟ୍ରାଫିକ୍ ସମସ୍ୟା ଉପୁଜି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଶନିବାର ସକାଳେ ବିଭାଗ ପକ୍ଷରୁ ରାଜପଥର କୁଆଖିଆ ଥାନା ଅନ୍ତର୍ଗତ ଗୋପାଳପୁର ଛକ ନିକଟରେ ଗାଡି ମୋଟରଠାରୁ ଜରିମାନା ଆଦାୟ ସମୟରେ ଅନୁରୂପ ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି।

ସଡ଼କ ସୁରକ୍ଷା ସପ୍ତାହ ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଯାଉଛି । ଆଇନ ଉଲ୍ଲଙ୍ଘନକାରୀଙ୍କୁ ଦଣ୍ଡ ଦିଆଯିବା ବଦଳରେ ସଚେତନ କରାଯାଉଛି। ଏପରି କି ଆଇନକୁ ସମ୍ମାନ ଜଣାଉଥିବା ଚାଳକଙ୍କୁ ଗୋଲାପ ଫୁଲ ଉପହାର ଦିଆଯାଉଛି । କିନ୍ତୁ ଏଠାରେ ଟ୍ରାଫିକ ଥାନା ପୋଲିସ ରାଜପଥ ଉପରୁ ଜରିମାନା ଆଦାୟରେ ବ୍ୟସ୍ତ ରହୁଛନ୍ତି। ଆଉ ପାଉଣା ଆଦାୟ କରୁକରୁ ନିଜେ ଟ୍ରାଫିକ ନିୟମକାନୁନକୁ ଅଣଦେଖା କରୁଥିବା ଘଟଣା ନଜରକୁ ଆସୁଛି। ଚଣ୍ଡିଖୋଲ ଠାରୁ କୁଆଖିଆ ବଜାର ରାଜରାସ୍ତାର ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡିଛି। ବାରବାଟୀଠାରେ ଦୈନିକ ପରିବା ହାଟ ରାଜପଥ ଉପରେ ବସୁଛି । ଚାଷୀ ଓ ବ୍ୟବସାୟୀଙ୍କ ସମାଗମ ଯୋଗୁ ଟ୍ରାଫିକ ବ୍ୟବସ୍ଥା ଏଠାରେ ଅଣାୟତ୍ତ ହେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ତରଭୂଜ ବ୍ୟବସାୟ, ବେଆଇନ କବାଡିଆ ଦୋକାନ, ହୋଟେଲ, ଢାବାମାନ ଗଢି ଉଠିଛି। ଏସବୁ କାରଣରୁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଚଣ୍ଡିଖୋଲରେ ଟ୍ରାଫିକ୍ ଥାନା



ପୋଲିସ ଉପସ୍ଥିତି ସତ୍ତ୍ୱେ ଛକ ଉପରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏଠାରେ ଘଟୁଥିବା ଅଘଟଣ ପାଇଁ ପୋଲିସର ଟ୍ରାଫିକ ନିୟନ୍ତ୍ରଣରେ ଅନଭିଜ୍ଞତାକୁ ଦାୟୀ କରାଯାଉଛି। ସେହିପରି କୁଆଖିଆ ବଜାରରୁ ଯାଜପୁର(ବିରାଜକ୍ଷେତ୍ର)କୁ ଯାଇଥିବା ୨୦ନଂ ରାଜପଥର ହରିପୁର ଛକ ନିକଟରେ ମଧ ଟ୍ରାଫିକ ଅବସ୍ଥା ସଂଗୀନ ହୋଇପଡିଛି। ଏଥିପ୍ରତି ବିଭାଗ ପକ୍ଷରୁ ଆଦୌ ଦୃଷ୍ଟି ଦିଆଯାଉ ନାହିଁ । କର୍ମଚାରୀ ଅଭାବ ଆଳ ଦେଖାଇ ଏହି ପୋଲିସ କେବଳ ରାଜପଥର ଚଣ୍ଡିଖୋଲ, ଧର୍ମଶାଳା ଓ କୁଆଖିଆ ନିକଟରୁ ଗାଡି ମୋଟରରୁ ଜୋରିମାନା ଆଦାୟ କରିବାରେ ବ୍ୟସ୍ତ ରହୁଛି। ଏହି ସମୟରେ ଖୋଦ ଟ୍ରାଫିକ ପୋଲିସ ସଡକ ନିୟମକୁ ଉଲଘଂନ କରୁଛି। ଗାଡିମୋଟରକୁ ଅଟକାଇବାବେଳେ ରାସ୍ତାରେ ଗତିରୋଧକ ବାରିକେଟ ବ୍ୟବହାର କରାଯାଉ ନାହିଁ। କର୍ମଚାରୀମାନେ ଏହା ବଦଳରେ ଠେଙ୍ଗା ବ୍ୟବହାର କରୁଛନ୍ତି । ଏପରି କି ଦ୍ରୁତ ବେଗରେ ଆସୁଥିବା ଗାଡି ଆଗକୁ ଚାଲି ଆସୁଛନ୍ତି । ଏହାଦେଖି ଗାଡିଗୁଡିକ ହଠାତ୍ ବ୍ରେକ୍‌ମାରି ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏଭଳି ସ୍ଥିତିରେ ଚଣ୍ଡିଖୋଲଠାରେ ଥିବା ଜିଲାର ଏକମାତ୍ର ଟ୍ରାଫିକ ଥାନା ତାର ମୂଳଲକ୍ଷ୍ୟରୁ ଦୁରେଇ ଯାଉଛି। ଟ୍ରାଫିକ ସମସ୍ୟାକୁ ଅଧିକାରୀମାନେ ଥାନା ମୁଣ୍ଡକୁ ଠେଲି ଦେଉଛନ୍ତି। ଅପରପକ୍ଷରେ ପୋଲିସ ବାହିନୀ ନିଜର ମୌଳିକ ଦାୟିତ୍ୱ ତୁଲାବାରେ ବ୍ୟସ୍ତ ରହୁଥିବାବେଳେ ଟ୍ରାଫିକ ସମସ୍ୟା ଅଣଦେଖା ହୋଇଯାଉଛି। ଏ ସମ୍ପର୍କରେ ଟ୍ରାଫିକ ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡିଙ୍କୁ ପଚାରିବାରୁ ତାଙ୍କ ନିକଟରେ କର୍ମଚାରୀ ଓ ଆବଶ୍ୟକ ସରଞ୍ଜାମ ଅଭାବ ରହିଛି । ସେ ଟ୍ରାଫିକ ନିୟନ୍ତ୍ରଣ କରିପାରିବେ ନାହିଁ ବୋଲି ଖୋଲାଖୋଲି ଉତ୍ତର ରଖିଛନ୍ତି। ଏଥିସହ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ଜରିମାନା ଆଦାୟ ପାଇଁ ଟାର୍ଗେଟ ଦିଆଯାଉଛି। ତାକୁ ପୂରଣ କରିବା ଦିଗରେ ଧ୍ୟାନ ଦେବାକୁ ପଡୁଛି ବୋଲି କହିଛନ୍ତି। ଟ୍ରାଫିକ୍ ଥାନା ଅଧିକାରୀଙ୍କ ଏଭଳି ବେପରୁଆ ମନ୍ତବ୍ୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଏକ ପ୍ରକାର ପହସନ ବୋଲି ମନେ ହେଉଛି।

### ବଜ୍ରଗିରି ଜୁନିୟର କଲେଜର ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଧର୍ମଶାଳା,୯।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ କୋଟପୁରସ୍ଥିତ ବଜ୍ରଗିରି ଜୁନିୟର କଲେଜରେ ୧୨ଦିନ ବ୍ୟାପୀ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନ ଉତ୍ସବକୁ କଲେଜ ଅଧକ୍ଷ ପରମାନନ୍ଦ ସାମଲ ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ବିରଜା ଜୁନିୟର କଲେଜର ଅଧକ୍ଷ ଅଖିଳ ମୋହନ ପାଢୀ ଓ ଅତିଥି ଭାବେ କୋଟପୁର ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ ପଣ୍ଡା ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣ ମାଧ୍ୟମରେ ସାହାସୀ ହୋଇ ଜୀବନ ସଂଗ୍ରାମରେ ନିଜକୁ ଯୋଗ୍ୟ ପ୍ରମାଣିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ପତିତପାବନ ବଳସାମନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅନନ୍ତ କିଶୋର ମହାନ୍ତି, ପ୍ରୋଗ୍ରାମ କୋଅର୍ଡିନେଟର ସନ୍ତୋଷ କୁମାର ଦାସ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଯାଜପୁର ଏନ୍‌ସି କଲେଜର ଛାତ୍ରୀ ଜ୍ୟୋତ୍ସ୍ନା ନନ୍ଦ ପ୍ରଶିକ୍ଷିକା ଭାବେ ଯୋଗଦେଇ ୧୦୮ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

■ ଦ୍ୱିତୀୟ ଦିବସରେ ଗାୟତ୍ରୀ ମହାଯଜ୍ଞ

## ଦୀକ୍ଷା ଗ୍ରହଣକଲେ ଶତାଧିକ ଭକ୍ତ

ରସୁଲପୁର,୯।୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ଐତିହାସିକ ନାରାୟଣଗୋସାଇଁଙ୍କ ପୀଠ ଓ ଚଳନ୍ତି ପ୍ରତିମା ପ୍ରଭୂ ମଦନମୋହନୀ ଜୀଉଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ନବକୁଣ୍ଡୀୟ ଗାୟତ୍ରୀ ଓ ଦୀପଦାନ ମହାଯଜ୍ଞର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସରେ ଶତାଧିକ ମହିଳାପୁରୁଷ ଭକ୍ତ ଗାୟତ୍ରୀ ଦୀକ୍ଷାରେ ଦିକ୍ଷିତ ହୋଇଛନ୍ତି। ଯଜ୍ଞ କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ଥିବା ପଣ୍ଡିତମାନେ ଭକ୍ତମାନଙ୍କୁ ବ୍ରତ ଓ ମନ୍ତ୍ର ପ୍ରଦାନ କରି ଦୀକ୍ଷିତ କରାଇଛନ୍ତି। ଦିକ୍ଷିତମାନଙ୍କୁ ନେଇ ଯୁବା ମଣ୍ଡଳ ଓ ଯୁବ ବିଚାରମଞ୍ଚ ଗଠନ କରାଯାଇଛି। ଏହି ଅବସରରେ ବ୍ରତଧାରୀମାନଙ୍କ ଦ୍ୱାରା ପ୍ରଭାତ ପରିକ୍ରମା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।



ନାରାୟଣ ଗୋସାଇଁଙ୍କ ପୀଠରେ ଆୟୋଜିତ ଗାୟତ୍ରୀ ମହାଯଜ୍ଞ।

ଯାଜ୍ଞିକ ପଣ୍ଡିତମାନେ ମନ୍ତ୍ର ଉଚ୍ଚାରଣ ପୂର୍ବକ ଯଜ୍ଞ କୁଣ୍ଡରେ ୧୦୦୮ ଆହୂତି ପ୍ରଦାନ କରିଥିଲେ। ସନ୍ଧ୍ୟା ସମୟରେ ଆରତୀ ଉତ୍ସବରେ ମହିଳାଙ୍କ ଉପସ୍ଥିତି ପରିବେଶକୁ ବେଶ୍ ମନୋରମ କରିଥିଲା । ମା'ମାନଙ୍କ ହୁଳହୁଳି ଧ୍ୱନିରେ ଯଜ୍ଞ ସ୍ଥଳ କମ୍ପି ଉଠିଥିଲା। ଆରତୀ ଉତ୍ସବରେ ଯୋଗଦେଇଥିବା ଶତାଧିକ ମହିଳା ୨୦୦୮ ଦୀପ ଦାନ କରିଥିଲେ। ଦୀପର ଆଲୋକରେ ଯଜ୍ଞସ୍ଥଳ ଆଲୋକିତ ହୋଇଯାଇଥିଲା। ଆରତୀ ଉତ୍ସବ ପରେପରେ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରବଚକ ବୀରେନ୍ଦ୍ର କୁମାର ପଣ୍ଡା ପ୍ରବଚନ ପ୍ରଦାନ କରିବା ପୂର୍ବକ ଜ୍ଞାନଯଜ୍ଞକୁ ପରିଚାଳନା କରିଥିଲେ।

### ଜାରକାରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଧର୍ମଶାଳା,୯।୨(ଡି.ଏନ୍.ଏ.)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଧର୍ମଶାଳା ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଟକର ଭାରତୀୟ ଏକାଡେମୀ ଟ୍ରଷ୍ଟ ଆୟୋଜନକ୍ରମେ ଚଣ୍ଡିଖୋଲ ପରିବହନ ବିଭାଗ, ଧର୍ମଶାଳା ପୋଲିସ ଓ ଧର୍ମଶାଳା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ମିଳିତ ସହ ଯୋଗରେ ଏହି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଜିଲା ସଂଯୋଜକ ଲକ୍ଷ୍ମୀ ଖମାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ଶକ୍ତି ସୁଗାର୍ସର ଜୋନାଲ ମ୍ୟାନେଜର ଜୟପାଲ ଖମାରୀ ପ୍ରମୁଖ ସଡ଼କ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକ ଅର୍ଜୁନ ଚରଣ ପୃଷ୍ଟି, କରୁଣାକର ବରାଳ ଓ ସୁନାକର ସାହୁ, ଅଧ୍ୟାପକ ଜୟନ୍ତ କୁମାର ସାହୁ, ପୋଲିସ ଅଧିକାରୀ ଜହରା ବେଦିନ ଓ ରାଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ କଲେଜ ଛାତ୍ରୀଛାତ୍ର, ଆରଟିଓ ଓ ପୋଲିସ କର୍ମଚାରୀଙ୍କୁ ନେଇ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ବଜାର ପରିକ୍ରମାବେଳେ ହେଲ୍‌ମେଟ ପିନ୍ଧିଥିବା ବାଇକ ଚାଳକଙ୍କୁ ଗୋଲାପ ଫୁଲ ଉପହାର ଦିଆଯାଇଥିଲା। ବାଇକ ଓ କାର ଚାଳକଙ୍କୁ ସଚେତନ କରାଇଥିଲେ। ମହାବିଦ୍ୟାଳୟ ଜାତୀୟ ଯୋଜନା ଅଧିକାରୀ ପିନାକୀ ପ୍ରସାଦ ପାଣିଗ୍ରାହୀ, ଅଧ୍ୟାପକ ବିଶ୍ୱଜିତ ନାୟକ ଓ ଅଧ୍ୟାପିକା ଦେବସ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଭେଟ୍ରାନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଚଣ୍ଡିଖୋଲ ଭେଟ୍ରାନ ଚାମ୍ପିୟନ

ଚଣ୍ଡିଖୋଲ,୯।୨(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଗୁଡା ଖେଳପଡିଆଠାରେ ଚଣ୍ଡିଖୋଲ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ବିଜୟ ମାହାଲା ସ୍ମାରକୀ ମେମୋରିଆଲ ଭେଟ୍ରାନ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଯାଜପୁର ଭେଟ୍ରାନ ଓ ଚଣ୍ଡିଖୋଲ ଭେଟ୍ରାନ ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କ୍ଲବ ଉପଦେଷ୍ଟା ସମରେନ୍ଦ୍ର ମହାଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ବେଣୁଧର ପଣ୍ଡା, ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ଚଣ୍ଡିଖୋଲ ଟ୍ରାଫିକ ଥାନା ଇନ୍‌ସପେକ୍ଟର ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚଣ୍ଡିଖୋଲ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ଯାଜପୁର ସମସ୍ତ ଉଇକେଟ ହରାଇ ୧୬୦ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ସଞ୍ଜିତ ରାଉତ ଓ କ୍ଷୀରୋଦ ସେନାପତି ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ ଓ ଡିୟୁ ବିଦ୍ୟାଳୟର ଅଧକ୍ଷ ବିଶ୍ୱଜିତ ମହାପାତ୍ର ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ବିନୟ ପୃଷ୍ଟି ମ୍ୟାନ ଅଫ ଦି ମ୍ୟାଚ, ସୁକାନ୍ତ ସାହୁ ବେଷ୍ଟ ବୋଲର ଓ ମନମୋହନ ରାଉତଙ୍କୁ ବେଷ୍ଟ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା। କମିଟି ପକ୍ଷରୁ ଜିତେନ୍ଦ୍ର ମହାନ୍ତି, ସ୍ମୃତିରାଜ ବିଶ୍ୱାଳ, ପ୍ରଶାନ୍ତ ସ୍ୱାଇଁ, ସନ୍ଦୀପ ରାଉତ, ବିଭୁପ୍ରସାଦ ମାହାଲା, ଅନନ୍ତ ସ୍ୱାଇଁ, ଡମ୍ବରୁଧର ବାରିକଙ୍କ ସମେତ ସୁଗୁଡା ଗ୍ରାମର ବହୁ ଉତ୍ସାହୀ ଯୁବକ ଓ କ୍ରୀଡାବିତ ପରିଚାଳନାରେ ସହଯୋଗ କରିଥିବା ବେଳେ ଖେଳର ଧାରା ବିବରଣୀ ଦେବେନ୍ଦ୍ର ଜେନା ପ୍ରଦାନ କରିଥିଲେ।



ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ତେଲ୍‌ମୁଡେଙ୍କ ଗିରଫ ପ୍ରତିବାଦରେ ପ୍ରତୀକ ଧାରଣା

ଧର୍ମଶାଳା,୯।୨(ଡି.ଏନ୍.ଏ.)

ସାମାଜିକ କର୍ମୀ, ସମାଜ ସଂସ୍କାରକ, ଆଇଆଇଟି ପ୍ରଫେସର ଆନନ୍ଦ ତେଲ୍‌ତୁମଡେଙ୍କୁ ବେଆଇନଭାବେ ମହାରାଷ୍ଟ୍ର ସରକାର ଗିରଫ କରିବା ପ୍ରତିବାଦରେ ଶନିବାର ଧର୍ମଶାଳା ସାମାଜିକ ସମତା ଅଭିଯାନ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ସାମାଜିକ ସମତା ଅଭିଯାନ ଧର୍ମଶାଳାର ଆବାହକ କାଳନ୍ଦି ମଳିକଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଜାରକାସ୍ଥିତ ଜେମାଶୁଣୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ପରିସରରେ ଥିବା ଆମ୍ବେଡକରଙ୍କ ମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ଏଠାରେ ଆୟୋଜିତ ଏକ ପ୍ରତିବାଦ ସଭା ଓ ପ୍ରତୀକ ଧାରଣାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଅରାବଳ ପଞ୍ଚାୟତର ସରପଞ୍ଚ ନିର୍ମଳ ସାମଲ, ଦଳିତ ନେତା ରସାନନ୍ଦ ମଳିକ, ସୁରେନ୍ଦ୍ର ମଳିକ, ସୁରେଖା ମଳିକ, ଭାଗ୍ୟଧର ମଳିକ, କ୍ଷେତ୍ରବାସୀ ମଳିକ, ହୃଷୀକେଶ ମଳିକ, କୈଳାସ ମଳିକ, ବନମାଳି ମଳିକ, ଭାଗିରଥୀ ମଳିକ, ସୁବାଷ ବେହେରା, ଜଟାଧାରୀ ମଳିକ, ବଟକୃଷ୍ଣ ମଳିକ ପ୍ରମୁଖ ଯୋଗଦେଇ ଧାରଣାରେ ସାମିଲ ହୋଇଥିଲେ। ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଜାରକାରେ ଫ୍ଲାଏଓଭର ନିର୍ମାଣ ଦାବି



ଯାଜପୁର ଏମ୍‌ପି ରୀତା ତରାଇ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧର୍ମଶାଳା,୯।୨(ଡି.ଏନ୍.ଏ.)

୧୬ନଂ ଜାତୀୟ ରାଜପଥ ଜାରକାଠାରେ ଫ୍ଲାଇ ଓଭର ବ୍ରିଜ୍ ପାଇଁ ଯାଜପୁର ଏମ୍‌ପି ରୀତା ତରାଇ ଏକ ଲିଖିତ ଦାବିପତ୍ର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପ୍ରଦାନ କରିଛନ୍ତି। ତରାଇ ଗତ ୭ତାରିଖରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତୀନ ଗଡକାରୀଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ୧୬ନଂ ଜାତୀୟ ରାଜପଥ ୪ଲେନ ହେବା ବେଳେ ଜାରକାଠାରେ ଗଳିପୋଲ ହୋଇଥିଲା। ମାତ୍ର ଏଥିଯୋଗୁ ପ୍ରତ୍ୟେହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଯାହାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ଏମ୍‌ପି ତରାଇ କହିଛନ୍ତି ଯେ, ବିଭାଗୀୟ ମନ୍ତ୍ରୀ ଫ୍ଲାଏ ଓଭର ନିର୍ମାଣ ପାଇଁ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

■ ବାସଚ୍ୟୁତ କମିଟି, କମ୍ପାନୀ କର୍ତ୍ତୃପକ୍ଷ ମୁହାଁମୁହିଁ

# ବୈଠକ ବିବରଣୀରେ ଚଞ୍ଚକତା ଅଭିଯୋଗ

କଳିଙ୍ଗନଗର,୯।୨(ଡି.ଏନ୍.ଏ.)

କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ, ପ୍ରଶାସନ ଓ ବିସ୍ଥାପିତଙ୍କ ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ବୈଠକର ଆଲୋଚନା ସହ ବିବରଣୀ ମଧ୍ୟରେ ତାଳମେଳ ରହୁ ନାହିଁ। ଗତ ୨୫ତାରିଖରେ କଳିଙ୍ଗନଗର ଏଡିଏମ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିସ୍ଥାପିତ ମୃତକ ପରିବାରଙ୍କ ଉତ୍ତରାଧିକାରୀଙ୍କୁ ୨ମାସ ମଧ୍ୟରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଗତ ୫ ତାରିଖରେ ଜିଲାପାଳଙ୍କୁ ଦିଆଯାଇଥିବା ବିବରଣୀରେ ବିସ୍ଥାପିତ ପରିବାରଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷ ୨ମାସ ମଧ୍ୟରେ ବୋର୍ଡ ବୈଠକରେ ଉପସ୍ଥାପନ କରିବେ ବୋଲି ଉଲ୍ଲେଖ ରହିଛି। ଏପରି କି ଚାକିରି ପାଇ ନ ଥିବା ବିସ୍ଥାପିତ ପରିବାର ଓ ଚାକିରି ବାବଦରେ ଅର୍ଥ ନେଇଥିବା ବିସ୍ଥାପିତ ପରିବାରଙ୍କ ସମସ୍ତ ଚିକିତ୍ସା ସୁବିଧା କମ୍ପାନୀ ବହନ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। କିନ୍ତୁ ବିବରଣୀରେ ଗୁରୁତର ରୋଗୀଙ୍କ ପାଇଁ କେବଳ ଚିକିତ୍ସା ବ୍ୟବସ୍ଥା ହୋଇପାରିବ ବୋଲି ଦର୍ଶାଯାଇଛି। ଏଭଳି ବୈଠକରେ ହୋଇଥିବା ଅନେକ ଆଲୋଚନା ଓ ବିବରଣୀରେ ଚଞ୍ଚକତା କରାଯାଇଛି ବୋଲି ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ, ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ୧୫ଦଫା ଦାବି ନେଇ କାରଖାନା ଫାଟକ ସମ୍ମୁଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ଗତ ଜାନୁୟାରୀ ୧୩ତାରିଖରେ କାରଖାନା କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯାଇଥିଲା। ହେଲେ କାରଖାନା କର୍ତ୍ତୃପକ୍ଷ ଏନେଇ କମିଟି ସହ କୌଣସି ଆଲୋଚନା କରି ନ ଥିଲେ। ଫଳରେ କମିଟି ପକ୍ଷରୁ ଗତ ୨୧ତାରିଖରେ କାରଖାନାର ସମସ୍ତ ୩ଟି ଫାଟକକୁ ଅବରୋଧ କରାଯିବ ବୋଲି ନୋଟିସ ଜାରି କରିଥିଲେ। ଏହାପରେ ଗତ ୨୧ ତାରିଖରେ କଳିଙ୍ଗନଗର ଥାନାରେ ଏନେଇ ଆଲୋଚନା କରାଯାଇ ପରବର୍ତ୍ତୀ ବୈଠକ ୨୫ତାରିଖରେ ହେବାକୁ ନିର୍ଦ୍ଧାରଣ ହୋଇଥିଲା। ତଦନୁସାରେ ଜିଲା ପ୍ରଶାସନ ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସପନ ନନ୍ଦ, ଜିଲା ଶ୍ରମ ଅଧିକାରୀ ଶିବଶଙ୍କର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା, କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲାବେଳେ ନୀଳାଚଳ ପକ୍ଷରୁ ଜେନେରାଲ ମ୍ୟାନେଜର ଶିରିଶ ମହାପାତ୍ର, ଡିଜିଏମ ଗୌତମ କୁମାର ରଥ, ସିନିୟର ମ୍ୟାନେଜର କମଳେଶ ମହାପାତ୍ର ଏବଂ ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ବେଣୁଧର ନାଏକ, ବାବୁଲି ପୂର୍ତ୍ତି, ମହିରାମ ପୂର୍ତ୍ତି ଓ ମନୋଜ ଟୁଡୁଙ୍କ ସମେତ କଳିଙ୍ଗନଗର ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରତାପ ଜେନା ଉପସ୍ଥିତ ଥିଲେ। ବୈଠକରେ ବିସ୍ଥାପିତଙ୍କ ୧୫ଦଫା ଦାବି ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ନିଯୁକ୍ତି ସମସ୍ୟା ବ୍ୟତିତ ଅନେକ ଦାବି ଆର୍‌ପିଡିଏସି ବୈଠକରେ ଆଲୋଚନା ହେବ ଓ ୨୦୦୫ ବିସ୍ଥାପିତ ଓ ଥଇଥାନ(ଆର୍‌ଆର୍)ପଲିସିରେ ନାହିଁ ବୋଲି ଆଡ଼େଇ ଦିଆଯାଇଥିଲା। ୨୦୦୫ ଆର୍‌ଆର୍ ପଲିସିରେ ଘର ଭଙ୍ଗା ବାବଦକୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। କିନ୍ତୁ ଅନ୍ୟ କ୍ଷେତ୍ରରେ ୨୦୦୫ ଆରଆର ପଲିସି କାହିଁକି ଲାଗୁ ହେଉ ନାହିଁ ବୋଲି କମିଟି ଦାବି କରିଛି। ନୀଳାଚଳ ବିସ୍ଥାପିତ କମିଟିର ସଭାପତି ବେଣୁଧର ନାଏକ କହିଛନ୍ତି ବୈଠକର ବିବରଣୀ ଆଲୋଚନା ଅନୁସାରେ ପ୍ରସ୍ତୁତ ହୋଇନାହିଁ। ନୀଳାଚଳ ବୋର୍ଡର ଆଳ ଦେଖାଇ ନିଯୁକ୍ତି ନ ଦେବାକୁ ସମୟ ଗଡାଇବାକୁ କର୍ତ୍ତୃପକ୍ଷ ଉଦ୍ୟମ କରୁଛନ୍ତି। ପୂର୍ବରୁ ଆର୍‌ପିଡିଏସସି ବୈଠକର ନିଷ୍ପତ୍ତି ଅନୁସାରେ ନୀଳାଚଳ ବୋର୍ଡରେ ମୃତକଙ୍କ ପରିବାର ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲା। ସେହି ନିଷ୍ପତ୍ତି ଅନୁସାରେ ୧୮ଜଣଙ୍କୁ ନିଯୁକ୍ତି ମିଳିଛି। କିନ୍ତୁ ଏବେ ବାକି ୧୫ଜଣ ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ଦେବାକୁ ବୋର୍ଡ ଯିବା ଏକ ହାସ୍ୟାସ୍ପଦ। ବିବରଣୀ ବିଳମ୍ବରେ ପ୍ରସ୍ତୁତ ହୋଇଥିବାବେଳେ ବୈଠକରେ ଉପସ୍ଥିତ ସମସ୍ତଙ୍କ ସ୍ୱାକ୍ଷର ନାହିଁ। ତେଣୁ ଏଥିରେ ଚଞ୍ଚକତା କରାଯାଇଥିବା ସନ୍ଦେହ କରାଯାଉଛି। ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଡିଏମ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ବୈଠକରେ ଯାହା କିଛି ଆଲୋଚନା ଓ ନିଷ୍ପତ୍ତି ହୋଇଛି ତାହା ହିଁ ବିବରଣୀରେ ଦର୍ଶାଯାଇଛି। ଯେହେତୁ ନୀଳାଚଳ କମ୍ପାନୀ ଏକ ସରକାରୀ ସଂସ୍ଥା ତେଣୁ ବୋର୍ଡରେ ଉପସ୍ଥାପନ କରିବା ନିହାତି ଜରୁରି ବୋଲି କମ୍ପାନୀ କର୍ତ୍ତୃପକ୍ଷ ବୈଠକରେ ଜଣାଇଥିଲେ ବୋଲି ମିଶ୍ର କହିଛନ୍ତି।

**ବୋର୍ଡର ଆଳ ଦେଖାଇ ଦିନ ଗଡ଼ାଇବାକୁ ମସୁଧା**

## ସଂକ୍ଷେପରେ

### ସାନପଦରରେ ନିଯୁକ୍ତି ମେଳା



**ବୋଲଗଡ଼,୯।୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତ କାର୍ଯ୍ୟାଳୟଠାରେ ଶନିବାର ବ୍ଲକସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାର ଏହି କାର୍ଯ୍ୟକ୍ରମ ଓଡିଶା ଜୀବିକା ମିଶନ ପକ୍ଷରୁ ଆୟୋଜିତ ହୋଇଥିଲା। ନିଯୁକ୍ତି ମେଳାରେ ସ୍ଥାନୀୟ ଅଞ୍ଚଳରୁ ୧୬୧ଜଣ ଶିକ୍ଷିତ ବେକାର ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କୁ ତାଲିମ ଦେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଏହି ମେଳାରେ ୬ ସଂସ୍ଥାର କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ ପ୍ରୋଗ୍ରାମ ଅଧିକାରୀ ପ୍ରକାଶ ବଳିୟାରସିଂହ ଓ ଦକ୍ଷତା ବିକାଶ ସଂଯୋଜକ ବିମଳ କୁମାର ଦାଶଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପାଇଁ ୬.୫ କୋଟି

**ଖଣ୍ଡପଡା,୯।୨(ସ୍ୱ.ପ୍ର.):** ବିଶ୍ୱବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣିସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡାଠାରେ ଏକ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ୬.୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଖଣ୍ଡପଡା ସହରର ଉମାଦେବୀ ଛକ ନିକଟରେ ନୂତନ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଥିବା ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ନୂତନ ବିଜ୍ଞାନ କେନ୍ଦ୍ର ତୁରନ୍ତ ନିର୍ମାଣ ନିମନ୍ତେ ବିଧାୟକ ଅନୁଭବ ପଟ୍ଟନାୟକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଭୁବନେଶ୍ୱରସ୍ଥିତ ଇଡ୍‌କୋ କର୍ତ୍ତୃପକ୍ଷଙ୍କ ଉପରେ ବିଜ୍ଞାନ କେନ୍ଦ୍ର ନିର୍ମାଣ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଖଣ୍ଡପଡା ସହର ଉପକଣ୍ଠରେ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ନିକଟରେ ନୂତନ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ନିମନ୍ତେ ୧୫ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜାଗା ଚିହ୍ନଟ କରାଯାଇଥିଲେ ହେଁ ଜମିଅଧିଗ୍ରହଣ କାର୍ଯ୍ୟ ଅଦ୍ୟାବଧି କରାଯାଇ ନ ଥିବାରୁ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠାରେ ଅଯଥା ବିଳମ୍ବ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉକି, ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ୫୭ କୋଟି ଟଙ୍କା ମଞ୍ଜୁର କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଖଣ୍ଡପଡା ଠାରେ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ହେଲେ ଖଣ୍ଡପଡା, ଭାପୁର, ଗଣିଆ ପ୍ରଭୃତି ୩ଟି ବ୍ଲକ ଅଞ୍ଚଳବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି ଜଣାପଡିଛି। ବିଧାୟକଙ୍କ ପ୍ରଚେଷ୍ଟା କ୍ରମେ ଖଣ୍ଡପଡା ଠାରେ ଉପରୋକ୍ତ ୨ଟି ବୃହତ୍ ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଥିବାରୁ ଏ ନେଇ ଅଞ୍ଚଳବାସୀଙ୍କ ମଧରେ ଆନନ୍ଦ ପ୍ରକାଶ ପାଇଛି।

# ସିଂହଦ୍ୱାରରେ ମାଡ଼ିଲା ଡ୍ରେନ ପାଣି

**ପୁରୀ ଅଫିସ, ୯।୨**

**ବ୍ୟାରିକେଡରେ ବି ପଶିଲା, ଭକ୍ତ ଅସନ୍ତୋଷ**



ଶ୍ରୀମନ୍ଦିର ସମ୍ମୁଖରେ ଆବର୍ଜନା ପାଣି ମାଡ଼ି ଶ୍ରଦ୍ଧାଳୁ ଯାଉଛନ୍ତି ।

ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଶ୍ରୀମନ୍ଦିର ଆସିଥାନ୍ତି। ସକାଳ ହେଲେ ଭକ୍ତଙ୍କ ଗହଳିରେ ଉଛୁଳିପଡ଼େ ସିଂହଦ୍ୱାର। ସେହିପରି ଅଣହିନ୍ଦୁ ଭକ୍ତ ସିଂହଦ୍ୱାରରୁ ପତିତପାବନଙ୍କୁ ଦର୍ଶନ କରିଥାନ୍ତି। ଏଥିସହ ସିଂହଦ୍ୱାରରେ ମୁଣ୍ଡିଆ ମାରି ଫେରିଥାନ୍ତି। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଏହି ସିଂହଦ୍ୱାରରେ ଶନିବାର ଅପରାହ୍ଣରେ ଦେଖିବାକୁ ମିଳିଥିଲା ଭିନ୍ନ ଦୃଶ୍ୟ। ଡ୍ରେନ୍ ପାଣିରେ ସମ୍ପୂର୍ଣ୍ଣ ଭିଜି ଯାଇଥିଲା ଏହି ଅଞ୍ଚଳ। ପବିତ୍ର ସିଂହଦ୍ୱାରରେ ମାଡିଥିଲା ଅପବିତ୍ର ପାଣି। ଏପରି କି ଭକ୍ତଙ୍କ ପ୍ରବେଶ ବ୍ୟାରିକେଡରେ ମଧ ନଳା ପାଣି ପଶିଥିଲା। ସିଂହଦ୍ୱାର ସମ୍ମୁଖରେ ଥିବା ଡ୍ରେନ୍ ଚୋକ୍ ହୋଇଯାଇଥିବାରୁ ମଇଳା ପାଣି ମାଡିଥିଲା। ଏହାକୁ ନେଇ ସେଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିରକୁ ଆସିଥିବା ଶ୍ରଦ୍ଧାଳୁ ଏହା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସ୍ଥାନୀୟ ଦୋକାନୀ ଏବଂ ଲୋକେ ମଧ ସିଂହଦ୍ୱାର ସମ୍ମୁଖରେ ନଳାପାଣିର ଧାର ଛୁଟୁଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ଡ୍ରେନ୍ ପାଣି ମାଡିଥିଲା। ଖବର ପାଇଁ ପୌରସଂସ୍ଥା ସଫେଇ କର୍ମଚାରୀ ପହଞ୍ଚି ଚୋକ୍ ହୋଇଥିବା ସ୍ଥାନକୁ ସଫା କରିଥିଲେ। ଏକ ଯୋଡେଇ ଜାଗାରେ ପ୍ଲାଷ୍ଟିକ ବୋତଲ, ଜରି ପ୍ରଭୃତି ଲାଗି ଚୋକ୍ ହୋଇଯିବାରୁ ଏଭଳି ସ୍ଥିତି ଉପୁଜିଥିଲା । ସଫେଇ କର୍ମଚାରୀ ଏହାକୁ ସଫା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା ।

ଦ୍ୱିତୀୟ ଶନିବାର ଯୋଗୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଶନିବାର ଅପରାହ୍ଣ ପ୍ରାୟ ୫ଟା। ସିଂହଦ୍ୱାର ବ୍ୟାରିକେଡ ଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରୁଥାନ୍ତି। ଏହି ସମୟରେ ସିଂହଦ୍ୱାରରେ ଦେଖିବାକୁ ମିଳିଥିଲା ଏକ ଅପ୍ରୀତିକର ଦୃଶ୍ୟ। ଧୀରେ ଧୀରେ ଡ୍ରେନ୍ ପାଣି ସିଂହଦ୍ୱାର ଆଡକୁ ମାଡ଼ିଥିଲା। ପରେ ଅରୁଣସ୍ତମ୍ଭ କଡ଼ରେ ଡ୍ରେନ ପାଣି ଭାସିଲା। କେହି ସତର୍କତାର ସହ ବ୍ୟାରିକେଡ ଅତିକ୍ରମ କରିବାକୁ ଚେଷ୍ଟା କରୁଥିଲେ ତ ପୁଣି କେହି ନାକରେ ହାତ ଦେଇ ଯାଉଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ରଥଯାତ୍ରା ସମୟରେ ପୁରୀର ପରିମଳ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଡ୍ରେନ୍ ସଫା ଓ ମରାମତି ଠିକ୍ ଭାବେ ହେଉ ନାହିଁ। ଫଳରେ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥିତି ଏମିତି ହୋଇଛି ଯେ, ଅସରାଏ ବର୍ଷା ବଡ଼ଦାଣ୍ଡକୁ ବୁଡ଼ାଇ ଦେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରୀ**
**ଯେଣିକି ଚାହିଁଲେ ତୋହରି କଥା ମୁଁ**
**ଭାବି ଭାବି ଯାଏ ବତୁରି ।**

ଯେ ଯାହାକୁ ମନପ୍ରାଣ, ହୃଦୟ ଦେଇ ଭଲ ପାଉଥାଏ, ସେ ତାହାକୁ ସବୁବେଳେ ଝୁରି ହେଉଥାଏ। ଶୟନେ ସ୍ୱପନେ ଜାଗରଣେ କେବଳ ତାହାରି କଥା ଭାବି ହେଉଥାଏ। ଆଖି ଆଗରେ କେବଳ ତାହାରି ମୁହଁ ନାଚି ଯାଉଥାଏ। ପ୍ରେମୀର ସାନ୍ନିଧ୍ୟ ପାଇବା ଆଶାରେ ଭାବି ଭାବି ଅଭିଭୂତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ ଚୋର ଚିହ୍ନେ**
**ପୁରୁଣା ଚୋରକୁ ଚଉକିଆ ଚିହ୍ନେ ।**

ଚୋରର ହାବଭାବ, ଚାଲିଚଳଣ ତଥା ମତିଗତି ଆଉ ଗୋଟିଏ ଚୋର ପାଖରେ ଅଛପା ରହି ନ ଥାଏ। ଯିଏ ଚୋର ସିଏ ଆଉ ଗୋଟିଏ ଚୋରକୁ ଅତି ସହଜରେ ଜାଣିପାରିଥାଏ। ସେହିପରି ପୁରୁଣାରୁ ପୁରୁଣା ଚୋରକୁ କେବଳ ପୋଲିସ ହିଁ ବିନା ଦ୍ୱିଧାରେ ଚିହ୍ନିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ବ୍ୟବସାୟୀଙ୍କୁ ବନ୍ଧୁକରେ ପିଟି ସୁନା ଅଳଙ୍କାର ଲୁଟ୍

**ଖଣ୍ଡପଡା,୯।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା କଣ୍ଟିଲୋ ଫାଣ୍ଡି ଅଞ୍ଚଳରେ ଶନିବାର ରାତି ୮ଟାରେ ଜଣେ ସୁନା ବ୍ୟବସାୟୀଙ୍କଠାରୁ ପ୍ରାୟ ୪୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ବନ୍ଧୁକରେ ପିଟି ଅଳଙ୍କାର ସହ ସ୍କୁଟି ଛଡାଇ ନେଇଛନ୍ତି।

କଣ୍ଟିଲୋ ପଞ୍ଚାୟତ ବିଦୁର ବେହେରା ପାଟଣା ଗ୍ରାମର ଅମିତ କୁମାର ସାହୁ ସ୍ଥାନୀୟ ଯାତ୍ରାପଡା ବଜାରରେ ଅଳଙ୍କାର ଦୋକାନ ଦେଇଛନ୍ତି । ରାତି ପ୍ରାୟ ୮ଟାରେ ସେ ଦୋକାନ ବନ୍ଦ କରି ସମସ୍ତ ସୁନା ଗହଣା ଓ ଟଙ୍କା ବ୍ୟାଗରେ ରଖି ସ୍କୁଟିରେ ଘରକୁ ଫେରୁଥିଲେ। ଅମିତଙ୍କ ବାପା ଅଜୟ ମଧ୍ୟ ତାଙ୍କ ବାଇକରେ ଆଗରେ ଯାଉଥିଲେ। ବାପ ପୁଅ ଆଗ ପଛ ହୋଇ ଫେରିବା ସମୟରେ ପୂର୍ବରୁ ଯୋଜନା ବଦ୍ଧ ଭାବେ ୨ଟି ବାଇକରେ ମୁହଁରେ ମୁଖା ପିନ୍ଧି ୫ଜଣ ଦୁର୍ବୃତ୍ତ ଅପେକ୍ଷା କରି ରହିଥିଲେ। ସେମାନେ ଘରଠାରୁ ପ୍ରାୟ ୩ଶହ ଫୁଟ ଦୂର ହେବ ଚଣ୍ଡୀମନ୍ଦିର ପୂର୍ବରୁ ଅଜୟଙ୍କୁ ଧକ୍କା ଦେବାରୁ ସେ ତଳେ ଖସି ପଡିଥିଲେ। ପଛରେ ପୁଅ ଅମିତ ଆସି ସେଠାରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ଏକ ବନ୍ଧୁକରେ ବାଡେଇ କ୍ଷତାକ୍ତ କରିବା ସହ ତାଙ୍କ ସ୍କୁଟି ଓ ସେଥିରେ ଥିବା ପ୍ରାୟ ୧୩ ଶହ ଗ୍ରାମର ସମସ୍ତ ଗହଣାକୁ ନେଇ ଚମ୍ପଟ ମାରିଥିଲେ। ସଙ୍ଗେ ସଙ୍ଗେ ବାପ ପୁଅ କଣ୍ଟିଲୋ ସରକାରୀ ଡ଼ାକ୍ତରଖାନାକୁ ପ୍ରାଥମିକ ଚିକିତ୍ସା ପାଇଁ ଆସିବା ସହ ଘଟଣା ସମ୍ପର୍କରେ ଫାଣ୍ଡି ପୋଲିସକୁ ଅବଗତ କରିଥିଲେ । ଫାଣ୍ଡି ଅଧିକାରୀ ରଘୁନାଥ ଷଡଙ୍ଗୀ ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଖଣ୍ଡପଡା ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ ମଧ ଅନୁସନ୍ଧାନ ଜାରି ରଖିଥିବା ଜଣାଯାଇଛି।

## ରେଡ୍‌କ୍ରସ୍ ତରଫରୁ ସଡ଼କ ସୁରକ୍ଷା ସପ୍ତାହ

**ଓଡ଼ଗାଁ, ୯।୨(ସ୍ୱ.ପ୍ର.):** ଓଡଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ରେଡ୍‌କ୍ରସ୍ ଶାଖା ତରଫରୁ ଶନିବାର ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ଣରେ କଲେଜ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହିତ କଲେଜରେ ଏକ ସଚେତନତା ସଭାରେ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ ଅଧାପକ ବାବାଜୀ ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧାପକ ତଥା ରେଡକ୍ରସ ଜିଲା ସଂଯୋଜକ ଆଦିତ୍ୟ ମିଶ୍ର ମୁଖ୍ୟ ଅତିଥି, ସ୍ଥାନୀୟ ଆଦର୍ଶ ଥାନା ସେକେଣ୍ଡ ଅଫିସର ବଂଶୀଧର ବିଶ୍ୱାଳ ମୁଖ୍ୟବକ୍ତା, ଖବରଦାତା ଅଶୋକ କୁମାର ମହାପାତ୍ର, ଆଦର୍ଶ ପଟ୍ଟନାୟକ ଓ ସାରସ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

## ଆନ୍ତଃ ଜିଲା ରଗ୍‌ବୀ ଫୁଟ୍‌ବଲ ଉଦ୍‌ଘାଟିତ

**ରଣପୁର,୯।୨(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ବାଘସାମନ୍ତ ପଡିଆରେ ଶନିବାର ୫ମ ଆନ୍ତଃ ଜିଲା ସେଭେନ୍ସ ମହିଳା ଓ ପୁରୁଷ ରଗ୍‌ବୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ୨୪ଟି ଜିଲାରୁ ୪୩୨ଜଣ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରଥମଥର ପାଇଁ ଏଠାରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଥିବାରୁ ଖେଳପ୍ରେମୀଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସ୍ଥାନୀୟ ବାଘସାମନ୍ତ ପଡିଆରେ ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ର ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ନୟାଗଡ ଡିଏସ୍‌ପି ରାମଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରିଣୀ ସୁଜାତା ସାହୁ, ରଣପୁର ବି.ସି. ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ବେହେରା, ରଣପୁର ପୂର୍ବତନ ବ୍ଲକ ଅଧକ୍ଷ ପ୍ରଭାତ କୁମାର ଦଳବେହେରା,



ରଗ୍‌ବୀ ଫୁଟବଲ ଖେଳର ଏକ ଦୃଶ୍ୟ।

ଥାନା ଅଧିକାରୀ ବୈଦ୍ୟନାଥ ଭୋଇ, ବ୍ଲକ୍ ଅଧାକ୍ଷା ନିରୁପମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ନୟାଗଡ ରଗ୍‌ବୀ ଆସୋସିଏଶନ୍‌ର ସମ୍ପାଦକ ମଦନ ମୋହନ ରାଉତରାୟଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ପ୍ରଥମ ଦିବସରେ ପୁରୁଷ ବିଭାଗ ଭୁବନେଶ୍ୱର କିସ୍ ୧୪-୦ରେ ବାଲେଶ୍ୱରକୁ, ଭୁବନେଶ୍ୱର ୨୭-୦ରେ ନୟାଗଡକୁ, ମୟୂରଭଞ୍ଜ ୨୯-୦ରେ ଖୋର୍ଦ୍ଧାକୁ, ଯାଜପୁର ୨୨-୦ରେ ଭଦ୍ରକକୁ ହରାଇଥିଲା ବେଳେ ମହିଳା ଟୁର୍ନାମେଣ୍ଟରେ ଭୁବନେଶ୍ୱର କିସ୍ ୨୨-୦ରେ ଭଦ୍ରକକୁ, ବାଲେଶ୍ୱର ୫-୦ରେ ଯାଜପୁରକୁ, ଭୁବନେଶ୍ୱର ୧୭-୦ରେ କେନ୍ଦ୍ରାପଡାକୁ, ନୟାଗଡ ୧୫-୨ରେ ପୁରୀକୁ ପରାସ୍ତ କରିଥିଲା । କୋଚ୍ ଧିରେନ୍ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ରେଫରି ସୁରେନ୍ଦ୍ର ଜେନା, ଦିବ୍ୟ ରଞ୍ଜନ ଦାସ, ବୁଦ୍ଧଦେବ ପ୍ରଧାନ, ହାପି ମାଝି, ମୁନା ମୁର୍ମୁ ପ୍ରମୁଖ ଟୁର୍ନାମେଣ୍ଟକୁ ପରିଚାଳନା କରୁଥିଲେ। ଟୁର୍ନାମେଣ୍ଟକୁ ରବିନାରାୟଣ ରାୟ, ଭରତ ସାହୁ, ସ୍ୱରାଜ ମହାନ୍ତି ପ୍ରମୁଖ ନିର୍ବାହ କରୁଥିଲେ । ପ୍ରତ୍ୟେକ ଦଳ ମଧରେ ୭ଜଣ ଖେଳାଳି ଖେଳୁଥିଲେ ମଧ ଦୁଇଟି ଦଳ ମଧରେ ୧୪ ମିନିଟ୍ ଧରି ଖେଳ ଅନୁଷ୍ଠିତ ହୋଇଥିଲା । ରବିବାର ଏହାର ସେମିଫାଇନାଲ ଓ ଫାଇନାଲ୍ ଖେଳ ଅନୁଷ୍ଠିତ ହେବ। ଖେଳର ଧାରା ବିବରଣୀ ଦେଇଥିଲେ ପଣ୍ଡିତ ରଘୁନାଥ ମୁର୍ମୁ କଲେଜର ଅଧାପକ ଅଶୋକ କୁମାର ସାହୁ।

### ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ

# କେସିସି ଟାଇଟଲ ବିଜୟୀ

**ଗଣିଆ,୯।୨(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକର ଗଣିଆସ୍ଥିତ ମହାବୀର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୩ତମ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ମ୍ୟାଚରେ ବାଙ୍କୀ ଆଥଲେଟିକ ଆସୋସିଏଶନକୁ ୩୮ରନ୍‌ରେ ହରାଇ କେସିସି (ଖୋର୍ଦ୍ଧା କ୍ରିକେଟ କ୍ଲବ) ଟାଇଟଲ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ପ୍ରଥମେ ଟସ୍ ଜିଣି କେସିସି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ କେସିସି ୪ ଉଇକେଟ ବିନିମୟରେ ୨୪୯ ରନ୍ ସଂଗ୍ରହ କରିଥିଲା । ଜବାବରେ ବାଙ୍କୀ ଆଥଲେଟିକ ଆସୋସିଏଶନ୨୦ ଓଭରରେ ୯ ଉଇକେଟ ବିନିମୟରେ ୨୧୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ଆୟୋଜକ କମିଟିର ସଭାପତି ଦେବାନନ୍ଦ ଦାଶ ସଭାପତିତ୍ୱ କରିଥିଲେ। ଏହି ସଭାରେ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା,



ଅତିଥିମାନଙ୍କଠାରୁ ଚାମ୍ପିୟନ ଦଳ ପୁରସ୍କାର ଗ୍ରହଣ କରୁଛନ୍ତି।

ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ସରପଞ୍ଚ ସସ୍ମିତା ଲେଙ୍କା, ସମିତିସଭ୍ୟା ସନ୍ଧ୍ୟାରାଣୀ ସାହୁ, ଗ୍ରାମ ସଭାପତି ଖଗେଶ୍ୱର ବେହେରା, ଶିକ୍ଷାବିତ୍ ଅଖିଳ ହୋତା,ମଧୁସୂଦନ ଦାଶ ଓ ନରସିଂହ ବସ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସେଠୀ ଅନୁଷ୍ଠାନର ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଚାମ୍ପିୟନ କେସିସି ଖୋର୍ଦ୍ଧା ଟିମ୍‌କୁ ଟ୍ରଫି ସହ ନଗଦ ୧୧ହଜାର ୧ଶହ ୧୧ଟଙ୍କା ଓ ଗଣିଆ ବ୍ଲକ ଅଧ୍ୟକ୍ଷ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ୮ହଜାର ୮ଶହ ୮୮ ଟଙ୍କା ପୁରସ୍କୃତ କରିଥିଲେ । ସେହିପରି ଚାମ୍ପିୟନ ଦଳର ଗିରିଶ ନାୟକଙ୍କୁ ମ୍ୟାନ୍ ଅଫ ଦି ସିରିଜ ଓ ଟୁନୁ ଖଟୁଆଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ପ୍ରଫୁଲ୍ଲ କୁମାର ମହାରଣା ଓ ତ୍ରିଲୋଚନ ବସ୍ତି ଖେଳ ପରିଚାଳନା କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ମେଡିକାଲ ପରିସରରୁ ହଟିଲା ଅଟୋ

**ନୟାଗଡ଼ ଅଫିସ,୯।୨**

**ଧରିତ୍ରୀ ପ୍ରଭାବ**

ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ପାଲଟିଛି ପାର୍କିଂ ସ୍ଥଳ। ଏଠାରେ ବିଶେଷ କରିଅଟୋ ଓ ଘରୋଇ ଆମ୍ବୁଲାନ୍ସ ପାର୍କିଂ କରାଯାଉଥିବାରୁ ରୋଗୀଠାରୁ ଆରମ୍ଭ କରି ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଫଟୋ ସମ୍ବଳିତ ଖବର ଶନିବାର କେବଳ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ଦେଖାଦେଇଥିଲା। ସାଢ଼େ ୩ମାସ ଧରି ଚଢ଼ାଉ କରାଯାଉ ନ ଥିବାବେଳେ ଶନିବାର ସକାଳେ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ମେଡ଼ିକାଲ୍ ପରିସରରୁ ଅଟୋଗୁଡ଼ିକୁ ବାହାର କରିଥିଲେ। ଆଗାମୀ ଦିନରେ ମେଡ଼ିକାଲ୍ ପରିସରରେ ଅଟୋ ରହିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏହି ସ୍ଥିତି କେତେଦିନ ଜାରି ରହୁଛି ତାହା ଦେଖିବାକୁ ବାକି ରହିଛି।



ପରିବହନ କାର୍ଯ୍ୟାଳୟ ତରଫରୁ ଅଟୋଗୁଡ଼ିକୁ ମେଡ଼ିକାଲ୍ ପରିସରରୁ ବାହାର କରାଯାଉଛି।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ପୁରୀ ରାମକୃଷ୍ଣ ମିଶନ ଆଶ୍ରମରେ ଆସନ୍ତା ଶିକ୍ଷାବର୍ଷ (୨୦୧୯-୨୦) ଅଷ୍ଟମ ଶ୍ରେଣୀ ଏବଂ ନବମ ଶ୍ରେଣୀରେ (limited seats) ଆଦିବାସୀ ଛାତ୍ର ଗ୍ରହଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଜମା କରିବା ଶେଷ ତାରିଖ: ୧୦।୦୩।୨୦୧୯
ଫୋନ: ୦୬୭୫୨-୩୩୨୪୦୭

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୦ ଫେବୃୟାରୀ, ୨୦୧୯



ଯେତେଦିନ ପର୍ଯ୍ୟନ୍ତ ତୁମେ ବଞ୍ଚିଛ,
କିପରି ବଞ୍ଚିବାକୁ ହୁଏ ଶିକ୍ଷା କର।
- ସେନେକା



## ସଂକ୍ଷେପରେ

### ବାର୍‌ହା ମାଂସ ଜବତ: ୪ ଗିରଫ

ଓଡ଼ଗାଁ, ୯।୨(ସ୍ୱ.ପ୍ର.): ନୟାଗଡ଼ ବନଖଣ୍ଡ ଓ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବାଣ୍ଟପୁର ଗ୍ରାମ ନିକଟ ଆମ୍ବତୋଟାରୁ ବିଭାଗୀୟ ଅଧିକାରୀମାନେ ୧୦ କେଜିରୁ ଊର୍ଦ୍ଧ୍ୱ ବାର୍‌ହା ମାଂସ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ବାଣ୍ଟପୁର କୁକୁଡା ଫାର୍ମ ନିକଟ ଆମ୍ବତୋଟାରେ କେତେ ଜଣ ବ୍ୟକ୍ତି ଜଙ୍ଗଲୀ ମାଂସ କାଟୁଥିବା ସୂଚନା ପାଇଥିଲେ। ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ପଣ୍ଡା, ବନପାଳ ଜ୍ୟୋତିରଞ୍ଜନ ମାନସିଂ ସଦଳବଳ ଉକ୍ତ ସ୍ଥାନରେ ଚଢାଉ କରି ବାର୍‌ହା ମାଂସ କାଟି ଭାଗ ବାଣ୍ଟୁଥିବା ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୨ରୁ ୩ଜଣ ଫେରାର ହୋଇଯାଇଥିଲେ। ଗିରଫମାନେ ହେଲେ ବାଣ୍ଟପୁର ପଞ୍ଚାୟତ କନ୍ଦନୂଆପଲ୍ଲୀ ଗ୍ରାମର ଗୋବିନ୍ଦ ନାୟକ(୩୧), ତ୍ରିନାଥ ନାୟକ(୨୭), ଯୁଗଳ କିଶୋର ନାୟକ(୩୮) ଓ ନିକଟସ୍ଥ ନେପାଳ ଗ୍ରାମର ବସନ୍ତ ଜାନି (୪୨)। ବିଭାଗୀୟ ଅଧିକାରୀ ମାଂସ କଟାରେ ବ୍ୟବହୃତ ଦୁଇଟି ଛୁରି ଓ ୧୦ କେଜିରୁ ଊର୍ଦ୍ଧ୍ୱ ମାଂସ ଜବତ କରିଥିଲେ। ଜବତ ମାଂସ ମାଟିରେ ପୋତିଦିଆଯାଇଥିବା ବେଳେ ସେମାନଙ୍କ ବିରୋଧରେ ୧୦୫/୧୮-୧୯ରେ ଏକ ମକଦ୍ଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିଲା । ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି । ବନାଞ୍ଚଳ ଅଧିକାରୀ ଓ ବନପାଳଙ୍କ ସହିତ ବନରକ୍ଷୀ ପବିତ୍ର କୁମାର ପରିଡା, ଅଶୋକ ମୁଦୁଲି, ମାନସ ମେହେର ଓ ସନ୍ତୋଷ ପରିଡା ଚଢାଉରେ ସାମିଲ ହୋଇଥିଲେ।

### ଟ୍ରେଞ୍ଚରେ ପଡ଼ି ଷଣ୍ଢ ଗୁରୁତର

ଖଣ୍ଡପଡା,୯।୨(ସ୍ୱ.ପ୍ର.): ଏକ ଟେଲିଫୋନ କମ୍ପାନୀ ଦ୍ୱାରା ଖୋଳା ଯାଇଥିବା ଟ୍ରେଞ୍ଚରେ ପଡି ଏକ ଷଣ୍ଢ ଗୁରୁତର ହୋଇଛି। ଉକ୍ତ ଷଣ୍ଢକୁ ଭାପୁର ଦମକଳ ବାହିନୀ ଉଦ୍ଧାର କରିଛି । ପ୍ରକାଶ ଥାଉକି, କଣ୍ଟିଲୋ ଠାରୁ ଫତେଗଡ ପର୍ଯ୍ୟନ୍ତ ଏକ କମ୍ପାନୀ ପକ୍ଷରୁ ମାଟି ତଳେ ଅପଟିକାଲ କେବୁଲ ବିଛାଇବା ପାଇଁ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା କଡରେ ଟ୍ରେଞ୍ଚ ଖୋଳାଯାଇ କେବୁଲ କାର୍ଯ୍ୟ ଚାଲୁରହିଛି । କଣ୍ଟିଲୋ-ଫତେଗଡ ପୂର୍ତ୍ତ ବିଭାଗ ରାସ୍ତାର ପଥର ଚକଡାସ୍ଥିତ ପାନ୍ଥନିବାସ ନିକଟ ରାସ୍ତା କଡରେ ଖୋଳା ଯାଇଥିବା ଟ୍ରେଞ୍ଚରେ ଶୁକ୍ରବାର ରାତିରେ ଏକ ଷଣ୍ଢ ଖସି ପଡିଥିଲା । ସକାଳୁ ପଥରଚକଡା ନୂଆସାହିର ଲୋକେ ଏହା ଦେଖି ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରି ଅସଫଳ ହୋଇଥିଲେ । ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଷଣ୍ଢକୁ ଉଦ୍ଧାର କରିଥିଲେ ମଧ ତା'ର ପଛ ଗୋଡଟି ଭାଙ୍ଗି ଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ପ୍ରକାଶ। ଗ୍ରାମବାସୀଙ୍କ ଉଦ୍ୟମରେ ଚିକିତ୍ସା କରାଯାଉଛି।



# ମନ୍ଦିର ଚୋରିର ଟେର ପାଉନି ପୋଲିସ

■ଲଡୁବାବାଙ୍କ ହୁଣ୍ଡି ଭାଙ୍ଗି ଲୁଟିନେଇଥିଲେ ଲକ୍ଷାଧିକ ଟଙ୍କା

■ବର୍ଷେ ପରେ ବି ପୋଲିସ ହାତ ଖାଲି

ନୟାଗଡ଼ ଅଫିସ,୯।୨

ନୟାଗଡ଼ ଜିଲାର ପ୍ରସିଦ୍ଧ ଶରଣକୁଳ ଲଡୁବାବା ମନ୍ଦିରରୁ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟିନେଇଥିଲେ। ଘଟଣାର ଏକବର୍ଷ ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ପଡ଼ିଛି। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଘଟଣାରୁ ପ୍ରକାଶ ଯେ, ୨୬ ଜାନୁୟାରୀ ୨୦୧୮ ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ଲଡୁବାବାଙ୍କ ମନ୍ଦିର ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଲୁଟି ନେଇଥିଲେ। ପୋଲିସ ଏହି ଘଟଣାରେ ମନ୍ଦିର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ସିସିଟିଭିରେ ଜଣାପଡିଥିଲା ଯେ, ରାତ୍ର ୧୨ଟା ସମୟରେ ୨ ଦୁର୍ବୃତ୍ତ ମନ୍ଦିର ପଶ୍ଚିମପାର୍ଶ୍ୱ ପାଚେରି ଡେଇଁ ଭିତରକୁ ପ୍ରବେଶ କରିଥିଲେ। ପରେ ମନ୍ଦିର ଦକ୍ଷିଣପାର୍ଶ୍ୱରେ ଥିବା ହୁଣ୍ଡି ନିକଟକୁ ଆସି ଶାବଳ ସାହାଯ୍ୟରେ ହୁଣ୍ଡିରେ ପଡ଼ିଥିବା ୩ ତାଲା ଭାଙ୍ଗି ଟଙ୍କା ଲୁଟ୍ କରିଥିଲେ। ମନ୍ଦିର ପରିସରରେ ରାତ୍ର ଜଗୁଆଳି ଓ ଜଣେ ସେବାୟତ ଥିଲେ ମଧ ଏହାର କୌଣସି ସୁରାକ ପାଇପାରି ନ ଥିଲେ। ସକାଳେ ଠାକୁରଙ୍କ ନୀତି କାର୍ଯ୍ୟ ପାଇଁ ସେବାୟତମାନେ ସିଂହଦ୍ୱାର ଖୋଲି ମନ୍ଦିରକୁ ପ୍ରବେଶ କଲା ବେଳେ ହୁଣ୍ଡି ଭାଙ୍ଗିଥିବା ଦେଖିଥିଲେ। ପରେ ମନ୍ଦିର ସୁପରଭାଇଜର, ଦେବୋତ୍ତର ମ୍ୟାନେଜର ଓ ଶରଣକୁଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ମଧ ପହଞ୍ଚି ଛାନ୍‌ଭିନ୍ କରିଥିଲା। ଦେବୋତ୍ତର ମ୍ୟାନେଜର ଧରଣୀଧର ଶତପଥୀ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୫/୧୮ରେ ମାମଲା ରୁଜୁ କରିଥିଲା। ବର୍ଷେ ପରେ ବି ପୋଲିସ ଘଟଣାର ଟେର ପାଇନାହିଁ। ଏ ନେଇ ଶରଣକୁଳ ଥାନା ଅଧିକାରୀ ମନୋଜ କୁମାର ଶତପଥୀ କହନ୍ତି, ସିସିଟିଭି ଫୁଟେଜରେ ୨ ଦୁର୍ବୃତ୍ତଙ୍କ ମୁହଁ ଝାପ୍‌ସା ଦେଖାଯାଉଥିବାରୁ ପରିଚୟ ମିଳିପାରିଲା ନାହିଁ। ଫଳରେ ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ମଧ ମନ୍ଦିରରୁ ଚୋରି ଭଳି ଘଟଣା ଘଟିଛି। ଅମରେନ୍ଦ୍ର ଗଳିରେ ଥିବା ସିଦ୍ଧେଶ୍ୱରୀ ମନ୍ଦିରରୁ ୧୮ମାସ ତଳେ ଚୋରି ହୋଇଥିଲେ ମଧ ପୋଲିସକୁ ଏ ଦିଗରେ କୌଣସି ସଫଳତା ମିଳିନାହିଁ। ସେହିପରି ୨୮ ଏପ୍ରିଲ ୨୦୧୮ ରାତିରେ ଟାଉନ ଥାନା ଅନ୍ତର୍ଗତ ନୟାଗଡ଼ ଡିଆରଡିଏ ରୋଡର ଲେଖନପୁର ଗ୍ରାମ ସାଇମନ୍ଦିରରୁ ଚୋରି ହୋଇଥିଲା। କେହି ଦୁର୍ବୃତ୍ତ ମନ୍ଦିର ମୁଖ୍ୟ କବାଟ ତାଲା ଭାଙ୍ଗି ଭିତରେ ଥିବା ୨ଟି ହୁଣ୍ଡି ଓ ଠାକୁରଙ୍କ ପିତ୍ତଳ ପାଦୁକା (୧୦ରୁ ୧୧ କିଲୋ) ଚୋରି କରି ନେଇଥିଲେ। ମନ୍ଦିର କମିଟି ସଭାପତି ୨ଟି ହୁଣ୍ଡିରେ ପାଖାପାଖି ୬୦ ହଜାର ଟଙ୍କା ଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନେ ଟଙ୍କା ଖର୍ଚ୍ଚ କରିଦେଇଥିବା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଶରଣକୁଳ ମନ୍ଦିରରୁ ଚୋରି ହୋଇଥିବା ବେଳର ହୁଣ୍ଡି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୦।୨।୨୦୧୯ (ରବିବାର)**

- ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ
  **ସ୍ଥାନ :** ପଠାଣିସାମନ୍ତ ଅଡ଼ିଟୋରିୟମ, ନୟାଗଡ଼, **ସମୟ–** ସକାଳ ୯ଟା
- ଓକିଲଙ୍କ ଲାଇବ୍ରେରୀ ଗୃହ ଉଦ୍‌ଘାଟନ
  **ସ୍ଥାନ:** ପୁରୁଣା ବାର୍ ଆସୋସିଏଶନ, ନୟାଗଡ଼, **ସମୟ–** ଅପରାହ୍ନ ୩ଟା ୩୦
- ବିଜୁ କୃଷକ ଜନତା ଦଳର ଜିଲାସ୍ତରୀୟ ବୈଠକ
  **ସ୍ଥାନ:** ବିଜେଡି କାର୍ଯ୍ୟାଳୟ, ନୟାଗଡ଼, **ସମୟ–** ମଧ୍ୟାହ୍ନ ୧୨ଟା୩୦

**୧୧।୨।୨୦୧୯ (ସୋମବାର)**

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ବ୍ଲକ କାର୍ଯ୍ୟାଳୟ ପରିସର, ଭାପୁର, **ସମୟ–** ପୂର୍ବାହ୍ନ ୧୧ଟା
- କଂଗ୍ରେସ ପକ୍ଷରୁ ଜନଆକ୍ରୋଶ କାର୍ଯ୍ୟକ୍ରମ
  **ସ୍ଥାନ :** ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, **ସମୟ–** ପୂର୍ବାହ୍ନ ୧୧ଟା
- ଜିଲାପାଳଙ୍କୁ ଓକିଲ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ
  **ସ୍ଥାନ :** ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, **ସମୟ–** ଅପରାହ୍ନ ୧ଟା

**୧୩।୨।୨୦୧୯ (ବୁଧବାର)**

- କଂଗ୍ରେସ ପକ୍ଷରୁ ଜନଆକ୍ରୋଶ କାର୍ଯ୍ୟକ୍ରମ
  **ସ୍ଥାନ :** ଓଡ଼ଗାଁ ଏନ୍‌ଏସି ପ୍ରାଙ୍ଗଣ, **ସମୟ–** ପୂର୍ବାହ୍ନ ୧୧ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୬୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

# ସାହିତ୍ୟ କେବେ ରାଜନୀତିଠୁ ଅଲଗା ନୁହେଁ



ଅନାବରଣ ହୋଇଥିବା ସାରସ୍ୱତ ସାଧକଙ୍କ ପ୍ରତିମୂର୍ତ୍ତି।

ନୟାଗଡ଼ ଅଫିସ,୯।୨

ନୟାଗଡ଼ ଜିଲାର ବିଶିଷ୍ଟ ସାରସ୍ୱତ ସାଧକମାନଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଶନିବାର ବ୍ରଜେନ୍ଦ୍ର ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଶିଷ୍ଟ ସାରସ୍ୱତ ସାଧକ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ନାଟସାରଥୀ ଗୋବିନ୍ଦ ଚନ୍ଦ୍ର ଶୂରଦେଓ, ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର ଓ ପଣ୍ଡିତ ବିନାୟକ ମିଶ୍ରଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଅନାବରଣ କରିଥିଲେ। ଏହା ପରେ ଆମରି ଗପ ଆନୁକୂଲ୍ୟରେ ପ୍ରତିଭା ପୂଜା ପର୍ବ ୨୦୧୯ ଅନୁଷ୍ଠିତ ହୋଇଥିଲା। ଆମରି ଗପର ସମ୍ପାଦକ ଡ. ଅରବିନ୍ଦ ରାୟଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ବିଧାୟକ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ଭିନ୍ନକ୍ଷମମାନଙ୍କୁ ବୁଝିବାର ଶକ୍ତି ସାହିତ୍ୟିକଙ୍କ ପାଖରେ ଥାଏ। ସେମାନେ ଏହାକୁ ନିଜ ଭିତରେ ସ୍ଥାନିତ କରିବା ସହିତ ତାଙ୍କ ବ୍ୟଥାକୁ ନିଜ ମସ୍ତିଷ୍କ ଭିତରେ ବାରମ୍ବାର ଆନ୍ଦୋଳିତ କରି ସୁନ୍ଦର ଭାବେ ଉପସ୍ଥାପନା କରିଥାନ୍ତି। ସାହିତ୍ୟ କେବେ ବି ରାଜନୀତିଠାରୁ ଅଲଗା ନୁହେଁ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ଷଡ଼ଙ୍ଗୀ, ଜିଲା ଶିକ୍ଷାଧିକାରୀ ଡ. ଅଭୟ କୁମାର ମଲ୍ଲିକ, ଶାନ୍ତିନିକେତନର ସହଯୋଗୀ ପ୍ରଫେସର ଶରତ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ୩୦ ଜିଲାରୁ ଯୋଗ ଦେଇଥିବା ସାହିତ୍ୟିକମାନଙ୍କୁ ଆମରି ଗପ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩୦ ଜିଲାର କଥାକାରମାନଙ୍କ ଦ୍ୱାରା ଲିଖିତ ଓଡ଼ିଆ କଥା ଓ କଥାକାର, ବସରିନ୍ ବିବିଙ୍କ କିଶୋର ନାଟକ ରଙ୍ଗମଞ୍ଚ, ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ଚିତ୍ର–ଚରିତ୍ର ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ଓଡ଼ିଆ ଗଳ୍ପର ପ୍ରଗତି ଓ ସ୍ଥିତି ଉପରେ ମଧ ଆଲୋଚନା କରାଯାଇଥିଲା। ପ୍ରତିମୂର୍ତ୍ତି ସ୍ଥାପନ କମିଟି ଆବାହକ ପ୍ରମୋଦ ପଟ୍ଟନାୟକ ଅତିଥି ପରିଚୟ ଓ ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ କଥା ଓ କଥାକାର ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ପଣାସଂକ୍ରାନ୍ତି ନିମନ୍ତେ ପ୍ରସ୍ତୁତି ବୈଠକ

ଦଶପଲ୍ଲା,୯।୨(ଡି.ଏନ୍.ଏ.)

ଦଶପଲ୍ଲା ସହର ଉପକଣ୍ଠ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାବୀର ପ୍ରାଙ୍ଗଣରେ ଶନିବାର ପଣାସଂକ୍ରାନ୍ତି ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟି ସଭାପତି ଲକ୍ଷ୍ମୀଧର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଚଳିତବର୍ଷ ଯାତ୍ରା ଉତ୍ସବକୁ ବ୍ୟାପକ ଓ ସରସସୁନ୍ଦର କରିବା ନିମନ୍ତେ ଅଲୋଚନା ହୋଇଥିଲା। ୩ଦିନ ଧରି ଚାଲିବାକୁ ଥିବା ଯାତ୍ରା ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ । ଶେଷରେ କମିଟି ସମ୍ପାଦକ ସୁବାସ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଗଡଦ୍ୱାର ବନ୍ଧ ଉନ୍ନତୀକରଣ ପାଇ ଶିଳାନ୍ୟାସ

ବୋଲଗଡ଼,୯।୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ସଂପୁରସ୍ଥିତ ଗଡଦ୍ୱାର ବନ୍ଧର ଉନ୍ନତୀକରଣ ପାଇଁ ଶନିବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏହିପ୍ରକଳ୍ପ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୧୯ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ ମଞ୍ଜୁରୀ ହୋଇଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ବୋଲଗଡ ଜିଲାପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ବିଭାଗୀୟ ଯନ୍ତ୍ରୀ ରମେଶ ରାଉତ, ପଞ୍ଚାୟତ ପ୍ରତିନିଧିଙ୍କ ସମେତ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

# ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ


ନଗର ପରିକ୍ରମା ।

ଖଣ୍ଡପଡା,୯।୨(ସ୍ୱ.ପ୍ର.)

କଣ୍ଟିଲୋ ସତ୍‌ସଙ୍ଗ ବିହାରଠାରେ ରବିବାର ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କଣ୍ଟିଲୋ ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ ଭୁବନେଶ୍ୱରରୁ ଆସିଥିବା ସହ ପ୍ରତିଋତ୍ୱିକ ଧରଣୀଧର ସ୍ୱାଇଁଙ୍କ ଯାଜକ ଜନମାନସକୁ ପ୍ରେରଣା ଦେଇଥିଲା । ପ୍ରାତଃ ସମୟରୁ ଯଥାରୀତି ପୂଜା କାର୍ଯ୍ୟକ୍ରମ ପରେ ପୂର୍ବାହ୍ନ ୯ଟାରେ ନଗର କୀର୍ତ୍ତନ କରାଯାଇଥିଲା। ଠାକୁରଙ୍କ ବିଗ୍ରହକୁ ଏକ ସୁସଜ୍ଜିତ ରଥରେ ବିଜେ କରାଇ ମହା ଆଡମ୍ବର ସହକାରେ ଗୁରୁ ଭାଇମାନେ ନଗର ପରିକ୍ରମା କରିଥିଲେ । ଏହି ଅବସରରେ ସହପ୍ରତି ଋତ୍ୱିକ ମନୋଜ କୁମାର ରାଉଳଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନ ସାଢେ ୧୧ଟାରେ ସତ୍‌ସଙ୍ଗ ବିହାରଠାରେ ଏକ ସତ୍‌ସଙ୍ଗ ଓ ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆୟୋଜିତ ଉତ୍ସବରେ ଠାକୁରଙ୍କ ପାରିବାରିକ ଓ ଆଧ୍ୟାତ୍ମିକ ଜୀବନ ଉପରେ ଆଲୋଚନା କରାଯାଇ ସମସ୍ତ ଠାକୁର ପ୍ରେମୀଙ୍କ ମଧ୍ୟରେ ଶ୍ରୀଶ୍ରୀ ଠାକୁରଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ସହ ପ୍ରତି ଋତ୍ୱିକ ବସନ୍ତ କୁମାର ସାହୁ ଉକ୍ତ ଉତ୍ସବକୁ ପରିଚାଳନା କରିଥିଲେ। ଅପରାହ୍ନ ୩ଟାରେ ମାତୃ ସମ୍ମିଳନୀ ଓ ସନ୍ଧ୍ୟା ୬ଟାରେ ସନ୍ଧ୍ୟା ବିନତୀ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ସନାତନ ମହାନ୍ତି ଓ ସଭାପତି ବିଶ୍ୱ ରଞ୍ଜନ ମିଶ୍ର ଠାକୁରଙ୍କ ପଦପ୍ରାନ୍ତେ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ ।

### ଖଣ୍ଡପଡ଼ା ବନବିଭାଗ ପକ୍ଷରୁ ପକ୍ଷୀଗଣନା

# ବିଭିନ୍ନ ପ୍ରଜାତିର ୩୨୫୨ପକ୍ଷୀ ଚିହ୍ନଟ

ଖଣ୍ଡପଡା,୯।୨(ସ୍ୱ.ପ୍ର.)

ନୟାଗଡ ଜିଲା ଖଣ୍ଡପଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତବର୍ଷ ପକ୍ଷୀଗଣନା କାର୍ଯ୍ୟ ଶେଷ ହୋଇଛି। ବିଭିନ୍ନ ପ୍ରଜାତିର ୩୨୫୨ ପକ୍ଷୀ ଆସିଥିବା ଜଣାଯାଇଛି। ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପକ୍ଷୀଗଣନା କାର୍ଯ୍ୟ କରାଯାଇ ଏ ସମ୍ପର୍କିତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଖଣ୍ଡପଡା ବ୍ଲକ ଅଧୀନ ବାଣପୁର ଓ କଣ୍ଟିଲୋ ନିକଟସ୍ଥ ମହାନଦୀର କମେଇ ମୁହାଣକୁ ଚଳିତବର୍ଷ ଚକୁଆଚକୋଇ, ପାଣିକୁଆ, ହଂସରାଳି, ଚକୁଆ ପ୍ରଭୃତି ୫ଟି ପ୍ରଜାତିର ୧୦୫ ଗୋଟି ପକ୍ଷୀ ଆସିଥିବା ବେଳେ ବେଣାଗାଡିଆ ପଞ୍ଚାୟତ ଅଧୀନ ତେନ୍ତୁଳିଆପଲ୍ଲୀ ପାଟକୁ ୮ଟି ପ୍ରଜାତିର ସର୍ବମୋଟ ୨୭୫ ପକ୍ଷୀ ଆସିଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସେହିପରି ଭାପୁର ବ୍ଲକ ଅନ୍ତର୍ଗତ ବୋରଗାଁ ପାଟକୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ ସର୍ବାଧିକ ୧୨ ପ୍ରଜାତିର ସର୍ବମୋଟ ୨୮୭୨ଟି ଦେଶୀ ଓ ବିଦେଶୀ ପକ୍ଷୀ ଆସିଥିବା ଜଣାଯାଇଛି। ୧୨ଶହରୁ ଊର୍ଦ୍ଧ୍ୱ ହଂସରାଳି ପକ୍ଷୀ ଚଳିତବର୍ଷ ଆସିଥିବା ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଖଣ୍ଡପଡା ବନାଞ୍ଚଳ ପକ୍ଷରୁ ୩ଟି ସ୍ଥାନରେ ଆୟୋଜିତ ପକ୍ଷୀଗଣନା କାର୍ଯ୍ୟକ୍ରମରେ ବନପାଳ ଶ୍ରୀନିବାସ ଦାଶ, ଶ୍ରୀନିବାସ ମହାପାତ୍ର, ବସନ୍ତ କୁମାର ରାଉତଙ୍କ ସମେତ ସମସ୍ତ ବନବିଭାଗ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ଖଣ୍ଡପଡା ସହରର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀକୁ ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ବନବିଭାଗ ପକ୍ଷରୁ ଏଠାରେ ପକ୍ଷୀଗଣନା କରାଯାଇ ନ ଥିବା ଜଣାଯାଇଛି।


ମହାନଦୀରେ ବିଭିନ୍ନ ପ୍ରଜାତିର ପକ୍ଷୀ।

# ବେଉସା ପ୍ରତି ମୁହଁ ଫେରାଇଲେଣି କମାର

■୧୦୦ରୁ ୩୦ ପରିବାରଙ୍କ ରହିଛି କମାର ଶାଳ

■କଞ୍ଚାମାଲର ଅଭାବ, ଉଚିତ ମୂଲ୍ୟରେ ବିକ୍ରି ହେଉନି ସାମଗ୍ରୀ

ଅଜୟ କୁମାର ମହାରଣା
ଖଣ୍ଡପଡା,୯।୨

ଗାଁ ଗଣ୍ଡାରେ କମାରଶାଳ ପ୍ରାୟତଃ ଦେଖିବାକୁ ମିଳୁନାହିଁ। ତତଲା ଲୁହାକୁ ହାତୁଡ଼ିରେ ବାଡେଇ ବିଭିନ୍ନ ଉପକରଣର ସ୍ୱରୂପ ଦେଉଥିବା କମାରଙ୍କ ହାତୁଡ଼ି ପିଟା ଶବ୍ଦ ଆଉ ଶୁଣିବାକୁ ମିଳୁନି । କାହିଁ କେଉଁ କାଳରୁ ଗାଁ ଗହଳିରେ ପନିକି,ଦା, କୁରାଢି, କୋଦାଳ, କତୁରି ଆଦି ଯୋଗାଇ ଆସୁଥିବା କମାରଙ୍କ କୌଳିକ ବେଉସା ଏବେ ବିପନ୍ନ। ଏଥିରେ ପେଟ ପୋଷିବା ଅସମ୍ଭବ ହୋଇପଡୁଛି । ଫଳରେ କୌଳିକ ବୃତ୍ତି ପ୍ରତି ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି କମାର। ଅପରପକ୍ଷେ କଳକବଜା ଲୁହା ସାମଗ୍ରୀ ଏବଂ ଷ୍ଟିଲରେ ପ୍ରସ୍ତୁତ ବିଭିନ୍ନ ହାଲକା ସାମଗ୍ରୀ ପ୍ରତି ଲୋକେ ଆକୃଷ୍ଟ ହୋଇ ପୁରୁଣା ଢାଞ୍ଚାରେ ନିର୍ମିତ ସାମଗ୍ରୀ ପ୍ରତି ବିମୁଖ ହେଉଥିବାରୁ କମାରଙ୍କ କୌଳିକ ବୃତ୍ତି ଏବେ ହଜିଯିବାକୁ ବସିଲାଣି ।

ପ୍ରକାଶ ଯେ,ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ, ଖଣ୍ଡପଡା, ସିଧାମୂଳା, କିଆଟର, ଖଳିସାହି, ଢୋଲମରା, ମର୍ଦ୍ଦରାଜପୁର, ବନମାଳିପୁର, ବଳରାମପ୍ରସାଦ, ରାଣୀଛେଲି, ଶିଖରପୁର ଆଦି ବିଭିନ୍ନ ପଞ୍ଚାୟତରେ ଶହେରୁ ଊର୍ଦ୍ଧ୍ୱ କମାର ପରିବାର ବାସ କରି ସେମାନଙ୍କ ଜୀବନ ଜୀବିକା ନିର୍ବାହ କରିଆସୁଛନ୍ତି। ଏଥିମଧ୍ୟରୁ ଏବେ କିନ୍ତୁ ଅତି ବେଶି ହେଲେ ୨୫ରୁ ୩୦ଟି ପରିବାରର କମାର ଶାଳ କାଁ ଭାଁ ଚାଲୁଥିବାର ପରିଲକ୍ଷିତ ହେଉଛି । ଏହି ଶାଳଗୁଡିକ ପ୍ରାୟତଃ ମୁହଁ ଅନ୍ଧାରରୁ ଖୋଲିଥାଏ। ତେବେ ପୂର୍ବ ସମୟର କମାରଶାଳ ଅପେକ୍ଷା ବର୍ତ୍ତମାନର କମାରଶାଳ ଭିତରେ ବହୁ ପାର୍ଥକ୍ୟ ରହିଛି। ପୂର୍ବେ ଶାଳ ପାଇଁ ୨ଜଣ ଲୋକଙ୍କୁ ହାତରେ ବିଞ୍ଚଣାଧରି ବିଞ୍ଚିବାକୁ ପଡୁଥିଲା । ବର୍ତ୍ତମାନ ଇଲେକଟ୍ରିକ ମୋଟର ଫ୍ୟାନରେ ନିଆଁକୁ ପବନ ଦିଆଯାଉଛି, ଯାହାକୁ ବୋଲର ମେଶିନ କୁହାଯାଏ । ଶାଳରେ ମରାମତି କାମ ବ୍ୟତୀତ ଖଡିକା, ଚିମୁଟା, ଲୁହା କଣ୍ଟା ଆଦି ତିଆରି ହେଉଥିଲା। ଆଜିର ଷ୍ଟିଲ ଯୁଗରେ ସବୁକିଛି ବଦଳି ଗଲାଣି ବୋଲି କୁହନ୍ତି କଣ୍ଟିଲୋ ଅଞ୍ଚଳର କାରିଗର ଛେତ ମହାରଣା । ତାଙ୍କ ମତରେ ଗ୍ରାମାଞ୍ଚଳରେ ଯେପରି ମୂଲିଆ ମଜୁରି ବୃଦ୍ଧି ଘଟିଛି ସେଥିରେ ଶାଳରେ ମୂଲିଆ ଲଗାଇ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇପଡୁଛି । ପରିବାର ପ୍ରତିପୋଷଣ ପାଇଁ ମୋତେ କାର୍ଯ୍ୟରେ ମୋର ସ୍ତ୍ରୀ ସାହାଯ୍ୟ କରୁଥିବାରୁ କଷ୍ଟେ ମଷ୍ଟେ ଚଳିଯାଉଛୁ ବୋଲି ସେ କହିଥିଲେ । ଆମେ ସ୍ୱାମୀ ସ୍ତ୍ରୀ ଦୁଇଜଣ ଦିନଯାକ ଖଟି ଖଟି ମାତ୍ର ୨ଶହରୁ ୩ଶହ ଟଙ୍କା ରୋଜଗାର କଲେ ମଧ ତାହା ଆମ ଚଳିବାରେ ଯଥେଷ୍ଟ ନୁହେଁ ବୋଲି କାରିଗର ଛେତ ପ୍ରକାଶ କରିଛନ୍ତି । ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଥିବା ଜନୈକ ଶାଳ କାରିଗର କୃଷ୍ଣଚନ୍ଦ୍ର ମହାରଣାଙ୍କ ମତରେ ପ୍ରାୟ ୪୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏ ଶାଳରେ ଆମର ଗୁଜୁରାଣ ଚାଲିଛି। ତେବେ ପିଲାମାନେ ଏବେ କିନ୍ତୁ ଏହି ବୃତ୍ତି ପ୍ରତି ସମ୍ପୂର୍ଣ୍ଣ ଅନାଗ୍ରହ ବୋଲି ସେ କୁହନ୍ତି । ତାଙ୍କ ମତରେ ସମ୍ପ୍ରତି ପାରମ୍ପରିକ କମାର ଶାଳ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ଲୁହା ସାମଗ୍ରୀ ଜିନିଷ ମଧ୍ୟରେ କଣ୍ଟାଠାରୁ କଡେଇ, ଭୁଜାଲିଠାରୁ ଘରର ସବୁ ଜିନିଷ ଏବେ ରେଡିମେଡରେ ବଜାରରେ ଲୋକେ ହାତପାଆନ୍ତାରେ ପାଇ ଯାଉଛନ୍ତି। କଞ୍ଚାମାଲର ଅଭାବ କମାରଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ବିଶେଷ କରି ଏବେ କଡାକଡି ଭାବେ ଜଙ୍ଗଲ ସୁରକ୍ଷା ଆଇନ କାଯ୍ୟକାରୀ ହେବାରୁ କମାରଙ୍କୁ ଆଉ କାଠ କୋଇଲା ସୁବିଧାରେ ମିଳୁନି । ଦିନଥିଲା ଜଙ୍ଗଲର ଉତ୍କୃଷ୍ଟ କାଠ କୋଇଲା ଭାର ପିଛା ୫୦ରୁ ଶହେ ଟଙ୍କା ମଧ୍ୟରେ ଥିବା ବେଳେ ଏବେ କିନ୍ତୁ ନିମ୍ନମାନର କାଠ କୋଇଲା ଭାର ପିଛା ୭ଶହରୁ ଊର୍ଦ୍ଧ୍ୱ ଟଙ୍କାରେ ମିଳୁଛି ତାହା ବି ସହଜରେ ମିଳୁନି। ସେହିପରି ଖଣ୍ଡ ଲୁହା ଆଉ ପୂର୍ବ ପରି ସୁଲଭ ହୋଇ ନାହିଁ। ଏବେ ଚାଇନା ଓ ରାଜସ୍ଥାନୀ ନିର୍ମିତ କୃଷି ଯନ୍ତ୍ରପାତି ବହୁଳ ବ୍ୟବହାର ହେଉଥିବାରୁ ପାରମ୍ପରିକ ଉପକରଣର ବ୍ୟବହାର ଏବଂ ଚାହିଦା ହ୍ରାସ ପାଇଛି । ଫଳରେ କମାରର ସାମଗ୍ରୀ ଉଚିତ ମୂଲ୍ୟରେ ବିକ୍ରି ହେଉ ନ ଥିବାରୁ ଏହି ବେଉସାରେ ପେଟ ପୋଷିବା ସମ୍ଭବପର ହେଉନି ବୋଲି କେତେକ କମାର କହିଛନ୍ତି। ଫଳରେ ବହୁ କମାର ଏବେ ନିଜ କୌଳିକ ବୃତ୍ତିରୁ ଓହରି ଯାଉଥିବାରୁ ଏହି ଗାଉଁଲି ଶିଳ୍ପ ଏବେ ଲୋପ ପାଇବାକୁ ବସିଲାଣି ।


ଶାଳରେ କାର୍ଯ୍ୟରତ ଏକ କମାର ଦମ୍ପତି।

## ସଂକ୍ଷେପରେ

### ଘୁମୁସର ଲେଖିକା ସଂସଦର କବିତା ପାଠୋତ୍ସବ

ଭଞ୍ଜନଗର,୯।୨(ଡି.ଏନ.ଏ): ସ୍ଥାନୀୟ ଘୁମୁସର ଲେଖିକା ସଂସଦର ମାସିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। 'ସାହିତ୍ୟରେ ଦାମ୍ପତ୍ୟ' ଉପରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଂସଦର ସଭାନେତ୍ରୀ ରୀତାରାଣୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାଙ୍ଗଠନିକ ସମ୍ପାଦିକା ପ୍ରଭାତ ମଞ୍ଜରୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ଡ. ନଳିନୀପ୍ରଭା ଦାସ, କୋଷାଧକ୍ଷା ରଞ୍ଜୁଲତା ବେହେରା, ସୁଜାତା ସିଂ, ସୁଜାତା ଷଡ଼ଙ୍ଗୀ, ରେଣୁପ୍ରଭା ଦାଶ, ଶୁଭସ୍ମିତା ଦାଶ, ଗାୟତ୍ରୀ ସାହୁ, ସଙ୍ଗୀତା ପଣ୍ଡା, ପ୍ରମୋଦା ମହାନ୍ତି ସ୍ୱରଚିତ କବିତା ପାଠ କରିଥିଲେ। ଯୁଗ୍ମ ସମ୍ପାଦିକା ସୁଜାତା ସିଂ ଧନ୍ୟବାଦ ଦେଇଥିଲେ। ମୀନାକ୍ଷୀ ବେହେରା, ରୋଜାଲିନ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବୁଥ ଲେବଲ ଅଧିକାରୀଙ୍କୁ ତାଲିମ



ଶେରଗଡ,୯।୨(ଡି.ଏନ୍.ଏ.)- ଶେରଗଡ ବ୍ଲକ ସଭାଗୃହରେ ଶନିବାର ୧୧୦ ବୁଥ ଲେବଲ ଅଧିକାରୀଙ୍କ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ ଓ ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ବିନାୟକ ପଣ୍ଡା ତାଲିମ ପ୍ରଦାନ କରିଥିଲେ। ୧୮ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ତୁରନ୍ତ ନାମ ତାଲିକାରେ ଯୋଗ କରିବା, ମୃତ ବ୍ୟକ୍ତିଙ୍କୁ ତାଲିକାକୁ ବାଦ ଦେବା, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଦିଗରେ ବୁଥ ଲେବଲ ଅଧିକାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଭୋଟ ପାଇଁ ଆଚରଣ ବିଧି ଲାଗିବା ପୂର୍ବରୁ ଭିନ୍ନକ୍ଷମ ଭୋଟର ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏଣୁ ୧୧୦ ବୁଥ ଲେବଲ ଅଧିକାରୀମାନେ ଏ ଦିଗରେ ସଚେତନ କରିବାକୁ କୁହାଯାଇଥିଲା। ଉକ୍ତ ବୈଠକରେ ଏବିଡିଓ ଅରୁଣ କୁମାର ପ୍ରଧାନଙ୍କ ସମେତ ସମସ୍ତ ବୁଥର ଅଧିକାରୀମାନେ ଯୋଗ ଦେଇଥିଲେ।

### ମାଡ ମାରି ଜଣେ ଗିରଫ

ଛତ୍ରପୁର,୯।୨(ଡି.ଏନ.ଏ.)-ଘରର ସଦସ୍ୟଙ୍କୁ ପିଟାପିଟି କରୁଥିବା ଅଭିଯୋଗରେ ଛତ୍ରପୁର ପୋଲିସ ଶନିବାର କତୁରୁ ଗାଁର ବନମାଳି ମହାରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ବନମାଳିଙ୍କ ନାଁରେ ତାଙ୍କ ଝିଅ ଛତ୍ରପୁର ଥାନାରେ ଲିଖିତ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଛତ୍ରପୁର ପୋଲିସ ନଂ-୧୭/୧୯ରେ ମାମଲା ରୁଜୁ କରି ବନମାଳିଙ୍କୁ ଗିରଫ କରିଥିଲେ।

### ୨ ଟ୍ରାକ୍ଟର, ଜେସିବି ଜବତ

ଛତ୍ରପୁର,୯।୨(ଡି.ଏନ.ଏ.)-ଛତ୍ରପୁର ତହସିଲ ଚିକଲଖଣ୍ଡି ପଞ୍ଚାୟତ ଝରପୋଖରୀ ନିକଟରୁ ବେଆଇନ୍ ଭାବେ ମୋରମ ବାହାର କରୁଥିବା ନେଇ ଖବର ପାଇ ଶନିବାର ରାଜସ୍ୱ ନିରୀକ୍ଷକ ସେଠାରେ ପହଞ୍ଚିଥିଲେ। କାର୍ଯ୍ୟରେ ନିୟୋଜିତ ୨ ଟି ଟ୍ରାକ୍ଟର ଓ ଗୋଟିଏ ଜେସିବିକୁ ଜବତ କରାଯାଇଥିଲା। ପରେ ଏହାକୁ ଛତ୍ରପୁର ପୋଲିସକୁ ହସ୍ତାନ୍ତର କରାଯାଇଛି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଆସିକା,୯।୨(ଡି.ଏନ୍.ଏ.): ଆସିକା ବ୍ଲକ ଦେବଭୂମି ପଞ୍ଚାୟତ ମାମୁଁଡିହ ଗ୍ରାମରେ ରଘୁନାଥ ଯୁବକ ସଂଘ ପକ୍ଷରୁ ଶନିବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ଅପୂର୍ବ ଗୌଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟ ଗୌରହରି ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ଗୋଷ୍ଠିର ଏଭଳି ସାମାଜିକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଶିବିରରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ମିହିରକାନ୍ତ ପାଣିଗ୍ରାହୀ ଓ ଅସ୍ତିଶଲ୍ୟ ବିଶେଷଜ୍ଞ ଡାକ୍ତର ବିଶ୍ୱକେଶ ପାଣିଗ୍ରାହୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଖପାଖ ଗ୍ରାମାଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚନ୍ଦ୍ରମଣି ସାହୁ, ସନ୍ତୋଷ ମହାରଣା, ସଂଜୟ ନାୟକ, ପିଙ୍କୁ ସାହୁ, ବଳରାମ ସାହୁ, ସମିର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ହାତୀଓଟ ପୋଖରୀ ଖୋଳା ଦୁର୍ନୀତି

# ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

ହାତିଓଟ,୯।୨

ପୋଲସରା ପଞ୍ଚାୟତ ସମିତି ହାତୀଓଟ ଗ୍ରାମ ପଞ୍ଚାୟତର ପୋଖରୀ ଖୋଳାରେ ହୋଇଥିବା ଦୁର୍ନୀତିର ୨ମାସ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଦୁର୍ନୀତି ନିବାରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୋଲସରା ପଞ୍ଚାୟତ ସମିତି ହାତୀଓଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧୋୟାକଣା ଗ୍ରାମର ନୂଆବନ୍ଧ (ପୋଖରୀ) ପୁନରୁଦ୍ଧାର ସକାଶେ ୨୦୧୭-୧୮ରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ମଞ୍ଜୁର ହୋଇଥିବା ଏହି ଅର୍ଥରେ ପୋଖରୀ ଖନନ କାର୍ଯ୍ୟ କରାନଯାଇ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା।

ସୂଚନା ଅଧିକାରୀ କର୍ମୀ ରୋହିତ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ଗତ ବର୍ଷ ମାର୍ଚ୍ଚ ୨୫ ରୁ ମେ' ୨୪ ତାରିଖ ମଧ୍ୟରେ ୪୭ ଜଣ ଜବ୍ କାର୍ଡଧାରୀଙ୍କ ପାଇଁ ୨୦୩୩ କର୍ମ ଦିବସ ସୃଷ୍ଟି କରାଯାଇଥିବା ଦର୍ଶାଯାଇ ୩,୫୭,୮୦୮/- ଟଙ୍କା ଉଠାଯାଇଥିଲା। କିନ୍ତୁ ପ୍ରକୃତରେ ଧୋୟାକଣା ଗ୍ରାମରେ ନୁଆବନ୍ଧ (ପୋଖରୀ) ନାମରେ କୌଣସି ପୋଖରୀ ନଥିଲା କିମ୍ବା ପୁନରୁଦ୍ଧାର କାର୍ଯ୍ୟ ହୋଇନଥିଲା। ଏନେଇ ରୋହିତ ପୋଲସରା ବିଡିଓ, ଗଞ୍ଜାମ ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଦୁର୍ନୀତି ନିବାରଣ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ପରେ ଏନେଇ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁପିସି-୧୮୧୦୮/୨୦୧୮ରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାୟାନୁଷ୍ଠାନ ଗ୍ରହଣ କରିବାକୁ ଦୁର୍ନୀତି ନିବାରଣ ବିଭାଗ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସଡ଼କ ସୁରକ୍ଷା ସଚେତନତା ରାଲି

ତୁମୁଡିବନ୍ଧ,୯।୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ତୁମୁଡିବନ୍ଧ ପୋଲିସ ଦ୍ୱାରା ଶନିବାର ପୂର୍ବାହ୍ନ ୧୦ଟାରେ ସଡକ ସୁରକ୍ଷା ସଚେତନ ଦିବସ ପାଳିତ ହୋଇଯାଇଛି। ତୁମୁଡିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କୁ ନେଇ ଉଚ୍ଚ ବିଦ୍ୟାଳୟ ଠାରୁ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ସଚେତନ ଶୋଭାଯାତ୍ରା ବାହାରିଥିଲା। ଦ୍ରୁତ ଗତି ମହାବିପତି, ମଦ୍ୟପାନ କରି ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲରେ କଥା ନ ହେବା, ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ଭଳି ବିଭିନ୍ନ ଲେଖାଥିବା ପ୍ଲା କାର୍ଡ ଧରି ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ୟାମସୁନ୍ଦର ନାୟକ, ତ୍ରିନାଥ ପ୍ରଧାନ, ଅଜୟ ନାୟକ ଯୋଗଦେଇଥିବାବେଳେ ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ସରାଫ, ଏ.ଏସ୍.ଆଇ ଯୁଗଳ କିଶୋର ନାୟକଙ୍କ ସମେତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।




ଛାତ୍ରୀଛାତ୍ରମାନେ ରାଲିରେ ଯାଉଛନ୍ତି।

ପ୍ରଥମ 'ଅନ୍‌ଲାଇନ୍ ଏତଲା' କଲେ କୃଷକ

## କ୍ରାଇମ୍ ଏଣ୍ଡ କ୍ରିମିନାଲ ଟ୍ରାକିଂ ନେଟ୍‌ୱାର୍କ ସିଷ୍ଟମ୍‌ର ଉପଯୋଗ

ସୋରଡା, ୯।୨ (ଡି.ଏନ୍.ଏ.)

ଭାରତ ସରକାରଙ୍କ ମିଶନ୍‌ମୋଡ଼ ପ୍ରୋଜେକ୍ଟ ତଥା ଓଡ଼ିଶା ପୋଲିସ ଦ୍ୱାରା ପ୍ରଣୟନ କରାଯାଇଥିବା "କ୍ରାଇମ୍ ଏଣ୍ଡ କ୍ରିମିନାଲ ଟ୍ରାକିଂ ନେଟ୍‌ୱାର୍କ ସିଷ୍ଟମ" ପ୍ରକଳ୍ପର ସୁଫଳ ସ୍ଥାନୀୟ ଥାନା ଅଞ୍ଚଳରେ ଶନିବାର ଦେଖିବାକୁ ମିଳିଛି। ଥାନାରେ ଯେକୌଣସି କାମ ପାଇଁ ଏହି ବ୍ୟବସ୍ଥାରେ ଜଣେ ଲୋକ ସେବା ପାଇପାରିବ। ସୁରମଣି ଗ୍ରାମପଞ୍ଚାୟତର ଭାଲିଆଗୋଛା ଗ୍ରାମର ଜଣେ କୃଷକ କୃଷ୍ଣ ବେହେରା(୨୨) ପ୍ରଥମ କରି ଉକ୍ତ ଥାନା ଅଞ୍ଚଳରେ ପ୍ରଥମ ଅନ୍‌ଲାଇନ୍ ଏତେଲାକାରୀ ଭାବେ ସିସିଟିଏନ୍ ପୋଟାଲ୍‌ରେ ପଞ୍ଜୀକରଣ କରି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସେ ବ୍ୟବହାର କରୁଥିବା ଗୋଟିଏ ସିମ୍ କାର୍ଡ ଗ୍ରାମରୁ ସୋରଡା ଆସିଲାବେଳେ ହଜିଯାଇଥିଲା। ଏ ନେଇ ଥାନାରେ ଏତଲା ଦେବା ପାଇଁ କିଛି ଲୋକଙ୍କୁ ଲେଖି ଦେବାକୁ କହିଥିଲେ କିନ୍ତୁ କେହି ନ କରିବାରୁ ନିରାଶ ହୋଇ ଗ୍ରାହକ ସେବାକେନ୍ଦ୍ରକୁ ଯାଇ ସିସିଟଏନ୍ ପୋଟାଲ୍‌ରେ ଆବେଦନ କରିଥିଲେ। ଆବେଦନ ପରେ ଓଡ଼ିଶା ପୋଲିସ ପକ୍ଷରୁ ସେବା ଅନୁରୋଧ ନଂ. ୨୪୯୧୦୪୦୧୯୦୦୦୧ ପ୍ରଦାନ କରାଯାଇ ସ୍ଥାନୀୟ ଥାନା ଅଧିକାରୀ ପ୍ରଭାତ ସାହୁଙ୍କୁ ଯୋଗାଯୋଗ ପାଇଁ ଏକ ପତ୍ର ମଧ୍ୟ ପୋଟାଲ୍‌ରେ ପ୍ରଦାନ କରାଯାଇଥିଲା। କୃଷ୍ଣ ଉକ୍ତ ପତ୍ରକୁ ଥାନା ଅଧିକାରୀ ପ୍ରଭାତ ସାହୁଙ୍କୁ ପ୍ରଦାନ କରିଥିଲେ। ଥାନା ଅଧିକାରୀ ସାହୁ କହିଥିଲେ ସିସିଟିଏନ୍ ପୋଟାଲରେ ଏହି ଥାନା ଅଞ୍ଚଳରେ ଏହି ପ୍ରଥମ ସେବା ଆବେଦନକାରୀ। ଏହି ଏତଲାର ସୂଚନା ଏହି ଥାନାକୁ ପୋଟାଲ ମାଧ୍ୟମରେ ଆସିବା ପରେ ନିୟମାନୁଯାୟୀ ଏହାର ସେବା ମୂଳକ କପି ପୁଣି ଆବେଦନକାରୀ ସିସିଟିଏନ୍ ପୋଟାଲରେ ପାଇଯିବେ। ସମ୍ପତ୍ତି ନଷ୍ଟ, ଚରିତ୍ର ପ୍ରମାଣ, ଶୋଭାଯାତ୍ରା, ନିଖୋଜ, ଆନ୍ଦୋଳନ ଆଦି ସେବା ଏଥିରେ ରହିଥିବା ସେ କହିଛନ୍ତି।



କୃଷକ କୃଷ୍ଣ ଆବେଦ ପତ୍ର ପ୍ରଦାନ କରୁଛନ୍ତି।

## ଆଦର୍ଶ ବିଦ୍ୟାଳୟରେ ପିଟିଏ ବୈଠକ

ପୋଲସରା,୯।୨(ଡି.ଏନ.ଏ.)

ପୋଲସରା ବ୍ଲକ ହାତୀଓଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ପିଟିଏ (ପ୍ୟାରେଣ୍ଟ ଟିଚର ଆସୋସିଏଶନ)ର ବୈଠକ ଅଜିତ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ଅଭିଭାବକ ଯୋଗଦେଇ ବିଦ୍ୟାର୍ଥୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ ବିଦ୍ୟାଳୟକୁ ସଂଯୋଗ କରୁଥିବା ଆପ୍ରୋଚ ରୋଡ ଖେଳ ପଡ଼ିଆ ଓ ବାଉଣ୍ଡାରୀ ୱାଲ ଏବଂ ଚଳିତ ବର୍ଷ ବିଦ୍ୟାଳୟର ବାର୍ଷିକ ଉତ୍ସବ କିଭଳି ଉନ୍ନତଧରଣର କରାଯିବ ସେଥିଲାଗି ମଧ୍ୟ ମୌଖିକ ଭାବେ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ଆଦର୍ଶ ବିଦ୍ୟାଳୟର ଅଧକ୍ଷା ସ୍ମିତା ନାୟକ ପରିଚାଳନା କରିଥିଲେ। ଏଥିରେ ନୀହାର ରଞ୍ଜନ ଦାସ, ସ୍ମୃତିରେଖା ଦାସ, ରତ୍ନମୟୀ ପୁରୋହିତ, ବିକ୍ରମ ନାୟକ, ଅମ୍ବିକା ଆଚାରୀ, ଶିଶିର କୁମାର ବେହେରା, ଗାୟତ୍ରୀ ନାୟକଙ୍କ ସମେତ ସମସ୍ତ ଶିକ୍ଷକ, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।

ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା

## ୨ ଦିନ କାର୍ଯ୍ୟବନ୍ଦ ପାଇଁ ନିଷ୍ପତ୍ତି

ଦିଗପହଣ୍ଡି,୯।୨(ଡି.ଏନ.ଏ.)

ଦିଗପହଣ୍ଡି ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସଂଘ ସଭାପତି ରସାନନ୍ଦ ରାଉତ ଅଧକ୍ଷତା କରିଥିଲେ। ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରାଯିବା, ନବାଗତ ଆଇନଜୀବୀମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରିବା, ସମସ୍ତ ଆଇନଜୀବୀଙ୍କୁ ବୀମା ସହାୟତା ଓ ସ୍ୱତନ୍ତ୍ର ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦେବା ପ୍ରଭୃତି ୧୦ ଦଫା ଦାବି ପୂରଣ ଦିଗରେ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ପ୍ରତିବାଦରେ ସର୍ବଭାରତୀୟ ଆଇନଜୀବୀ ପରିଷଦ ଆନ୍ଦୋଳନ ଡ଼ାକରାକୁ ସମର୍ଥନ ନିମନ୍ତେ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ସୋମବାରରୁ ମଙ୍ଗଳବାର ଦୁଇଦିନ ବ୍ୟାପି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସଂଘ ସାମିଲ ହେବ ବୋଲି ଘୋଷଣା କରାଯାଇଛି। ଆଲୋଚନା ସଭାରେ ସଂଘ କାର୍ଯ୍ୟକର୍ତ୍ତା ହର ପ୍ରସାଦ ରଥ, ମନୋରଞ୍ଜନ ପଣ୍ଡା, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଚନ୍ଦ୍ରଧ୍ୱଜ ସିଂହ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ସୂର୍ଯ୍ୟ ନାରାୟଣ ସାହୁ, ରତ୍ନାକର ମେକାପ, ନୀଳ ମାଧବ ରଥ, ସତ୍ୟ ନାରାୟଣ ରଥ, ହେମନ୍ତ କୁମାର ପାଣିଗ୍ରାହୀ, ଇ.ଅର୍ଜୁନ ଓ ରଞ୍ଜନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସମ୍ପର୍କିତ ନିର୍ଦ୍ଧାରଣର ନକଲ ମାଜିଷ୍ଟ୍ରେଟ ରଞ୍ଜନ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯିବା ପାଇଁ ସଭାରେ ନିଷ୍ପତ୍ତି ଗୃହୀତ କରାଯାଇଥିବା ଜଣାପଡ଼ିଛି।

## ନିର୍ବାଚନ ପାଠଶାଳା

ବୁଗୁଡ଼ା,୯।୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ତାଳଶାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଇନଜୀବୀ ପ୍ରଭାତ କୁମାର ଜେନାଙ୍କ ଆବାହକତ୍ୱରେ ଶନିବାର ନିର୍ବାଚନ ପାଠଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଥ ନଂ ୨୬ ଓ ୨୭ର ବୁଥସ୍ତରୀୟ ଅଧିକାରୀ ହିମାଂଶୁ ଶେଖର ବିଶ୍ୱାଳ, ଶଶିକାନ୍ତ ପାତ୍ରଙ୍କ ସମେତ ଲକ୍ଷ୍ମୀ ନାହାକ ଓ ତୁଳସୀ ସାହୁ ପ୍ରମୁଖ ଅଙ୍ଗନୱାଡି କର୍ମୀ ଯୋଗଦେଇ ଗ୍ରାମର ସମସ୍ତ ଭୋଟରମାନଙ୍କୁ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ବିଷୟ ଆଲୋଚନା କରିଥିଲେ।

## ବିଜେଡି କର୍ମୀ ସମ୍ମିଳନୀ



ସମ୍ମୀଳନୀରେ ଯୋଗଦେଇଥିବା କର୍ମୀମାନେ।

ଖଜୁରିପଡ଼ା,୯।୨

ଖଜୁରିପଡ଼ା ବ୍ଲକର ବିଜେଡି କର୍ମୀ ସମ୍ମିଳନୀ ବୈଠକ ଶୁକ୍ରବାର ପିଲାସାଲୁଙ୍କି ଡେମ୍‌ରେ ବିଧାୟକ ଆଶାୟୀ ପ୍ରାର୍ଥୀ ନବୀନ କହଁରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କହଁର ବିଜେଡିରୁ ଟିକେଟ ପାଇଁ ସେ ସମ୍ପୂର୍ଣ୍ଣ ଆଶାୟୀ ଥିବା ସମସ୍ତଙ୍କ ଉପସ୍ଥିତିରେ ସ୍ପଷ୍ଟ କରିଥିଲେ। ମୋତେ ପ୍ରାର୍ଥୀ ହେବାକୁ ସୁଯୋଗ ମିଳିଲେ, ମୁଁ ନିଶ୍ଚିତ ଜିତିବି ଓ ଖଜୁରିପଡ଼ା ବ୍ଲକ ଏବଂ ଫୁଲବାଣୀ ନିର୍ବାଚନ ମଣ୍ଡଳିର ସର୍ବାଙ୍ଗୀନ ଉନ୍ନତି କରିବି ବୋଲି ମତ ପ୍ରକାଶ କରିଥିଲେ। ଉପସ୍ଥିତ କର୍ମୀମାନେ କହିଥିଲେ ଯେ, ଆମ୍ଭେମାନେ ବି ଚାହୁଁଛୁ ଯେ କର୍ମୀମାନଙ୍କ ସାଥିରେ ରହି ଯିଏ ଜନସାଧାରଣଙ୍କ ଉନ୍ନତି କରିବାକୁ ଚାହୁଁଛି ତାଙ୍କୁ ପ୍ରାର୍ଥୀ କରାଯିବା ଦରକାର ଶିକ୍ଷିତ ଓ ଯୋଗ୍ୟ ବିବେଚିତ ବ୍ୟକ୍ତି ପ୍ରାର୍ଥୀ ହେଲେ ଦଳର ଶୃଙ୍ଖଳିତ ରହିବା ସହ ସଙ୍ଗଠନ ମଜଭୂତ କରିହେବ। ଯିଏବି ଦଳୀୟ ପ୍ରାର୍ଥୀହେବ ତାଙ୍କୁ ସମସ୍ତେ ଏକତ୍ରିତ ହୋଇ ଜିତାଇବାକୁ ପଡ଼ିବ ବୋଲି ପର୍ଯ୍ୟବେକ୍ଷକ ଈଶ୍ୱର ନାଏକ, ରତ୍ନାକର ନାଏକ ପ୍ରମୁଖ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ଅନୁରୋଧ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଶତାଧିକ କର୍ମୀଯୋଗ ଦେଇଥିବା ବେଳେ ଜିଲାପରିଷଦ ସଭ୍ୟ ଜୁଲିଲତା ଲେଙ୍କା, ବିଜେଡି କର୍ମୀ ଅନ୍ତର୍ଯ୍ୟାମି ଦଳବେହେରା, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

## ବିନାୟକ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଛତ୍ରପୁର,୯।୨(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲୀ ଗାଁ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅବସ୍ଥିତ ବିନାୟକ ମନ୍ଦିର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯଜ୍ଞକୁଣ୍ଡରେ ବିଜୟ ଚନ୍ଦ୍ର ମହାରଣା ଓ ଶାନ୍ତିଲତା ମହାରଣା ଆହୁତି ଦେବାସହ ପୂଜା କାର୍ଯ୍ୟ କରିଥିଲେ। ପୁରୋହିତ କୃଷ୍ଣଚନ୍ଦ୍ର ଶତପଥୀ ଓ ପ୍ରକାଶ ଚନ୍ଦ୍ର ଶତପଥୀ ଉପସ୍ଥିତ ରହି ସଂସ୍କାର, ଭୂମିପୂଜନ, ଗୋଶାଳା ଅଗ୍ରପୂଜା, ଜୀବନ୍ୟାସ ପୂଜା, ଅର୍ଚ୍ଚନା, ଘୃତ ଯଜ୍ଞ, ବେଦପାଠ କରିଥିଲେ। ମନ୍ଦିର ପୂଜା କମିଟି, ଗାଁ କମିଟି ଓ ମହାରଣାକୁଳ ପରିଚାଳନାରେ ସହଯୋଗ କରିଥିଲେ।

## ଚୁନାଓ୍ୱ ପାଠଶାଳା

ଛତ୍ରପୁର,୯।୨(ଡି.ଏନ.ଏ.)

ନିର୍ବାଚନ କମିଶନ ଓ ଗଞ୍ଜାମ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଲକ୍ଷ୍ମୀପୁର ପଞ୍ଚାୟତ କରାପଲ୍ଲୀ ଅଙ୍ଗନୱାଡି କେନ୍ଦ୍ର ବୁଥ୍‌ରେ ଚୁନାଓ୍ୱ ପାଠଶାଳା ଅନୁଷ୍ଠିତ ହୋଇଯାଇଛି। ଭୋଟର ତାଲିକାରେ କେହି ନାଁ ସଂଯୋଗ କରି ନ ଥିଲେ, ଏହାକୁ କରିବାକୁ ପରାମର୍ଶ ଦିଆଯାଇଥିଲା। ନିର୍ଭୟରେ ଭୋଟ ଦେବାକୁ ସଚେତନ କରାଯାଇଥିଲା। ଇଭିଏମ୍ ଓ ଭିଭି ପାଟ୍ ସମ୍ପର୍କରେ ମଧ୍ୟ ଭୋଟରଙ୍କୁ ଅବଗତ କରାଯାଇଥିଲା। ସେହିପରି ଟାଙ୍ଗଣାପଲ୍ଲୀ, ନରେନ୍ଦ୍ରପୁର, କେସି ନଗରଡିହ, ରାମପଲ୍ଲୀ ଓ କେରାଣ୍ଡିତୋଳା ଆଦି ଗାଁର ବୁଥ୍ ଗୁଡିକରେ ଏହି ଚୁନାଓ୍ୱ ପାଠଶାଳା ଅନୁଷ୍ଠିତ ହୋଇଥିଲା।

## ସ୍କୁଲର ବାର୍ଷିକୋତ୍ସବ

ଛତ୍ରପୁର,୯।୨(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତ କରାପଲ୍ଲୀ ଗାଁର ରାଧାକୃଷ୍ଣ ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ କମିଟି ସଭାପତି ମାଗୁଣି ବିଷୋୟୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପୁର ସରପଞ୍ଚ ଏନ୍. ନାରସିମ୍ହୁଲୁ ରେଡ୍ଡୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସହକାରୀ ଗୋଷ୍ଠୀ ଅଧିକାରୀ ସୀତାରାମ ପାତ୍ର, ନରେନ୍ଦ୍ରପୁର ସିଆରସିସି ବିଜୟ କୁମାର ପ୍ରଧାନ, ସମ୍ମାନନୀୟ ଅତିଥି ଭାବେ ଭିକାରିପଲ୍ଲୀ ସରପଞ୍ଚ ଧବଳେଶ୍ୱର ପ୍ରଧାନ, ସଭାପତି କାଳିଆ ନାହାକ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶୃଙ୍ଖଳିତ ଭାବେ ଅଧ୍ୟୟନ କରି ସୁନାଗରିକ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ସଂସ୍କୃତ ଶିକ୍ଷକ ବାସୁଦେବ ରଥ ବେଦପାଠ କରିଥିବା ବେଳେ ଶିକ୍ଷକ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉଭୟ ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ଦାସ ଓ ମୋହନ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଧୀରେନ୍ଦ୍ରନାଥ ଧନ୍ୟବାଦ ଦେଇଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଫୁଲବାଣୀ ଅଫିସ, ୯।୨

ଫୁଲବାଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ପ୍ରଫେସର ବୈକୁଣ୍ଠନାଥ ସ୍ୱାଇଁ, ଅଧାପିକା ଜ୍ୟୋତିର୍ମୟୀ କହଁର, ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାରୀ ଦିଗାଲ ଓ ବନ୍ଦନା ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ କେଉଁଥିରେ କମ୍ ନୁହନ୍ତି। ମନ ଦେଇ ପାଠ ପଢିଲେ ଭଲ ମଣିଷ ହେବା ସହ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରମିଳା କୁମାରୀ ଦାସ, ତାରାପ୍ରସାଦ ମିଶ୍ର, ବିମଳ ବେହେରା, ସଞ୍ଜିତା ପ୍ରଧାନ, ବୁଲି ନାୟକ, ଅନୀତା ପଟ୍ଟନାୟକ, ଅନୀତା ବେହେରା, ସୁଜାତା ମାଝି, ସୁଜାତା ପଟ୍ଟନାୟକ, ମୀରା ଭୋଇ, ଜ୍ୟୋତ୍ସ୍ନାମୟୀ ସାହୁ, ରଞ୍ଜିତା ନାୟକ ଓ ତରୁଲତା ପରିଡା ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଛାତ୍ରୀ।

## ମହିଳା ସମାବେଶ: ପଲିଥିନ, ମଦ ମୁକ୍ତ ପାଇଁ ନିଷ୍ପତ୍ତି

ଦାରିଙ୍ଗବାଡ଼ି, ୯।୨(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ଜାଗୃତି ପ୍ରାଙ୍ଗଣରେ ଶୁକ୍ରବାର ଉକ୍ତ ବ୍ଲକ ଅଞ୍ଚଳର ମହିଳା ସମାବେଶ ହୋଇଥିଲା। ବିଭିନ୍ନ ସମସ୍ୟାର ସମାଧାନ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଇଥିଲା। ନାରୀନେତ୍ରୀ ନବାତୀ ମନ୍ତ୍ରୀଙ୍କ ଅଧକ୍ଷତାରେ ବୈଠକରେ ମୁଖ୍ୟ ଅତିଥି ଭାବେ ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ, ଓଡ଼ିଶା ଜୀବିକା ମିଶନ ବିପିଏମ୍ ଅକ୍ଷୟ ପ୍ରଧାନ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ଏଏସଆଇ ଆର.ଭୀମରାଓ ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ। ଦାରିଙ୍ଗବାଡ଼ି ଅଞ୍ଚଳରେ ଦିନକୁ ଦିନ ନାବାଳିକାମାନେ ଅସୁରକ୍ଷିତ ରହିବା ସହ ସାମାଜିକ ସୁରକ୍ଷାର ଆବଶ୍ୟକତା ରହିଛି। ସେସମ୍ପର୍କରେ ଆଲୋଚନା କରାଯିବା ସହ ଗାଁରେ ଛାତ୍ରୀଛାତ୍ରଙ୍କୁ ତଥା ଯୁବତୀଯୁବକ ଏବଂ ମହିଳାମାନଙ୍କୁ ସଚେତନ କରି ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଏଥି ସହ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବା ପାଇଁ ମହିଳାମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅଞ୍ଚଳକୁ ନିଶାମୁକ୍ତ କରିବା ସହ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ଏବଂ ଘରେ ଘରେ ସ୍ୱରୋଜଗାରକ୍ଷମ ହେବାକୁ ହେଲେ ନିଶା ମୁକ୍ତ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଅଞ୍ଚଳରୁ ପଲିଥିନ ପ୍ଲାଷ୍ଟିକ ମୁକ୍ତ କରିବାକୁ ସମସ୍ତ ମହିଳା ସଂକଳ୍ପ ନେଇଥିଲେ। ସେହିପରି ଜଙ୍ଗଲ ସୁରକ୍ଷା ସହ ପୋଡୁ ଚାଷ ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମାବେଶରେ ୧୪୦ ଗ୍ରାମର ଶତାଧିକ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ପାଦିକା ନମଜିନୀ ମଲ୍ଲିକ, ପ୍ରଫୁଲ୍ଲା ସିଂ, ଭିକ୍ଟୋରିଆ ନାୟକ ଓ ଜିଓବାନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ତରଙ୍ଗ ଯୁବ ମହାସଂଘ ଜିଲା ସଭାପତି ଦିଲୀପ କୁମାର ସାହୁ, ସଂଯୋଜକ ଧନେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ମହିଳା ସମାବେଶରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା ଚାଲିଛି।